ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.29, Bhubaneswar Thursday, March 5, 2020 ୨୩ତମ ବର୍ଷ ସଂଖ୍ୟା-୨୯ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୫, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୋରୋନା ଭୂତାଣୁ ମୁକାବିଲା ଓ ପ୍ରସ୍ତୁତି ସମୀକ୍ଷା

ନୂଆଦିଲ୍ଲୀ, ୪ ।୩(ପି.ଏନ): କୋରୋନା ଭୂତାଣୁ ମୁକାବିଲା ପ୍ରସ୍ତୁତି ଏବଂ ପଦକ୍ଷେପର ସମୀକ୍ଷା ଲାଗି ଆଜି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପି.କେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରୋନା ଭୂତାଣୁ ସ୍ଥିତି ସମୀକ୍ଷା ଲାଗି ୨୫ ଜାନୁଆରୀରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସେହି ଶୃଙ୍ଖଳାରେ ଏହା ହେଉଛି ସପ୍ତମ ବୈଠକ । ଆଜିର ବୈଠକରେ କ୍ୟାବିନେଟ ସଚିବ, ବୈଦେଶିକ ସଚିବ, ସ୍ୱାସ୍ଥ୍ୟ, ବେସାମରିକ ବିମାନ ଚଳାଚଳ, ସୂଚନା ଓ ପ୍ରସାରଣ, ଜାହାଜ ଚଳାଚଳ, ପର୍ଯ୍ୟଟନ ମନ୍ତ୍ରଣାଳୟର ସଚିବଙ୍କ ସମେତ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ, ଗୃହ ମନ୍ତ୍ରଣାଳୟ ଅଧୀନ ସୀମା ପରିଚାଳନା ବିଭାଗ ସଚିବ ଏବଂ ପ୍ରତିରକ୍ଷା ବାହିନୀ, ଏନଡିଏମଏ, ନୀତି ଆୟୋଗ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଅଧିକ ଜନସଂଖ୍ୟା ଏବଂ ରୋଗର ଉତ୍ପତିସ୍ଥଳ ଠାରୁ କମ ଦୂରତାରେ ଥିଲେ ହେଁ ଭାରତରେ ରୋଗ ସଂକ୍ରମଣ ନିରାକରଣ ପାଇଁ ବର୍ତମାନ ସୁଦ୍ଧା ନିଆଯାଇଥିବା ସକ୍ରିୟ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଥିଲେ । ତେବେ ରାଜ୍ୟ ସରକାରଙ୍କ ସହ ଭାଗିଦାରୀ ଜରିଆରେ କେନ୍ଦ୍ର-ରାଜ୍ୟ ସମନ୍ୱୟ ଜରିଆରେ ଆହୁରି ପ୍ରଭାବୀ ପଦକ୍ଷେପ ଗ୍ରହଣ କରିବା ଲାଗି ଏହି ବୈଠକରେ ନିଷ୍ପତି ନିଆଯାଇଥିଲା ।ଏହି ବୈଠକରେ ବ୍ୟାପକ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ତେବେ ଗତକାଲି ଠାରୁ ମୁକାବିଲାର ସ୍ତରକୁ ସମ୍ପ୍ରସାରିତ କରିବା ଦିଗରେ ଯେଉଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ହୋଇଥିଲା ତାହା ହେଉଛି - ସମସ୍ତ ବିମାନ ବନ୍ଦର ଓ ସାମୁଦ୍ରିକ ବନ୍ଦରରେ ସାମଗ୍ରିକ ଯାଂଚ ବ୍ୟବସ୍ଥାକୁ ଆହୁରି ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଓ ବିଦେଶରୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କ ଠାରୁ ସତ୍ୟପାଠ ଗ୍ରହଣ କରାଯିବା । ରାଜ୍ୟ ସରକାର, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ ରଖି ଅନ୍ତର୍ଜାତୀୟ ସୀମାରେ ଥିବା ସମନ୍ୱିତ ଚେକ ପୋଷ୍ଟରେ ଯାଂଚ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଗୃହମନ୍ତ୍ରଣାଳୟକୁ ଦାୟିତ୍ୱ ଦିଆଯାଇଥିଲା । ଏ ଦିଗରେ ଏନଆଇସି ପକ୍ଷରୁ ଇମିଗ୍ରେସନ ବ୍ୟୁରୋ ଏବଂ ଗୃହ ମନ୍ତ୍ରଣାଳୟକୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ।ରାଜ୍ୟ ସରକାରଙ୍କ ସହ ଭାଗିଦାରୀ ଜରିଆରେ ଯଥାଶୀଘ୍ର ଜିଲ୍ଲାସ୍ତର ସମେତ ଦେଶର ବିଭିନ୍ନ ଭାଗରେ ସଂକ୍ରମିତଙ୍କ ଚିକିତ୍ସା ଲାଗି ଆବଶ୍ୟକ ପରୀକ୍ଷଣ ସୁବିଧା, ପୃଥକୀକରଣ ଏବଂ କ୍ୱାରେଂଟିନ ସୁବିଧା କରିବା ଲାଗି ନିଷ୍ପତି ନିଆଯାଇଥିଲା । ଗୃହ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ରେଳବାଇ ଏବଂ ଶ୍ରମ ମନ୍ତ୍ରଣାଳୟ ମଧ୍ୟ ସେମାନଙ୍କ ଚିକିତ୍ସା ସୁବିଧା ଏବଂ ଡାକ୍ତରଖାନା ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରଣାଳୟକୁ ସହାୟତା କରିବେ । ଠିକ ସମୟରେ ସଧାରଣ ଲୋକଙ୍କ ନିକଟରେ ସୂଚନା ଓ ମାର୍ଗଦର୍ଶିକା ପହଁଚାଇବା ତଥା କ'ଣ କରିବା ଏବଂ ନକରିବା ଆବଶ୍ୟକ ସେ ସମ୍ପର୍କରେ ସଚେତନ କରିବା ଲାଗି ସ୍ୱାସ୍ଥ୍ୟ, ମାନବ ସମ୍ବଳ ବିକାଶ ଏବଂ ଏନଡିଏମଏ ସହିତ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କରିବା ଲାଗି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟକୁ ଦାୟିତ୍ୱ ଦିଆଯାଇଥିଲା । ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରଣାଳୟର ମୁଖପାତ୍ର ଦୈନିକ ତଥ୍ୟ ଯୋଗାଇ ଦେବେ ଯାହାଫଳରେ ଲୋକମାନଙ୍କ ନିକଟରେ ଠିକ ସମୟରେ ସୂଚନା ପହଁଚିପାରିବ । ଏନଡିଏମଏ ଏବଂ ସମ୍ପୃକ୍ତ ଏଜେନ୍ସି ଏବଂ ସରକାରୀ ବିଭାଗ ସହ ମିଶି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ 'ସଂକ୍ରମିତ ସ୍ଥାନ' ଚିହ୍ନଟ କରିବା ଓ ଡାକ୍ତରୀ ସୁବିଧା ଉପଲବ୍ଧତା ସମ୍ପର୍କରେ ସୂଚନା ପାଇଁ ଜିଆଇଏସ ମ୍ୟାପିଂ ବ୍ୟବସ୍ଥାକୁ ସକ୍ରିୟ କରିବ । ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ୨୩ ଜାନୁଆରୀ, ୨୦୨୦ ଠାରୁ ଆରମ୍ଭ କରାଯାଇଥିବା ୨୪ ଘଂଟିଆ ହେଲ୍ପ ଲାଇନ ସୁବିଧା ବେଶ ସଫଳ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା । ବର୍ତମାନ ସୁଦ୍ଧା ଏହି ନମ୍ବରକୁ ୬ହଜାର ଫୋନ କଲ ଆସିସାରିଛି । କୋରୋନା ଭୂତାଣୁ ଦ୍ୱାରା ଦେଖାଦେଇଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ଲାଗି ଗୋଷ୍ଠୀ ଏବଂ ସ୍ଥାନୀୟ ସଂସ୍ଥାଗୁଡ଼ିକର ସହଭାଗିତା ଜରୁରି ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଘରୋଇ କ୍ଷେତ୍ରକୁ ଅଧିକ ମାତ୍ରାରେ ସମ୍ପୃକ୍ତ କରିବା ଲାଗି ନିଷ୍ପତି ନିଆଯାଇଥିଲା ।ଜନ ସମାବେଶ ଏଡ଼ାଇବା ଲାଗି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥିବାରୁ ବର୍ତମାନ କୌଣସି ଅନ୍ତର୍ଜାତୀୟ ବୈଠକ କିମ୍ବା ସମ୍ମିଳନୀ ଆୟୋଜନ କରିବା ପୂର୍ବରୁ ସରକାରୀ ବିଭାଗ ଓ ମନ୍ତ୍ରଣାଳୟମାନେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଠାରୁ ପରାମର୍ଶ ଗ୍ରହଣ କରିବେ ।ଏଥିପୂର୍ବରୁ ଆଜି ମାନନୀୟ ପ୍ରଧାନମନ୍ତ୍ରୀ ଟ୍ୱିଟ କହି ସୂଚନା ଦେଇଥିଲେ ଯେ ନୋଭେଲ କୋରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଜନସମାବେଶ ଆୟୋଜନ ନକରିବା ଲାଗି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ତେଣୁ ମୁଁ ଏଥର ହୋଲି ମିଳନ କାର୍ଯ୍ୟକ୍ରମରେ ଯୋଗ ନଦେବା ଲାଗି ନିଷ୍ପତି ନେଇଛି ।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମୋ ସରକାର କାର୍ଯ୍ୟକ୍ରମରେ ସାମିଲ ହେଲା - ବିଦ୍ୟାଳୟ ଗଣଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ, ଶକ୍ତି, ଉଚ୍ଚ ଶିକ୍ଷା ଓ ବିଜ୍ଞାନ ଟେକ୍‌ନୋଲୋଜି ବିଭାଗ

କରୋନା ଭାଇରସ୍ : ଓଡିଶାରେ ୧୧୫ ଜଣ ସନ୍ଦିଗ୍ଧ ଚିହ୍ନଟ

ଭୁବନେଶ୍ୱର, ୪ ।୩(ପି.ଏନ): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୧୫ ଜଣ କରୋନା ଭାଇରସ୍ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ ହୋମ ଆଇସୋଲେସନ ପାଇଁ ପରାମର୍ଶ ଦିଆଯାଇଛି । ଏହାସହ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ଡିଏମଇଟି ସିବିକେ ମହାନ୍ତି କହିଛନ୍ତି । ଭିଡିଓ ଫର୍ମାର୍ଟ ରେ ଲୋକଙ୍କୁ ଅଧିକ ସଚେତନ କରାଯିବ । ସେଥିପାଇଁ ଗାଇଡ୍ ଲାଇନ ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ଗଣଶିକ୍ଷା ବିଭାଗ, ନିର୍ମାଣ ବିଭାଗ ଭଳି ବିଭିନ୍ନ ବିଭାଗକୁ ସଚେତନତା ପାଇଁ ସାମିଲ କରାଯାଇଛି ।ଭାଇରସ୍ ମୁକାବିଲା ପାଇଁ ସମସ୍ତ ପ୍ରକାର ପ୍ରତିଶେଧକ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି ।

ଯୁକ୍ତ ୨ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୪ ।୩(ପି.ଏନ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷାର୍ଥୀ ମାନଙ୍କର ପରୀକ୍ଷା ଆଜି ଆରମ୍ଭ ହୋଇଛି । ଯୁକ୍ତ -୨ ବିଜ୍ଞାନ ପରୀକ୍ଷା ଦେଉଥିବା ଛାତ୍ର ଛାତ୍ରୀ ମାନଙ୍କର ପରୀକ୍ଷା ମଙ୍ଗଳବାର ଦିନ ଆରମ୍ଭ ହୋଇଥିଲା ।ଅନ୍ୟପକ୍ଷରେ ଯୁକ୍ତ ୨ କଳା ଓ ବାଣିଜ୍ୟର ଓଡ଼ିଆ ପରୀକ୍ଷାରେ ଆଜି କପି କରି ୪୧ ପିଲା ଧରାପଡିଛନ୍ତି ।ସୂଚନାଯୋଗ୍ୟ ଯେ କଳା ବିଷୟରେ ସର୍ବାଧିକ ୨ ଲକ୍ଷ ୨୦ ହଜାର ୪୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ବିଜ୍ଞାନରେ ୯୭ ହଜାର ୫୪୬ , ବାଣିଜ୍ୟରେ ୨୫ ହଜାର ୭୮୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୭ ହଜାର ୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷାଦେଉଛନ୍ତି ।

୫ ଟନ୍ ବିସ୍ଫୋରକ ଜବତ ମାମଲାରେ ୩ ଗିରଫ

ଜୟପୁର, ୪ ।୩(ପି.ଏନ): ଗତ ୨ତାରିଖ ଦିନ ହାଇଦ୍ରାବାଦ ଠାରୁ ମାଲକାନଗିରି ଜିଲା କର୍କଣ୍ଡା ର ଏକ କ୍ରସର କୁ ବେଆଇନ ଚାଲାଣ ହେଉଥିବା ବିସ୍ଫୋରକ ବୋଝେଇ କେଂଟେନର ଜବତ ଘଟଣାରେ ତିନି ଜଣ ଙ୍କୁ ଗିରଫ କରାଯାଇଛି । ଗିରଫଙ୍କ ମଧ୍ୟରେ ରହିଛନ୍ତି ଗାଡି ଚାଳକ,ହେଲପର ଏବଂ ସଙ୍କେତ କ୍ରସର ମାଲିକ ବିଶ୍ୱନାଥ ରେଡ୍ଡୀ ।ଏନେଇ ବୁଧବାର ଏକ ପ୍ରେସମିଟ୍ ଯୋଗେ ସୂଚନା ଦେଇଛନ୍ତି ଜୟପୁର ଏସଡିପିଓ ଧୀରେନ କୁମାର ସ୍ୱାଇଁ । ସୂଚନା ଅନୁଯାୟୀ ଗତ ୨ତାରିଖ ଦିନ ଜୟପୁର ସ୍ଥିତ ଗାନ୍ଧିଛକ ରୁ ଏକ କେଂଟେନର ଟିଏସ୍ ୦୮ ଏୟୁ ୧୨୫୧ରୁ ୫ ଟନ୍ ରୁ ଉର୍ଦ୍ଧ୍ୱ ବିସ୍ଫୋରକ ଜବତ ହୋଇଥିଲା ।

ସାଧାରଣ ଲୋକ ଓ କର୍ମଚାରୀଙ୍କ ଜୀବନକୁ ସୁରକ୍ଷିତ କରିବା ଜାତୀୟ ସୁରକ୍ଷା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ- କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର

ଭୁବନେଶ୍ୱର, ୪ ।୩(ପି.ଏନ): ସାଧାରଣ ଲୋକ ଓ କର୍ମଚାରୀମାନଙ୍କ ଜୀବନକୁ ସୁରକ୍ଷିତ କରିବା ଆମ ସମସ୍ତଙ୍କ ପ୍ରାଥମିକତା ହେବା ଦରକାର ବୋଲି ଶକ୍ତି, ଶିଳ୍ପ, ଏମଏସଏମଇ, ଗୃହମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି । ଆଜି ପୂର୍ବାହ୍ନରେ କୃଷିଭବନ ପ୍ରେକ୍ଷାଳୟରେ ଶକ୍ତି ବିଭାଗ, ଗ୍ରୀଡ଼କୋ ଏବଂ ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ(ଓପିଟିସିଏଲ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ୪୯ତମ ଜାତୀୟ ସୁରକ୍ଷା ଦିବସ ଅବସରରେ ଆୟୋଜିତ ଏକ ସଚେତନତା ସଭାରେ ମନ୍ତ୍ରୀ ଏହା କହିଛନ୍ତି । ଆକସ୍ମିକ ଦୁର୍ଘଟଣାକୁ ହୁଏତ ରୋକା ଯାଇନପାରେ କିନ୍ତୁ ଦୁର୍ଘଟଣାରେ ଘଟୁଥିବା ଧନ ଓ ପ୍ରାଣହାନିକୁ ଆମେ ରୋକିପାରିବା ସେଥିପାଇଁ ଆମକୁ ସଚେତନ ଏକ ସତର୍କତା ଅବଲମ୍ବନ କରିବାକୁ ହେବ । ପ୍ରତ୍ୟେକ ଦାୟିତ୍ୱବାନ କର୍ମଚାରୀ ଭାବେ ନିଜ ନିଜର କର୍ତବ୍ୟରେ ସୁଚାରୁ ସମ୍ପାଦନ ପ୍ରତି ଧ୍ୟାନଦେବା, ନିଷ୍ଠାର ସହ କାର୍ଯ୍ୟ କରିବା ଏବଂ କାର୍ଯ୍ୟରେ କୌଣସି ତ୍ରୁଟିକୁ ପ୍ରଶ୍ରୟ ଦେବା ନାହିଁ ତେବେ ମଣିଷ ଭଳି ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିପାରିବା ବୋଲି ସେ କହିଥିଲେ ।ବୈଠକ ପ୍ରାରମ୍ଭରେ ଗଞ୍ଜାମ ବିଦ୍ୟୁତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଏକ ସୁରକ୍ଷା ଶପଥ ପାଠ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ଗ୍ରୀଡ୍‌କୋ ଏବଂ ଓପିଟିସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ସୌରଭ ଗର୍ଗ, ସେସୁର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅରୁ ବୋଥ୍ରା, ଇଆଇସି ଶ୍ରୀ ସନ୍ତୋଷ କୁମାର ଦାସ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଶିଷ ଈଶ୍ୱର ପାଟିଲ୍ ଯୋଗଦେଇ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଇଂ. ଉମାକାନ୍ତ ମିଶ୍ର ସୁରକ୍ଷାର ଆବଶ୍ୟକତା ଏବଂ ଏହାର ପ୍ରୟୋଗ ଉପରେ ଗଭୀର ଭାବେ ଆଲୋକପାତ କରିଥିଲେ । ବକ୍ତାମାନେ ସୁରକ୍ଷା ସମ୍ବନ୍ଧରେ ସ୍କୁଲ ସ୍ତରର ପାଠ୍ୟକ୍ରମରେ ଏକ ବିଷୟ ସ୍ଥାନିତ କରିବା ପାଇଁ ମତ ଦେଇଥିଲେ । ପରେ ଏହି ଦିବସ ଉପଲକ୍ଷେ ଆୟୋଜିତ ଓଡ଼ିଆ ସୁରକ୍ଷା ସ୍ଲୋଗାନ, ପୋଷ୍ଟର ପ୍ରସ୍ତୁତି, ଶ୍ରେଷ୍ଠ ସୁରକ୍ଷା କ୍ୟାପସନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ଶ୍ରେଷ୍ଠ ସୁରକ୍ଷିତ ଗ୍ରୀଡ୍ ଭାବେ କେନ୍ଦ୍ରାପଡ଼ା ଗ୍ରୀଡ୍ ସବଷ୍ଟେସନ ପ୍ରଥମ, ଗ୍ରୀଡ୍ ସବଷ୍ଟେସନ ଲକ୍ଷ୍ମୀପୁରକୁ ଦ୍ୱିତୀୟ ଏବଂ ଗ୍ରୀଡ୍ ସବଷ୍ଟେସନ ଆସ୍କାକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସର୍ବୋତମ ନିର୍ମାଣ କାର୍ଯ୍ୟକ୍ଷେତ୍ର ଭାବେ ମଂଚେଶ୍ୱର ୧୩୨/୩୩ କେ.ଭି. ଜିଆଇଏସ, ମଂଚେଶ୍ୱରକୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସୁରକ୍ଷା ଉପକରଣଗୁଡ଼ିକର ଏକ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦଘାଟନ କରି ବୁଲି ଦେଖିଥିଲେ ।

କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା

ନୂଆଦିଲ୍ଲୀ, ୪ ।୩(ପି.ଏନ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବୁଧବାର ଦିନ ନୂଆଦିଲ୍ଲୀଠାରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟିଛନ୍ତି । ଏହି ଅବସରରେ ସେ ବିଭିନ୍ନ ବିଷୟରେ ଆଲୋଚନା କରିଥିବା ନେଇ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାର ବିଭିନ୍ନ ବ୍ୟାଙ୍କ ୟୁନିୟନ୍ ସହ ଜଡ଼ିତ ପ୍ରସଙ୍ଗ ଓ ଭୁବନେଶ୍ୱର ଲୋକସଭା ଆସନ ଅଂଚଳର ଲୋକମାନଙ୍କର ବ୍ୟକ୍ତିଗତ ସମସ୍ୟାକୁ ନେଇ ସେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ।

ଦିଲ୍ଲୀ ହିଂସା ପ୍ରସଙ୍ଗରେ ତୃତୀୟ ଦିନରେ ମଧ୍ୟ ବିରୋଧୀଙ୍କ ସଂସଦରେ ହଟ୍ଟଗୋଳ

ନଆଦିଲ୍ଲୀ, ୪ ।୩(ପି.ଏନ): ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିନରେ ଲୋକସଭାରେ ଦିଲ୍ଲୀ ହିଂସା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବିରେ ବିରୋଧୀ ମାନେ ହଟ୍ଟଗୋଳ କରିଥିଲେ । ବିରୋଧୀ ଦଳର ସାଂସଦ ମାନଙ୍କର ହଟ୍ଟଗୋଳ କାରଣରୁ ପ୍ରଶ୍ନକାଳ ଓ ଶୂନ୍ୟକାଳ ଚାଲି ପାରି ନ ଥିଲା ।ବୁଧବାର ସକାଳ ୧୧ ଟାରେ ଗୃହ ସାକ୍ଷାତ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଦିଲ୍ଲୀ ହିଂସା ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି କରିଥିଲେ । ତାଙ୍କ ପାଖରେ ପ୍ଲାକାର୍ଡ ଥିଲା ଯେଉଁଥିରେ ଲେଖିଥିଲା ଯେ ଆମେ ନ୍ୟାୟ ଚାହୁଁ । ଏହି ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହି ଥିଲେ ଯେ ହୋଲି ପରେ ମାର୍ଚ୍ଚ ୧୧ ରେ ଦିଲ୍ଲୀ ହିଂସା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ସରକାର ଗତ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ମାର୍ଚ୍ଚ ୧୧ ରେ ଲୋକସଭାରେ ଏବଂ ମାର୍ଚ୍ଚ ୧୨ ରେ ରାଜ୍ୟସଭାରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ହୋଲି ପରେ ସରକାର ଗୃହ ଉପରେ ଆଲୋଚନା କରିବାକୁ ଜିଦ୍ ଧରି ରହିବା ପରେ ବିରୋଧୀମାନେ ହଟ୍ଟଗୋଳ କରିଥିଲେ । ଏହି କାରଣରୁ ପ୍ରଶ୍ନକାଳ ଚାଲି ପାରି ନ ଥିଲା ଓ ବାଚସ୍ପତି ଗୃହକୁ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ ।

ଭାରତୀୟ ଦଳର ନୂତନ ମୁଖ୍ୟ ଚୟନକର୍ତ୍ତା ହେଲେ ସୁନୀଲ ଯୋଶୀ

ନୂଆଦିଲ୍ଲୀ, ୪ ।୩(ପି.ଏନ): କ୍ରିକେଟ୍ ବୋର୍ଡ ଅଫ୍ ଇଣ୍ଡିଆ (ବିସିସିଆଇ) ର କ୍ରିକେଟ୍ ପରାମର୍ଶଦାତା କମିଟି ବୁଧବାର ସୁନୀଲ ଯୋଶୀଙ୍କୁ ଭାରତୀୟ ଦଳର ନୂତନ ମୁଖ୍ୟ ଚୟନକର୍ତା ଭାବରେ ନିଯୁକ୍ତ କରିଛି । ଏହା ବ୍ୟତୀତ ପୂର୍ବତନ ଫାଷ୍ଟ ବୋଲର ହରବିନ୍ଦର ସିଂଙ୍କୁ ଜାତୀୟ ଚୟନ କମିଟିରେ ଅନ୍ତର୍ଭୁକ୍ତ କରାଯାଇଛି । ଯୋଶୀ ଏମଏସକେ ପ୍ରସାଦ ଏବଂ ହରବିନ୍ଦର ଗଗନ ଖୋଡାଙ୍କ ସ୍ଥାନ ନେବେ । ପୂର୍ବତନ ଭାରତୀୟ କ୍ରିକେଟର ମଦନ ଲାଲ, ଆରପି ସିଂ ଏବଂ ମହିଳା ଖେଳାଳି ସୁଲକ୍ଷଣା ନାୟକଙ୍କୁ ନେଇ ଗଠିତ ଉପଦେଷ୍ଟା କମିଟି ବୁଧବାର ମୁମ୍ବାଇର ବିସିସିଆଇ ମୁଖ୍ୟାଳୟରେ ବୈଠକ କରିଥିଲେ । ଏହି ବୈଠକରେ ଅଲ ଇଣ୍ଡିଆ ସିନିୟର ସିଲେକସନ କମିଟି (ପୁରୁଷ) ର ଦୁଇ ଜଣ ସଦସ୍ୟ, ଏକ ବର୍ଷ ପରେ ମନୋନୀତ ହୋଇଥିବା ପରାମର୍ଶଦାତା କମିଟି ପ୍ରାର୍ଥୀଙ୍କ ସମୀକ୍ଷା କରିବେ ଏବଂ ବିସିସିଆଇରେ ରିପୋର୍ଟ ଦାଖଲ କରିବେ । ଦୁଇଜଣ ନୂତନ ସଦସ୍ୟ ଯୋଶୀ ଏବଂ ହରବିନ୍ଦର ଚୟନ କମିଟିରେ ଯୋଗଦେବେ ।ସୂଚନାଯୋଗ୍ୟ ଯେ ଜାତୀୟ ଚୟନକର୍ତା ନିର୍ବାଚନ ପାଇଁ ବିସିସିଆଇ ୫ଜଣ ଖେଳାଳିଙ୍କ ନାମ ସର୍ଟଲିଷ୍ଟ କରିଛି । ମଙ୍ଗଳବାର ମୁମ୍ବାଇରେ ଆୟୋଜିତ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି)ବୈଠକରେ ଜାତୀୟ ଚୟନ କମିଟିର ଦୁଇଟି ପଦବୀ ପୂରଣ ପାଇଁ ପାଂଚ ଜଣ ପ୍ରାର୍ଥୀଙ୍କୁ ସାକ୍ଷାତକାର ଦେବାକୁ ନିଷ୍ପତି ନିଆଯାଇଛି । ଏହାମଧ୍ୟରେ ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଭେଙ୍କଟେଶ ପ୍ରସାଦ ମଧ୍ୟ ସାମିଲ ହୋଇଥିଲେ ।

ଟ୍ରକ୍‌କୁ ଧକ୍କା ଦେଲା କାର, ଜଣେ ମୃତ , ୩ ଗୁରୁତର

ଭଦ୍ରକ/ଭୁବନେଶ୍ୱର,୪ ।୩(ପି.ଏନ): ଭଦ୍ରକ ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥର ଚରମ୍ପା ରେଲୱେ ବ୍ରିଜ ନିକଟରେ ଗତକାଲି ବିଳମ୍ବିତ ରାତ୍ରୀରେ ଏକ ସଡକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନି ଜଣ ଆହତ ହୋଇଥିବା ଜଣା ପଡିଛି । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବାସୁଦେବପୁର ଅଂଚଳର । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତ୍ରୀରେ ଚାରି ଜଣଙ୍କୁ ନେଇ ଆସୁଥିବା ଏକ କାର ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା । ଏହି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଦୁର୍ଘଟଣାର ସୂଚନା ମିଳିବା ପରେ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳକୁ ଆସି ଆହତ ମାନଙ୍କୁ ଉଦ୍ଧାର କରିବା ସହ ଭଦ୍ରକ ସ୍ଥିତ ଜିଲ୍ଲା ମଖ୍ୟାଳୟ ଡାକ୍ତରଖାନାକୁ ନେଇଥିଲେ । ସେମାନଙ୍କର ଅବସ୍ଥା ସେଠାରେ ଗୁରୁତର ହେବା କାରଣରୁ ସେମାନଙ୍କୁ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତରିତ କରଯାଇଥିବା ଜଣାପଡିଛି ।

ଅଟୋ ରିକ୍ସାରୁ ୪୭.୫ କେ.ଜି. ଗଞ୍ଜେଇ ଜବତ, ୫ ଗିରଫ

ଗଞ୍ଜାମ, ୪ ।୩(ପି.ଏନ):- କବିସୂର୍ଯ୍ୟ ନଗର ଥାନା ଅନ୍ତର୍ଗତ ଗଡ଼ଆକୁଳ ଛକରେ କବିସୂର୍ଯ୍ୟନଗର ପୋଲିସ ଯାନ ବାହାନ ତନଖି ଓ ଯାଂଚ କରୁଥିବାବେଳେ ଏକ ଅଟୋ ରିକ୍ସାରେ ଗଜପତିରୁ ବିହାରକୁ ଚାଲାଣ କରୁଥିବା ୪୭.୫ କେ.ଜି. ଗଞ୍ଜେଇ ଜବତ କରିବା ସହ ଅଟୋକୁ ମଧ୍ୟ ଜବତ କରିଛି । ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ବିହାର ବ୍ୟକ୍ତିମାନେ ହେଲେ ପାନ୍ନା ଲାଲବିନ, ରାଜକୁମାର ସାହାନି, ରିଙ୍କୁ ଦେବା, ଶାନ୍ତି ମୁସମାଁ ଓ ପିଙ୍କୁନା ମହାନ୍ତି ଅଟୋ ଡ୍ରାଇଭର ଘର ବଡ଼ଗଡ଼ରେ ବୋଲି ଜଣାପଡ଼ିଛି । ଜବତ ହୋଇଥିବା ଅଟୋ(ଓଡି୧୨ଏ-୦୨୯୯) ।

ଉନ୍ନାଓ ବଳାତ୍କାର ପୀଡିତାଙ୍କ ପିତାଙ୍କ ହତ୍ୟା ମାମଲାରେ କୁଲଦୀପ ସେଙ୍ଗର ସମେତ ସାତ ଜଣ ଦୋଷୀ ସାବ୍ୟସ୍ତ : ଦଣ୍ଡାଦେଶକୁ ନେଇ ଶୁଣାଣୀ ମାର୍ଚ୍ଚ ୧୨ରେ

ନୂଆଦିଲ୍ଲୀ, ୪ ।୩(ପି.ଏନ): ଦିଲ୍ଲୀର ତିସ ହଜାରୀ କୋର୍ଟ ଉନ୍ନାଓ ବଳାତ୍କାର ପୀଡିତାଙ୍କ ପିତାଙ୍କ ହତ୍ୟା ମାମଲାରେ କୁଲଦୀପ ସିଂ ସେଙ୍ଗରଙ୍କ ସମେତ ସାତ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଜିଲ୍ଲା ଓ ସେସନ୍ସ ଜଜ୍ ଧର୍ମେଶ ଶର୍ମା ଏହି ମାମଲାରେ ଚାରି ଅଭିଯୁକ୍ତଙ୍କୁ ନିର୍ଦୋଷରେ ଖଲାସ କରିଛନ୍ତି । ମାର୍ଚ୍ଚ ୧୨ ରେ କୋର୍ଟ ଦଣ୍ଡାଦେଶକୁ ନେଇ ଶୁଣାଣୀ କରିବ । ବଳାତ୍କାର ପୀଡିତାଙ୍କ ପିତା ୯ ଏପ୍ରିଲ ୨୦୧୮ ରେ ବିଚାର ବିଭାଗୀୟ ହେପାଜତରେ ମୃତ୍ୟୁ ବରଣ କରିଥିଲେ । ଉଲ୍ଲେଖନୀୟ ଯେ ଗତ ଜୁନ୍ ୪, ୨୦୧୭ ରେ ପୀଡିତା କୁଲଦୀପ ସେଙ୍ଗରଙ୍କ ବିରୁଦ୍ଧରେ ଦୁଷ୍କର୍ମର ଅଭିଯୋଗ ଆଣିବା ପରେ କୁଲଦୀପ ସିଂ ସେଙ୍ଗରଙ୍କ ଭାଇ ଅତୁଲ ସିଂ ଏବଂ ତାଙ୍କ ସହଯୋଗୀମାନେ ତାଙ୍କୁ ମାଡ ମାରିବା ପରେ ପୋଲିସରେ ଜିମା ଦେଇଥିଲେ । ତାଙ୍କୁ ଜେଲକୁ ସ୍ଥାନାନ୍ତର ହେବାର କିଛି ଘଂଟା ପରେ ସେ ଜିଲ୍ଲା ଡାକ୍ତରଖାନାରେ ମୃତ୍ୟୁ ବରଣ କରିଥିଲେ । ଡିସେମ୍ବର ୨୦, ୨୦୧୯ ରେ ତିସ ହାଜାରି କୋର୍ଟ ଦ୍ୱାରା ସେଙ୍ଗରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଆଜୀବନ କାରାଦଣ୍ଡ ବ୍ୟତୀତ କୋର୍ଟ ୨୫ ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ଏହି ଜରିମାନା ମଧ୍ୟରୁ ୧୦ ଲକ୍ଷ ଟଙ୍କା ପୀଡିତାଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ତିସ ହାଜାରି କୋର୍ଟର ଏହି ନିଷ୍ପତି ବିରୋଧରେ କୁଲଦୀପ ସିଂ ସେଙ୍ଗର ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି ।

ଚିଟ୍‌ଫଣ୍ଡ ତଦନ୍ତ କମିଶନ ବନ୍ଦ, କ୍ଷତିଗ୍ରସ୍ତ ଜମାକାରୀ ହତାଶ

ଭୁବନେଶ୍ୱର, ୪ ।୩(ପି.ଏନ): ଚିଟ୍‌ଫଣ୍ଡ ସ୍କାମର ତଦନ୍ତ କରୁଥିବା ଜଷ୍ଟିସ ମଦନମୋହନ ଦାସ କମିଶନଙ୍କ କାର୍ଯ୍ୟକାଳ ବନ୍ଦ ହୋଇଯିବା ଫଳରେ ସାରା ରାଜ୍ୟରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଲକ୍ଷ ଲକ୍ଷ ଜମାକାରୀମାନେ ହତାଶ ହୋଇପଡିଛନ୍ତି ବୋଲି ଜଟଣୀ ବିଧାୟକ ଶ୍ରୀ ସୁରେଶ ରାଉତରାୟ ଅଭିଯୋଗ କରିଛନ୍ତି । ବିଜେଡି ସରକାରର ବିଧାୟକ, କର୍ମକର୍ତା ଓ ବହୁ ନେତା ଚିଟ୍‌ଫଣ୍ଡ ସ୍କାମରେ ଜଡିତ ଥିବାରୁ ଚିଟ୍‌ଫଣ୍ଡ ସ୍କାମର ତଦନ୍ତ ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି ବୋଲି ଶ୍ରୀ ରାଉତରାୟ କହିଛନ୍ତି । ସେପଟେ ଚିଟ୍‌ଫଣ୍ଡ ସ୍କାମ ବିରୁଦ୍ଧରେ ଚିତ୍କାର କରୁଥିବା ବିଜେପିର ରାଜ୍ୟ ଓ ଜାତୀୟ ନେତୃତ୍ୱ ଚିଟ୍‌ଫଣ୍ଡ ସ୍କାମ ପ୍ରସଙ୍ଗରେ ବିଜେଡି ସରକାର ସହ ହାତ ମିଳେଇ ସାରିଲେଣି । ବିଜେପି ଏ ପ୍ରସଙ୍ଗରେ ମୁହଁ ଖୋଲୁ ନାହିଁ । କାରଣ ଏ ପ୍ରସଙ୍ଗରେ ବିଜେଡି ବିଜେପି କୋଳାକୋଳି ।ସେ କହିଛନ୍ତି ଯେ ସମୁଦ୍ରକୁ ଶଙ୍ଖେ ଭଳି ସରକାର ହଜାର ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ସ୍କାମ୍‌ରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମାତ୍ର ୩ ଶହ କୋଟି ଟଙ୍କା କର୍ପସ ଫଣ୍ଡ ଘୋଷଣା କରିଥିଲେ । ଚିଟ୍‌ଫଣ୍ଡ କମ୍ପାନୀମାନେ ବିଜେଡି ନେତାଙ୍କ ସାଙ୍ଗରେ ହାତ ମିଳାଇ ସେମାନଙ୍କର ଦଳୀୟ କାର୍ଯ୍ୟକ୍ରମ ପାଇଁ ଅର୍ଥ ସହାୟତା ଦେଉଛନ୍ତି । ସେଥିପାଇଁ ବିଜେଡି ବିଧାୟକ ଓ ସାଂସଦ ଜେଲ୍ ମଧ୍ୟ ଯାଇଛନ୍ତି । ସେହିପରି ସିବିଆଇ ଦ୍ୱାରା ତଦନ୍ତ କରାଯାଉଥିବା ଚିଟ୍‌ଫଣ୍ଡ ସ୍କାମର ତଦନ୍ତ ପ୍ରକ୍ରିୟାକୁ କେନ୍ଦ୍ରର ବିଜେପି ସରକାର ବର୍ତମାନ ଦୁର୍ବଳ କରିଦେଇଛନ୍ତି । ଏଣୁ ରାଜ୍ୟର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜନସାଧାରଣ ସେମାନଙ୍କର ଅର୍ଥ ଆଉ ଫେରି ପାଇବାର ଆଶା ହରାଇଲେଣି । ଅନେକ ଆତ୍ମହତ୍ୟା କଲେଣି । ଯେଉଁମାନେ ଏଜେଂଟ ଥିଲେ ସେମାନେ ବି ଆତ୍ମହତ୍ୟା କଲେଣି । ବିଜେଡିର ନେତୃବର୍ଗ ଦିନେ ଏହି ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକର ପ୍ରଚାରକ ବା ବ୍ରାଣ୍ଡ ଆମ୍ବାସଡର ଥିଲେ । ଏବେ ତଦନ୍ତ କମିଶନକୁ ବନ୍ଦ କରି ରାଜ୍ୟ ସରକାର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ହତାଶ କରିବା ସହ ଏହି ସ୍କାମକୁ ସଂପୂର୍ଣ୍ଣ ଭାବେ ଚପାଇ ଦେବା ପାଇଁ ଷଡଯନ୍ତ୍ର କରୁଛନ୍ତି ବୋଲି ଶ୍ରୀ ରାଉତରାୟ ଅଭିଯୋଗ କରିଛନ୍ତ । ଶାସକଦଳର ଶିଖରୁ ନଖ ପର୍ଯ୍ୟନ୍ତ ସମସ୍ତେ ଏହି ସ୍କାମରେ ଜଡିତ ଥିବାରୁ ସାଧାରଣ ଲୋକଙ୍କୁ ସରକାର ନ୍ୟାୟ ଦେବେ ବୋଲି ମନେ ହେଉନଥିବାର ଶ୍ରୀ ରାଉତରାୟ କହିଛନ୍ତି ।

ଟି ଟାଇମ୍

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ ।

ପୁରାଣ କାହାଣୀ

ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ ।

ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

ଓଡ଼ିଶାବାସୀଙ୍କସାମୂହିକ ଚେତନାବୋଧ ଅତ୍ୟନ୍ତ ନିମ୍ନମାନର

ସ୍ୱପ୍ନା ବିଜୟିନୀ

ଆଜିର ସଭ୍ୟ, ଶିକ୍ଷିତ, ଆଧୁନିକ ଦୁନିଆରେ ଆମେ ଓଡ଼ିଶାବାସୀ ନାନାଦି ଅନ୍ଧବିଶ୍ୱାସର ଘେର ମଧ୍ୟରେ ରହିଛୁ । ସେଥିରୁ କିପରି ମୁକ୍ତ ହେବୁ ସେ ବିଷୟରେ କୌଣସି ଚିନ୍ତା ଚେତନା ଓ ଯୋଜନ ରାଜ୍ୟ ସରକାରଙ୍କର ନାହିଁ । ସଂସ୍କୃତି ନାଁରେ ଜାତିବାଦୀ, ବ୍ରାହ୍ମଣବାଦୀ, ପ୍ରତୀମା-ପୂଜାବାଦୀ ସାମାଜିକ ବ୍ୟବସ୍ଥା ଓ କୁସଂସ୍କାର ଓଡ଼ିଶାରେ ଅତୁଟ ରହିଛି। ଚଳିତ ବର୍ଷ ଜାନୁୟାରୀ ୭ ତାରିଖରେ ଦୈନିକ ଓଡ଼ିଆ "ସମାଜ" ଖବର କାଗଜରେ ପଢ଼ିବାକୁ ମିଳିଲା ଏକ ହୃଦୟ ବିଦାରକ ବିଭତ୍ସ ଘଟଣା । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ତଥା ଝଲପ ପଞ୍ଚାୟତ ଅନ୍ତର୍ଗତ ସାଲେବରଟ ଗାଁର ଏକ ବାରବର୍ଷିଆ ଝିଅ ପ୍ରତି ଘଟିଛି ଉକ୍ତ ଲୋମ ଟାଙ୍କୁରା ଘଟଣା । ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବଡ଼ଭାଇ ସାନ ଭଉଣୀଙ୍କୁ ବଳି ଦେବାଭଳି ନୃଶଂସ ଘଟଣା ସଭିଙ୍କୁ ହତ ଚକିତ କରିଛି । ପ୍ରକାଶିତ ଖବରଟି ସୂଚାଏ ଯେ ସାଲେବରଟ ଗ୍ରାମର ଶୋଭାବନ ରଣା ୨୦୧୯ ଡ଼ିସେମ୍ବର ୨୪ ତାରିଖ ଦିନ ୧୨ ବର୍ଷିଆ ଭଉଣୀ ଜନନୀ ରଣାଙ୍କୁ ଗନ୍ଧର୍ଲ ବସଷ୍ଟାଣ୍ଡରେ ଛାଡ଼ିଦେବି କହି ସାଇକେଲରେ ତାଙ୍କୁ ବସାଇ ନେଇଥିଲେ । ସେଠାରୁ ଭଉଣୀଙ୍କୁ ୩ କିଲୋମିଟର ଦୂରରେ ଥିବା ଚକାଗୁଞ୍ଜେନ ପାହାଡ଼ରେ ପୂଜାର୍ଚ୍ଚନା କରି ଗଳା କାଟି ତାଙ୍କୁ ବଳି ଦେଇଥିଲେ । ଘଟଣାର ୧୩ ଦିନ ପରେ ପୁଲିସ୍ ନାବାଳିକାଙ୍କର ଗଳିତ ଶବ ଠାବ କରିଥିଲେ । ଉପରୋକ୍ତ ଖବରରୁ ସ୍ୱଷ୍ଟ ଜଣାପଡ଼େ ଯେ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧୀର ଅନ୍ତିମ ବର୍ଷରେ ଆମେ ଓଡ଼ିଶାବାସୀ ସଭ୍ୟଶିକ୍ଷିତ ଦେଶବାସୀଙ୍କ ଠାରୁ କେତେ ତଳେ ରହିଛୁ। ଏପରି ମନ୍ତବ୍ୟ ରୁ ଅନେକ ଭାବୁଥିବେ ଏଠାରେ ଅତିରଂଜିତ ମତାମତ ଦିଆଯାଉଛି ବୋଲି । ବାସ୍ତବିକ ମନ୍ତବ୍ୟଟି ବହୁ ମାତ୍ରାରେ ସତ । ଏଠାରେ ଅନ୍ୟ ଏକ ଘଟଣା ଉଲ୍ଲେଖ କରିବା ଯଥାର୍ଥ ହେବ । ଚୋର ତସ୍କରଙ୍କୁ ଧରିବା ପାଇଁ ଓଡ଼ିଶା ସରକାର ରାଜ୍ୟର ଭିନ୍ନଭିନ୍ନ ସ୍ଥାନରେ ସର୍ବ ମୋଟ ୬୧୨ ଟି ପୋଲିସ୍ ଷ୍ଟେସନ ପ୍ରତିଷ୍ଠା କରିଛନ୍ତି। ଏହା ସତ୍ତ୍ୱେ ଆମ ଓଡ଼ିଶାରେ ଚୋର ଧରିବା ପାଇଁ ଏବେ ବି ଲୋକେ ମନ୍ତ୍ରତନ୍ତ୍ର ଆଧାରିତ "ଖଟ" ବୁଲାଉଛନ୍ତି । ଏପରି ଏକ ଘଟଣା ଘଟିଛି ଭଦ୍ରଖ ଜିଲ୍ଲାର ଭଦ୍ରଖ ରୁରାଲ ଥାନା ଅନ୍ତର୍ଗତ ଅସୁରା ଗ୍ରାମରେ । ଚଳିତ ବର୍ଷ ଜାନୁୟାରୀ ୧୬ ତାରିଖରେ ଅସୁରା ଗ୍ରାମର ଗଂଗାଧର ବେହେରାଙ୍କ ଘରୁ ଆନୁମାନିକ ୪ ଲକ୍ଷ ଟଙ୍କା ମୂଲ୍ୟର ଲାଇଟ୍, ମାଇକ୍ ସାଉଣ୍ଡ୍ ବକ୍ସ ଆଦି ଚୋରି ହୋଇ ଥିଲା । ଏହି ଚୋରି ବାବଦରେ ଗଙ୍ଗାଧର ବାବୁ ଭଦ୍ରଖ ରୁରାଲ ପୋଲିସ ଷ୍ଟେସନ୍‌ରେ ଏଫଆଇଆର ଦାଖଲ କରିଥିଲେ । ମାତ୍ର ପୋଲିସ ଚୋର ଧରି ନପାରିବାରୁ ଗଙ୍ଗାଧର ବେହେରା କେନ୍ଦୁଝର ଜିଲ୍ଲାକୁ ଯାଇ ସେଠାକାର ଶାଳବଣୀରେ ରହୁଥିବା ଜଣେ ବାବାଙ୍କ ନିକଟରେ ଶରଣାପନ୍ନ ହୋଇଥିଲେ । ବାବାଙ୍କ ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ମାସ ୧ ତାରିଖ ଦିନ ଅସୁରାରେ ଖଟ ବୁଲାଯାଇଥିଲା । ଚାରି ଜଣ ବ୍ୟକ୍ତି ଏକ ଲମ୍ବା ବେଞ୍ଚକୁ କାନ୍ଧରେ ରଖି ଗାଁ ସାରା ବୁଲିଥିଲେ । ଶାଳବଣୀରେ ଥାଇ ତଥାକଥିତ୍ ବାବା ଫୋନ ଯୋଗେ ଖଟ ବୁଲା କାର୍ଯ୍ୟକୁ ନିୟନ୍ତ୍ରଣ କରିଥିଲେ । ଏତେ କସରତ ସତ୍ତ୍ୱେ ଚୋରି ସାମଗ୍ରୀର ଠାବ ମିଳିଲା ନାହିଁ । ଏହି ଖଟବୁଲା କାର୍ଯ୍ୟକୁ କେହି ଗ୍ରାମବାସୀ ବିରୋଧ କରିନଥିଲେ । ଏହି ଖବରଟି ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଅସୁରା ଗାଁରେ ପହଁଚିଥିଲେ ଗ୍ରାମଞ୍ଚଳ ଥାନାର ପୋଲିସ୍ । ଜନସାଧାରଣ ଏପରି ଅନ୍ଧ ବିଶ୍ୱାସର ଶୀକାର ହେଉଛନ୍ତି କିପରି ? ଏହାର ପ୍ରମୁଖ କାରଣ ହେଉଛି : "ଈଶ୍ୱର ବିଶ୍ୱାସ" । ଏଥିରୁ ଜନ୍ମିତ ବିଶ୍ୱାସଟି ହେଲା "ବାବା ଉପରେ ବିଶ୍ୱାସ" । ଗୁଣି ଗାରେଡ଼ି ବ୍ଲାକ୍ ମ୍ୟାଜିକ୍ ତନ୍ତ୍ରମନ୍ତ୍ର ଉପରେ ବିଶ୍ୱାସ । ବିଜ୍ଞାନ-ଧର୍ମୀ ଅସଲ ପାଠ ପଢ଼ା ଆମ ରାଜ୍ୟ ଓଡ଼ିଶାରେ ନାହିଁ । ସେପରି ପାଠପଢ଼ା ହେଉଥିଲେ ଉତ୍କଳ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସରେ ୨୨ ଟି ହିନ୍ଦୁ ମନ୍ଦିର ଦେଖିବାକୁ ମିଳୁ ନଥାନ୍ତା । ବୈଜ୍ଞାନିକ ଦୃଷ୍ଟିଭଂଗୀ ପୋଷଣ କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ଏକ ମୌଳିକ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟଟି ଭାରତ ସମ୍ବିଧାନର ଧାରା ୫୧ (ଏ) ଉପଧାରା (ଏଚ୍)ରେ ସ୍ଥାନୀତ ହୋଇଛି। ଏହି ମୌଳିକ କର୍ତ୍ତବ୍ୟ ପ୍ରତି ରାଜ୍ୟ ସରକାରଙ୍କର ଧ୍ୟାନ ନାହିଁ। ଏଥିପ୍ରତି କେନ୍ଦ୍ର ସରକାରଙ୍କର ବି ଧ୍ୟାନ ନାହିଁ। କୌଣସି ଗଣମଧ୍ୟମର ଏଥିପ୍ରତି କମିଟ୍‌ମେଣ୍ଟ ନାହିଁ । ତଥାକଥିତ ବୁଦ୍ଧିଜୀବୀମାନଙ୍କର ଏଥିପ୍ରତି କୌଣସି ଅଙ୍ଗୀକାରବଦ୍ଧତା ବି ନାହିଁ । ତେଣୁ "ଆହେ ଦୟାମୟ ବିଶ୍ୱ ବିହାରୀ" ନାଁରେ ଅନ୍ଧବିଶ୍ୱାସ-ଧର୍ମୀ ପ୍ରାର୍ଥନା ସ୍କୁଲମାନଙ୍କରେ ଚାଲିଛି । ଓଡ଼ିଶା ସରକାର ବିପୁଳ ପରିମାଣର ଅର୍ଥ ରାଜକୋଷରୁ ନେଇ ରାଜ୍ୟରେ ଥିବା ମନ୍ଦିର ମସ୍‌ଜିଦ୍, ଗୁରୁଦ୍ୱାର, ଚର୍ଚ୍ଚର ସୌନ୍ଦର୍ଯ୍ୟକରଣ ନାଁରେ ଖର୍ଚ୍ଚ କରୁଛନ୍ତି । ତେଣୁ ଜନ ସାଧାରଣଙ୍କ ଅନ୍ଧ ବିଶ୍ୱାସ ଯେଉଁଠି ଥିଲା ସେଇଠି ରହିଛି । ତାହା ଦେହରେ ସରକାର କିମ୍ବା କୌଣସି ରାଜନୈତିକ ଦଳ ହାତ ମାରୁ ନାହାଁନ୍ତି। କାରଣ ଭୋଟ ହାତରୁ ଖସିଯିବ । କିନ୍ତୁ ଏହାର ଅର୍ଥ ନୁହେଁ ଆମେ ସମସ୍ତେ ଆଖିବୁଜି ଦେଇ ବସି ରହିବା ।

ଏଠାରେ ମୁଁ ମୋର ଗୋଟିଏ ଅନୁଭୂତିର କଥା ଆପଣମାନଙ୍କ ଆଗରେ ଉପସ୍ଥାପିତ କରୁଛି । ୧୯୮୨-୮୩ର ଘଟଣା । ମୋର ଦୁଇ ପିଲା ରସେଲ୍ ଓ ହିପୁଙ୍କୁ ଧରି ମୋ ସ୍ୱାମୀ (ଅଧ୍ୟାପକ ବି.ରାମଚନ୍ଦ୍ର) ଏବଂ ତାଙ୍କର ଦୁଇଜଣ ରାଜଧାନୀ କଲେଜ ଛାତ୍ର : ମନୋରଂଜନ ମହାନ୍ତି ଓ ଜୟଦେବ ମହାନ୍ତି ଏବଂ ଏଥି ସହିତ କେତେକ ବଛାବଛା ସାଂଗ ଯଥା : ଡ଼କ୍ଟର ଅଦ୍ୱୈତ କୁମାର ପାତ୍ର ଏବଂ ବିଶିଷ୍ଟ ରାଜନେତା ରବି ରାୟଙ୍କ ଜଣାଶୁଣା ପୁତୁରା ଦେବରାୟ (ଚଗଲା ବାବୁ) ଙ୍କ ସହ ମିଶି ଗୋପ-କୋଣାର୍କ ରାସ୍ତାରେ ଭୁବନେଶ୍ୱରରୁ ୫୦ କିଲୋମିଟର ଦୂରରେ ଥିବା ଗ୍ରାମ ଗଡ଼ରୁପସାକୁ ଯାଇଥିଲୁ । ସେଠାକୁ ଯାଇଥିଲୁ ପଶୁବଳି ବନ୍ଦ କରିବା ପାଇଁ । ସେ ଗାଁଟିରେ ରହୁଥିଲେ ଚଗଲାବାବୁଙ୍କ ପିଉସୀ ନାନୀ ଶୈଳବାଳା ରାୟ ଓ ପିଉସା ବଳରାମ ରାୟ । ବାସ୍ତବିକ ଗଡ଼ରୁପସା ଗ୍ରାମର ମୁରବୀ ଲୋକଭାବେ ଗଣିତ ହେଉଥିଲେ ମି. ବଳରାମ ରାୟ । ଗାଁର ଜମିଦାର ଭାବେ ତାଙ୍କର ବହୁତ ଖାତିରି ଥିଲା । ଦଶହରା ସମୟ । ସ୍କୁଲ ଛୁଟି ଥାଏ । ତେଣୁ ସପରିବାରେ ସାଙ୍ଗସାଥିମାନଙ୍କୁ ଧରି ଯାଇଥିଲୁ ଉକ୍ତ ଜମିଦାରଙ୍କ ଘରକୁ । ସେଠାରେ ଆମକୁ ଭଲ ଅତିଥ୍ୟ ମିଳିଥିଲା । ତାର ଆଉ ଏକ କାରଣ ଥିଲା । ପ୍ରଫେସର ଅଦ୍ୱୈତ କୁମାର ପାତ୍ର ଉକ୍ତ ଜମିଦାର ପରିବାରର ବଡ଼ ଝିଅଙ୍କୁ ମ୍ୟାରେଜ୍ କରିଥିଲେ । ତେଣୁ ଦିନଟିଯାକ ସେଠାରେ ଭଲରେ ରହିଲୁ । ଗାଁ ପରିବେଶ । ପିଲାମାନଙ୍କୁ ଅତି ଆନନ୍ଦରେ ଅଲଗା ପିଲାଙ୍କ ସହ ଖେଳାଖେଳି କରିବାର ସୁଯୋଗ ଥିଲା । ସଂଜବେଳ ଗଲା । ରାତିହେଲା । ଆମ୍ଭମାନଙ୍କୁ ଭଲ ଖାଇବାପିଇବା ମିଳିଲା । ମତେ କୁହାଗଲା: "ଆପଣ ଶୋଇ ଯାଆନ୍ତୁ" । ମୁଁ ମନାକଲି । ସେଠି ଗୋଟେ ବରଗଛର ଚନ୍ଦିନୀ ଉପରେ ଚଗଲାବାବୁ, ମୋର ସ୍ୱାମୀ, ଅଦ୍ୱୈତ ବାବୁ ଓ ଆଉ କେତେଜଣ ଲୋକ ବସିଥାନ୍ତି । ପଶୁବଳୀ ପାଇଁ ଲୋଡ଼ା ଥିବା ଅରଗରି ତିଆରି ହେଲା । । ଆମେ ଚନ୍ଦିନୀ ଉପରେ ବସିଥାଉ । ଠିକ୍ ରାତି ବାରଟାବେଳେ ମୃଦଙ୍ଗ ଝାଞ୍ଜି ବଜେଇ ଗୋଟେ ମେଣ୍ଢା, ଗୋଟେ ମଇଁଷି ଆଣି ଅରଗରି ଭିତରେ ପୁରାଇଲେ ସେମାନଙ୍କ ବେକକୁ । ଯେମିତି ସେମାନେ ଦୂରକୁ ଯାଇଛନ୍ତି ସଂଗେ ସଂଗେ ମୋର ସ୍ୱାମୀ ଯାଇ ଅରଗରିର ମଝିକାଠିଟା ଖୋଲିଦେଲେ । ସେ ଦୁଇ ପଶୁ ସେଠାରୁ ଡ଼ିଆଁମାରି ଦୌଡ଼ି ପଳାଇଲେ । ତାପରେ ଆମେ ଶୋଇବାକୁ ଗଲୁ । ଭୋରୁ ଉଠି ଯେତେବେଳେ ଫେରିଲୁ ସେତେବେଳେ ରାସ୍ତାର ଦୁଇ ପାଖରେ ଠିଆ ହୋଇଥିବା କେତେକ ବ୍ୟକ୍ତି ଆମମାନଙ୍କୁ କୁ-ଭାଷାରେ ଗାଳି ଦେଲେ । କଥା ହେଲା ଆମେ ସେଦିନ ସାହସର ସହିତ ଯେଉଁ କାମଟି କଲୁ ତଦ୍ୱାରା ଉକ୍ତ ଗ୍ରାମରୁ ସବୁ ଦିନ ପାଇଁ ପଶୁବଳି ବନ୍ଦହୋଇ ଗଲା । ହି କାର୍ଯ୍ୟ କରିବାଟା ସହଜକର ହୋଇଥିଲା ଏଇଥିପାଇଁ ଯେ ଏଥିରେ ଯେଉଁମାନେ ସାମିଲ୍ ହୋଇଥିଲେ ସେମାନେ ଥିଲେ ଉଚ୍ଚ ଶିକ୍ଷିତ ଏବଂ ସେମାନଙ୍କ ପ୍ରତି ଉକ୍ତ ଗ୍ରାମର ଜମିଦାର ପରିବାରର ସମ୍ମାନ ଥିଲା । ତେଣୁ ମୋର ଏବଂ ମୋ ସ୍ୱାମୀଙ୍କର ପ୍ରତ୍ୟକ୍ଷ ଅନ୍ତର୍ଭୁକ୍ତି ବେଶ୍ କାମ ଦେଇଥିଲା । ଆମ ରାଜ୍ୟରେ ଏହିପରି ଉଦ୍ୟମ କରାଯାଇଥିଲେ ଇତି ମଧ୍ୟରେ ସମଗ୍ର ରାଜ୍ୟରୁ ଏପରି କି କଳାହାଣ୍ଡିର ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ମନ୍ଦିରରେ ଛତ୍ରଯାତ୍ରା ବେଳେ ଯେଉଁ ହଜାର ହଜାର ସଂଖ୍ୟାର ଛେଳି ମେଣ୍ଢା ମଇଁଷି କୁକୁଡ଼ା ଆଦି ଜୀବ ଜନ୍ତୁଙ୍କର ବଳି କାର୍ଯ୍ୟ ହେଉଛି ତାହାର ମଧ୍ୟ ବିଲୁପ୍ତି ଘଟନ୍ତାଣି । ଏଥିରେ ରାଜନେତାଙ୍କ ସିଧା ସଳଖ ସଂପୃକ୍ତି ଦରକାର । ସରକରଙ୍କ ସଂପୃକ୍ତି ଦରକାର । ଶିକ୍ଷାନୁଷ୍ଠାନ ମାନଙ୍କରେ ବିଜ୍ଞାନଧର୍ମୀ ଶିକ୍ଷା ଦିଆଗଲେ, ଛାତ୍ରଛାତ୍ରୀମାନଙ୍କୁ କୋପରନିକସ୍‌ଙ୍କ ସୌରଜଗତ ସଂପର୍କୀୟ ବିଦ୍ୟା ଅଧ୍ୟୟନ କରିବାର ସୁଯୋଗ ଦିଆଗଲେ ଏବଂ ପ୍ରାର୍ଥାନା କ୍ଲାସ୍‌କୁ ସଂପୂର୍ଣ୍ଣଭାବେ ଉଠାଇଦେଲେ ଆମ ରାଜ୍ୟରୁ ଶିଶୁବଳି ଓ ପଶୁବଳି ଚାଲିଯିବ । କିମ୍ବା ଭଦ୍ରଖ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅସୁରା ଗ୍ରାମରେ ଚୋର ଧରିବା ପାଇଁ କୌଣସି ବାବାଙ୍କ ନିର୍ଦ୍ଦେଶରେ ଖଟ ବୁଲାଯିବାର ଆବଶ୍ୟକତା ପଡ଼ିବ ନାହିଁ । ନଚେତ୍ ଓଡ଼ିଶାବାସୀ ଯେଉଁଠି ଅଛନ୍ତି ସେଇଠି ସେହିପରି ରହିଥିବେ । ହାତରେ ଥିବ ସ୍ମାଟ୍ ମୋବାଇଲ୍ ଫୋନ୍ ମାତ୍ର ମୁଣ୍ଡରେ ଥିବ ମନ୍ତ୍ରତନ୍ତ୍ର ।

କୋଫାଉଣ୍ଡର ଆମୋଫୋଇ
ମୋ: ୭୯୭୮୮୨୭୯୬୩

ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ

ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି । ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାରକୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନକୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ପର୍ଯ୍ୟବେକ୍ଷକ
ମହାନଗର

ଓଡ଼ିଶାର ପ୍ରଗତି ପାଇଁ ବିଜୁବାବୁଙ୍କର ଅର୍ଥନୈତିକ ଚିନ୍ତାଧାରା

ମୁଁ ବିଜୁ ପଟ୍ଟନାୟକ କହୁଛି, ଓଡ଼ିଶା କହିଲେ ବିଜୁ ପଟ୍ଟନାୟକ, ବିଜୁ ପଟ୍ଟନାୟକ କହିଲେ ଓଡ଼ିଶା। ଏହି ଗର୍ବ, ଏହି ବାର୍ତ୍ତା, ଏଭଳି ମନ୍ତବ୍ୟ ପାଇଁ ବିଜୁ ପଟ୍ଟନାୟକ ଆଜି ଆଉ ଜଣେ ରାଜନୈତିକ ବ୍ୟକ୍ତି ହୋଇ ରହିନାହାଁନ୍ତି। ସେ 'ବିଜୁ ତତ୍ତ୍ୱ'ରେ ପରିଣତ ହୋଇଯାଇଛି। ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱକୁ 'ବିଜୁ ତତ୍ତ୍ୱ' କହିବାର କାରଣ ହେଲା, ସେ ରାଷ୍ଟ୍ରବାଦୀ ଓ ଜାତୀୟବାଦୀ 'ବିଜୁ' ଥିଲେ। ବିଜୁ ପଟ୍ଟନାୟକ ବ୍ୟକ୍ତିକୁ ଗୁରୁତ୍ୱ ନଦେଇ, ରାଷ୍ଟ୍ର ବା ଜାତିକୁ ଗୁରୁତ୍ୱ ଦେଉଥିଲେ। ଖାରବେଳଙ୍କ ଶାସନ କାଳରେ ଆଜିର ଓଡ଼ିଶା ଯେତେବେଳେ କଳିଙ୍ଗ ନାମରେ ଖ୍ୟାତି ଅର୍ଜନ କରି ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିଲା, ସେଦିନର ବିକାଶକୁ ଓଡ଼ିଶାକୁ ଫେରାଇ ଆଣିବାକୁ ସେ ସ୍ୱପ୍ନ ଦେଖୁଥିଲେ। ସେଦିନର ବିକାଶକୁ ମନେ ପକାଇବା ପାଇଁ ଯୁବାବସ୍ଥାରେ ସେ ପ୍ରତିଷ୍ଠା କରିଥିଲେ ଆନ୍ତର୍ଜାତୀୟ କଳିଙ୍ଗ ପୁରସ୍କାର। ନିଜ ଆକାଶମାର୍ଗ ପରିବହନ ସଂସ୍ଥାର ନାମ ଦେଇଥିଲେ 'କଳିଙ୍ଗ ଟ୍ୟୁବ୍ସ' ଓ ନିଜ ପ୍ରକାଶିତ ସମ୍ବାଦପତ୍ରର ନାମ ରଖିଥିଲେ 'କଳିଙ୍ଗ' ଇତ୍ୟାଦି ଇତ୍ୟାଦି।

କଳିଙ୍ଗ ନାମକରଣ ମୂଳରେ ତାଙ୍କର ରାଷ୍ଟ୍ରବାଦୀ ଓ ଜାତୀୟତାବାଦୀ ଚେତନା ଲୁକ୍କାୟିତ ଥିଲା। କୌଣସି କାମ ଓଡ଼ିଶାର ବିକାଶ ପାଇଁ ଉପଯୁକ୍ତ ମନେକଲେ ତାକୁ କାର୍ଯ୍ୟକାରୀ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ଯେତେ ବିରୋଧ, ବାଧାବିଘ୍ନ ଆସୁପଛେ, କୌଣସି ପରିସ୍ଥିତିରେ ତାଙ୍କର ଖାତିର ନଥିଲା। ଉଦାହରଣସ୍ୱରୂପ ପାରାଦ୍ୱୀପ ବନ୍ଦର କଥା। ସେ ହୃଦୟଙ୍ଗମ କଲେ ଯେ, ପାରାଦ୍ୱୀପ ବନ୍ଦର ଓଡ଼ିଶାର ବିକାଶ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। ସେ ପଣ୍ଡିତ ନେହେରୁଙ୍କୁ ପ୍ରବର୍ତ୍ତାଇ, ବନ୍ଦରର ଶୁଭଦେଲେ। ତତ୍କାଳୀନ ତୁଙ୍ଗନେତାମାନଙ୍କର ପ୍ରବଳ ବିରୋଧ ସତ୍ତ୍ୱେ ସେତେବେଳେ ଏଥିପାଇଁ ତାଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା। କିନ୍ତୁ ଆଜି ଦେଖନ୍ତୁ ଓଡ଼ିଶାର ଅର୍ଥନୈତିକ ବିକାଶରେ ପାରାଦ୍ୱୀପ ବନ୍ଦର କିପରି ମୁଖ୍ୟ ଭୂମିକା ଗ୍ରହଣ କରିଛି।

୧୯୬୧ ମସିହାରେ ରାଜ୍ୟରେ କଂଗ୍ରେସ ଦଳର ନେତୃତ୍ୱ ନେଇ, ପ୍ରଥମଥର ପାଇଁ ଶାସନ କ୍ଷମତାକୁ ଆସିଥିବା ବିଜୁ ପଟ୍ଟନାୟକ ମାତ୍ର ୨ବର୍ଷ ୩ ମାସ ୮ ଦିନ ମୁଖ୍ୟମନ୍ତ୍ରୀ ଗାଦିରେ ରହିପାରିଥିଲେ। କାମରାଜ ଯୋଜନା ଅନୁଯାୟୀ ୧୯୬୩ ମସିହା ସେପ୍ଟେମ୍ବର ମାସରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଥିଲା। କିନ୍ତୁ ୧୯୯୦ ମସିହା ଜନତା ଦଳର ସରକାରରେ ନେତୃତ୍ୱ ନେଇ ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ପୁଣି କ୍ଷମତାସୀନ ହୋଇଥିବା 'ବିଜୁବାବୁ' ପୁରା ପାଞ୍ଚବର୍ଷ ନିରଙ୍କୁଶ କ୍ଷମତା ଉପଭୋଗ କରିବାର ସୁଯୋଗ ଲାଭ କରିଥିଲେ।

ଏହା ପୂର୍ବରୁ ଆମ୍ଭେ ରାଜ୍ୟ ଛାତ୍ର ଜନତା ଦଳର ନେତୃତ୍ୱ ନେଇ ବୁର୍ଲା ଇଞ୍ଜିନିୟରିଂ ଛାତ୍ର ହତ୍ୟା ଆନ୍ଦୋଳନକୁ ବ୍ୟାପକ ତଥା ତୀବ୍ର ଆକାରରେ ସାରା ରାଜ୍ୟରେ ପ୍ରସାରିତ କରିଥିଲୁ। ସଭାପତି ଉମାବଲ୍ଲଭ ରଥ ଏହାର ନେତୃତ୍ୱ ନେଇଥିବା ବେଳେ, ମୁଁ ରାଜ୍ୟର ସାଧାରଣ ସମ୍ପାଦକ ଭାବରେ ରାଜ୍ୟର ହୃଦ୍‌ଗୌରବକୁ ଫେରାଇ ଆଣିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରି ସଫଳତା ମଧ୍ୟ ପାଇଥିଲୁ। ସେହି ସମୟରେ ମୁଁ ପୁରୁଣା ଭୁବନେଶ୍ୱରସ୍ଥିତ ଏକାମ୍ର କଲେଜର +୩ ଛାତ୍ର। ସୁବର୍ଣ୍ଣ ସୁଯୋଗକୁ ଅପେକ୍ଷା କରିଥାଏ। ଡ଼ାକରା ଆସିଲା ଉମାଭାଇଙ୍କ ନିର୍ଦ୍ଦେଶରେ 'ବିଜୁବାବୁ'ଙ୍କ ଛାତ୍ର ଆନ୍ଦୋଳନରେ ସକ୍ରିୟ ଭାବେ ସାମିଲ୍ ହେବା ପାଇଁ। ଆଗଭର ହୋଇ ଫରେଷ୍ଟ ପାର୍କ ସାମନା ଜନତା ଦଳ କାର୍ଯ୍ୟାଳୟରେ ଉପସ୍ଥିତ ହେଲି। 'ଉମା ରଥ' ଓ 'ଅଶୋକ ଦାସ'ଙ୍କ ଜରିଆରେ 'ବିଜୁ ବାବୁ' ମୋତେ ଜାଣିବା ପରେ ଚରମବାଣୀ ଶୁଣାଇଲେ ଏବଂ ଧମକାଇଲେ ମଧ୍ୟ। ସେତେବେଳେ ମୁଁ ହଠାତ୍ ତାଙ୍କ ପାଇଁ ଅଚିହ୍ନା ରୂପ। ତାଙ୍କର ଧମକକୁ ମୁଁ ସହୃଦୟତାର ସହ ହଜମ କରିବାକୁ ବାଧ୍ୟ ହେଲି। ହଠାତ୍ କହିଲେ, ତୁ କଣ ଚୁଡ଼ିପିନ୍ଧା ଓଡ଼ିଆ ଟୋକା? ଚୁପ୍ ରହୁଛୁ କାହିଁକି? 'ଜାନକୀ' ବୁର୍ଲାରେ ୧୩ ଜଣ ଇଞ୍ଜିନିୟରିଂ ଛାତ୍ରମାନଙ୍କୁ ଗୁଳିକରି ହତ୍ୟା କରିସାରିଲେଣି, ତମେ ଏଠାରେ କରୁଛ କ'ଣ? ଯାଅ, ଛାତ୍ର, ଯୁବକ ଏକ ହୁଅ, ଜାନକୀ ସରକାରକୁ ହଟାଇଦିଅ। ତାଙ୍କର ଏଭଳି ମର୍ମସ୍ପର୍ଶୀ ଆହ୍ୱାନକୁ ଉତ୍ସାହିତ ଭାବରେ ଗ୍ରହଣ କରିଥିଲି। ସେହି ସମୟରେ 'ଉମା ରଥ' ଓ 'ଅଶୋକ ଦାସ'ଙ୍କ ଜରିଆରେ 'ବିଜୁ ବାବୁ' ମୋତେ ଜାଣିବା ପରେ ଛାତ୍ର ଜନତା ଦଳରେ ସାମିଲ୍ କରିଥିଲେ। ସେବେଠାରୁ ତାଙ୍କର ଦୁଃସାହାସିକ ଚରିତ୍ରକୁ ମୁଁ ଗର୍ବର ସହିତ ଗ୍ରହଣ କରି ସ୍ୱାଭିମାନୀ ରାଜନୀତିରେ ଅଛି ଏବଂ ରହିବି ମଧ୍ୟ। ତେବେ, ୧୯୯୦ଠାରୁ ସେହି ସମୟରେ ତାଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କଲାଭଳି ବ୍ୟକ୍ତିତ୍ୱ ନିଜ ଦଳରେ କିମ୍ବା ବିରୋଧୀ ଦଳରେ ନଥିବାରୁ, 'ବିଜୁ ବାବୁ' ରାଜ୍ୟର ଅପ୍ରତିଦ୍ୱନ୍ଦୀ ନେତା ଭାବରେ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ ଓ ଆଦରଣୀୟ ହୋଇପାରିଥିଲେ। ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀତ୍ୱ କାଳରେ ନିଜର ଦୃଢ ରାଜନୈତିକ ଇଚ୍ଛାଶକ୍ତି ଏବଂ ମନର ଜୋର ବଳରେ ଆଗକୁ ମାଡ଼ି ଚାଲିବାର ମନୋଭାବ ତାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟଧାରାରେ ପ୍ରତିଫଳିତ ହୋଇଥିଲା। ୧୯୯୦ ମାର୍ଚ୍ଚରୁ ୧୯୯୫ ମାର୍ଚ୍ଚ ମଧ୍ୟରେ ସୀମିତ ଥିବା ତାଙ୍କର ମୁଖ୍ୟମନ୍ତ୍ରୀତ୍ୱ ଅବଧୀରେ 'ବିଜୁ ପଟ୍ଟନାୟକ ଏଭଳି କେତେକ ପଦକ୍ଷେପ ଗ୍ରହଣ କରିଥିଲେ, କିମ୍ବା ମନ୍ତବ୍ୟ ଦେଇଥିଲେ, ଯାହା କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଚର୍ଚ୍ଚିତ, ବିଚଳିତ ଓ ବିବାଦୀୟ ହୋଇଥିଲା। ମୁଖ୍ୟମନ୍ତ୍ରୀତ୍ୱ ଗାଦିକୁ ଆସିବା ମାତ୍ରେ ଓଡ଼ିଶା ଗଠନ ହେବା ପରଠାରୁ କେହି ୧୩ରୁ ୧୪ଟି ଜିଲ୍ଲା କରିପାରି ନଥିଲେ। ସେ ଗୋଟିଏ କଲମ ଗାରରେ ୧୩ରୁ ୩୦ଟି ଜିଲ୍ଲା କରିଦେଲେ। ସେଥିପାଇଁ କେତେକ ସମାଲୋଚନା ମଧ୍ୟ କଲେ। କିନ୍ତୁ ଆଜି ସମଗ୍ର ଦେଶରେ ଆଇନ୍ ଶୃଙ୍ଖଳାର ଯେପରି ଅବନତି ହୋଇଚାଲିଛି, ୧୩ଟି ଜିଲ୍ଲା କ'ଣ ଏହାକୁ ସମ୍ଭାଳି ପାରିଥାନ୍ତେ? ରାଜ୍ୟର ସର୍ବନିମ୍ନ ଦୈନିକ ମଜୁରୀ ୧୧ ଟଙ୍କାରୁ ୨୫ ଟଙ୍କାକୁ ବୃଦ୍ଧି କରି 'ବିଜୁ ବାବୁ' ଯେତିକି ପ୍ରଶଂସିତ ହୋଇଥିଲେ, କଟକ ସହରର ଭୟାବହ ମଦମୃତ୍ୟୁ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କୁ ଦେଖିବାକୁ ନଯିବା ଓ ସେମାନଙ୍କ ପରିବାରକୁ ସମବେଦନା ନ ଜଣାଇବା ଯୋଗୁ ସେତିକି ସମାଲୋଚିତ ହୋଇଥିଲେ। ମଦ୍ୟପମାନଙ୍କ ପ୍ରତି ମୋର ଦରଦ ନାହିଁ, ମୁଁ କ'ଣ ଖାଲି ଶବ ଦେଖିବାକୁ କଟକ ଯାଇଥାନ୍ତି ବୋଲି ବିଜୁଙ୍କ ମନ୍ତବ୍ୟ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ସେ ଶାସନରେ ଥିଲାବେଳେ ଅନୁଭବ କଲେ ଯେ, ଅମଲାତନ୍ତ୍ର ସାଧାରଣ ଲୋକଙ୍କ ସମସ୍ୟା ବୁଝୁ ନାହିଁ ଏବଂ ଅନେକ କ୍ଷେତ୍ରରେ ଶୋଷଣ କରୁଛି। ସେ ଏହା ଲକ୍ଷ୍ୟ କରି ବିରକ୍ତ ହୋଇ ସର୍ବସାଧାରଣରେ କହିଦେଲେ, ଦୁର୍ନୀତି କଲେ ଏବଂ କାମ ନକଲେ ଅମଲାତନ୍ତ୍ରର କାର୍ଯ୍ୟକର୍ତ୍ତାମାନଙ୍କୁ ମାରିଦିଅ। ମୁଁ ଏହି ଆହ୍ୱାନକୁ ସହୃଦୟତାର ସହ ଗ୍ରହଣ କରି ପ୍ରଥମ ପଦକ୍ଷେପ ଭାବେ ପୁରୁଣା ଭୁବନେଶ୍ୱର, ଲିଙ୍ଗରାଜ ଥାନାରେ ଥିବା ସେତେବେଳର ଆଇ.ଆଇ.ସି. ସୁବାଷ ମହାପାତ୍ରଙ୍କୁ ୧୯୯୫ ମସିହା ଜୁଲାଇ ୧୩ ତାରିଖ, ରାତ୍ର ୧୨ଟା ସମୟରେ ଜଣେ ଗରୀବ ଲୋକଙ୍କ ଉପରେ ଶୋଷଣ, ଭକ୍ଷଣ, ଦୁର୍ନୀତି ଓ ଅତ୍ୟାଚାର ଅଭିଯୋଗ କ୍ରମେ ତାଙ୍କୁ ମାଡ଼ ମାରି ଗିରଫ ହୋଇଥିଲି। ଏକଥା ମୁଁ 'ବିଜୁ ବାବୁ'ଙ୍କୁ ନଜଣାଇ ଦୀର୍ଘ ୯ ବର୍ଷ ପର୍ଯ୍ୟନ୍ତ କେସ୍ ଲଢି ନିର୍ଦ୍ଦୋଷରେ ୨୦୦୪ ସାଧାରଣ ନର୍ବାଚନ ସରିବା ପରେ ଖଲାସ ହୋଇଥିଲି। ଯାହା ସେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେଥିପାଇଁ ମୁଁ ଓ ସେ (ବିଜୁ ବାବୁ) ଅବଶ୍ୟ ସମାଲୋଚିତ ହେଲୁ। ଯାହା ହେଲେ ବି ସାଧାରଣ ଲୋକଙ୍କ ମନୋଭାବ ସର୍ବସାଧାରଣ ପ୍ରକାଶ କରି ଅମଲାତନ୍ତ୍ରକୁ ସତର୍କ କରାଇ ଦେଇପାରିଲେ। ସେଥିରୁ ଯେ ସୁଫଳ ନ ମିଳିଲା ତାହା ନୁହେଁ। ସେହିପରି ଦେଶର ବିଶୃଙ୍ଖଳିତ ସ୍ଥିତିକୁ ଲକ୍ଷ୍ୟ କରି ସେ କହିଲେ, କିଛିଦିନ ତଳେ ମିଲିଟାରୀ ଶାସନ ଦେଶରେ ହେଲେ ଦେଶ ସୁଧୁରି ଯାଆନ୍ତା। ସମସ୍ତେ ଏକଥା ଡ୍ରଇଁରୁମ୍‌ରେ ବିଲୁଆ ବିଚାର ପରି କହନ୍ତି। କିନ୍ତୁ ସେ ସର୍ବସାଧାରଣରେ ଏହା କହିଦେଲେ। ଯେଉଁ କଥାକୁ ତାଙ୍କର ଏକଦା ଅବୁଝା ପୁଅ କହୁଥିବା ଜଣେ ନେତା ନିଜେ ମନ୍ତ୍ରୀ ହେବା ପାଇଁ କେନ୍ଦ୍ର ନେତୃତ୍ୱ ପାଖରେ ଏକଥା ପ୍ରକାଶ କରିଦେଇ 'ବିଜୁ ପଟ୍ଟନାୟକ'ଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବଞ୍ଚିତ କରିବା ପାଇଁ ଉଦ୍ୟମ କରିଥିବା ଦେଶରେ ଆଲୋଚିତ ହୋଇଥିଲା। ସେତେବେଳେ ମୁଁ ଏହାକୁ ଦୃଢ ବିରୋଧ କରି ଶ୍ରୀକାନ୍ତ ଜେନାଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇ ଦେବୁନାହିଁ ବୋଲି କହିବାରୁ ସେ ମୋ ଉପରେ ବିରକ୍ତିଭାବ ପ୍ରକାଶ କରିଥିଲେ। ସେ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ରଖୁଥିଲେ। ନିର୍ଭୀକ ଓ ସ୍ପଷ୍ଟବାଦୀ ଭାବରେ ମୁଁ ଜାଣେ, ବିଜୁ ପଟ୍ଟନାୟକ ଟେଲିଫୋନ ନିଜେ ଧରନ୍ତି। କାହା ଦ୍ୱାରା ଧରାଇ ବାବୁ ଘରେ ନାହାଁନ୍ତି ଅବା ବାଥରୁମ୍‌ରେ ଅଛନ୍ତି ବୋଲି କହି ଆଡ଼େଇ ଯା'ନ୍ତି ନାହିଁ। ଲୋକମାନଙ୍କ ସମସ୍ୟା ଜାଣିବା ପାଇଁ ସେମାନଙ୍କ ସହ ମିଶନ୍ତି ଓ ସେମାନେ ଦେବା ପ୍ରସ୍ତାବ ମନକୁ ପାଇଲେ, ତାହା କାର୍ଯ୍ୟକାରୀ କରନ୍ତି।

ଏକ ଘଟଣାକ୍ରମରେ ମୋ ଅନୁଭୂତିରୁ ପଦେ। ସେତେବେଳେ ପୁରୀ ଉପନିର୍ବାଚନରେ ବିଧାୟକ ଭାବେ ବିଜୟୀ ହୋଇଥାନ୍ତି 'ଉମା ରଥ'। କୁମ୍ଭାରପଡ଼ା ଥାନାରେ ଥିବା ଆଇ.ଆଇ.ସି. 'ଶରତ ଚନ୍ଦ୍ର ଚ୍ୟାଉପଟ୍ଟନାୟକ' କଂଗ୍ରେସ ଏବଂ ଆମ୍ଭର ଛାତ୍ରନେତା, କର୍ମୀଙ୍କ ସହ ଗୋଷ୍ଠୀ ବିବାଦକୁ ନେଇ ଅଟକ ରଖିଥାନ୍ତି। 'ଉମା ରଥ' ସମାଧାନ ପାଇଁ ହସ୍ତକ୍ଷେପ କରିବାରୁ ବିବାଦକୁ ଗୁରୁତ୍ୱ ନଦେଇ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଆଇ.ଆଇ.ସି.ଙ୍କୁ କୋରାପୁଟ ବିଦାୟ କରାଯିବ ବୋଲି ଚେତାବନୀ ଦିଆଗଲା। ତଥାପି ଏହାକୁ ଭୃକ୍ଷେପ ନକରି ଚ୍ୟାଲେଞ୍ଜ କରିବାରୁ ମୋତେ ଦାୟିତ୍ୱ ଦିଆଗଲା। ଉମା ରଥ ମୋତେ 'ବିଜୁବାବୁ'ଙ୍କ ପାଖକୁ ପଠାଇଲେ। ଅବଶ୍ୟ 'ଉମା ରଥ' ମଧ୍ୟ ମୋ ସହିତ ଥା'ନ୍ତି ଓ ସେ ବିଜୁବାବୁଙ୍କ ବାସଭବନରେ ତଳେ ରୋଷେଇ ଘରେ ବସି 'ଖଇରାତି' (ରୋଷେଇବାଲା)ଠାରୁ ଚା ପିଉଥାନ୍ତି। ତେବେ ମୁଁ ଉପରକୁ ଯାଇ ସବୁର ଘଟଣାବଳୀକୁ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କଲି। ବୁଝିଲାପରେ ଉମା ରଥଙ୍କ ପ୍ୟାଡ଼ରେ ସଙ୍ଗେ ସଙ୍ଗେ ଲିଖିତ ଦେଲେ ଯାହା, ଏଠାରେ ମୁଁ ଭାବବିହ୍ୱଳ ହୋଇ ପ୍ରକାଶ କରୁଅଛୁ। ସେ ନିର୍ଦ୍ଦେଶ ଦେଲେ-**"D.G. of Police this need to be done. How has he manage to stay so long in Puri district. Let him go to Koraput district Immediately."**

କେବଳ ସେତିକି ନୁହେଁ, ଦୈନିକ ମଜୁରୀକୁ ହଠାତ୍ ୧୧ ଟଙ୍କାରୁ ୨୫ ଟଙ୍କା କରିଦେବା ମୂଳରେ ଜଣେ ଆଦିବାସୀ 'ବୃଦ୍ଧାଙ୍କର' ପ୍ରସ୍ତାବ ଥିଲା। ଓଡ଼ିଶାରେ ଯେତେବେଳେ ସେ ଦୈନିକ ମଜୁରୀ ୨୫ ଟଙ୍କା କରିଦେଲେ ଭାରତରେ ଅନ୍ୟ ରାଜ୍ୟରେ ୨୫ ଟଙ୍କା ନଥିଲା। ପରେ ଅନ୍ୟମାନେ 'ବିଜୁ'ଙ୍କ ପଦାଙ୍କ ଅନୁସରଣ କରି ମଜୁରୀକୁ ୨୫ ଟଙ୍କାକୁ ବୃଦ୍ଧି କଲେ। ଉପରୋକ୍ତ କରିବା ପ୍ରଣାଳୀ ସ୍ଥୂଳଭାବରେ 'ବିଜୁ ପଟ୍ଟନାୟକ'ଙ୍କର ବ୍ୟକ୍ତିତ୍ୱର ମୂଳତତ୍ତ୍ୱ ଥିଲା। ସେ ଅନୁଭବର କଥା କହିଥିଲେ 'ଗରୀବର ଜାତି ନାହିଁ' (The Poor has no Caste)।

ଆମ୍ଭର ଅମର ଆତ୍ମା 'ବିଜୁ'ଙ୍କ ଦେହାନ୍ତ ପରେ ତାଙ୍କର ଶୋଭାଯାତ୍ରାରେ ଯେତେବେଳେ ଭୁବନେଶ୍ୱରରୁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ହେଲା, ଲକ୍ଷ ଲକ୍ଷ ବିଜୁପ୍ରେମୀ ଲୋକ ସନ୍ଧ୍ୟାରେ ଶୋକାକୁଳ ହୋଇ ଶୋଭାଯାତ୍ରାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ଅନୁଭୂତ ହେଲା ଯେ ସତେ ଯେପରି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେଉଛି।

ପ୍ରଦୀପ ସେନାପତି, ପୂର୍ବତନ ରାଜ୍ୟ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ, ପୂର୍ବତନ ରାଜ୍ୟ ସଭାପତି, ଯୁବ ଜନତା ଦଳ (ଏସ୍), ରାଜ୍ୟ ସଭାପତି ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଉତ୍କଳ ବିକାଶ ମଞ୍ଚ, ଜାତୀୟ ସମାଜବାଦୀ ବିଚାର ମଞ୍ଚ, ପୁରୁଣା ଭୁବନେଶ୍ୱର ଯୁବ ସଂଗଠନ, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀ ସଂଘ ସାମ୍ବାଦିକ ତଥା ଆନ୍ତର୍ଜାତୀୟ ସ୍ତରର ସ୍ତମ୍ଭକାର, ମୋ: ୯୪୩୮୪୪୬୫୭୫, E-mail : spkumar501@gmail.com, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ଜିଲ୍ଲା-ଖୋର୍ଦ୍ଧା।

ପ୍ରାକ୍ କାଳର ଆଇନ ବ୍ୟବସ୍ଥା

ଭୁବନେଶ୍ୱର (ପିଆଇବି): ବର୍ତ୍ତମାନର ଆଇନ ବ୍ୟବସ୍ଥାର ଆଲୋଚନା ହେବା ସମୟରେ ସ୍ୱତଃ ପ୍ରାକ୍‌କାଳର ଆଇନ ବ୍ୟବସ୍ଥା କଥା ସ୍ମରଣକୁ ଚାଲିଆସେ । ସାଧାରଣତଃ ସମାଜରେ ଶାନ୍ତି ଶୃଙ୍ଖଳା ବ୍ୟାହତ ହେଲେ ତା'ର ନିରାକରଣ ପାଇଁ ଆଇନର ଅନ୍ୱେଷଣ କରାଯାଏ । ଏଇ ପ୍ରସଙ୍ଗରେ ପୁରାଣ ଯୁଗରେ ଏଥିପାଇଁ ବିଧିବ୍ୟବସ୍ଥା ଥିବାର ଗ୍ରୀକ୍ ପୁରାଣର ଏକ ମହାନ କଥା ବସ୍ତୁରୁ ଜାଣିବାକୁ ମିଳେ ଯାହାକି ଆଧୁନିକ ଯୁଗର ବିଧିବ୍ୟବସ୍ଥାର ପଥପ୍ରଦର୍ଶକ ହୋଇଛି । ସେଇ ପୁରାଣର କାହାଣୀ ଅନୁସାରେ ଆକାଶପିତା ଇଉରାନ୍‌ସ ଓ ଧରିତ୍ରୀ ମାତା ଗାଇଆଙ୍କର କନ୍ୟା ଥିଲେ ଥେମିସ୍ । ତାଙ୍କର ଦାୟିତ୍ୱ ଥିଲା ଧରାପୃଷ୍ଠରେ ଆଇନ ଶୃଙ୍ଖଳା ରକ୍ଷା କରିବା । ତେଣୁ ସେ ଜଗତରେ ନ୍ୟାୟର ଦେବୀ (ଷ୍ଟାଚୁ ଅଫ୍ ଜଷ୍ଟିସ୍) ଭାବେ ବିଶେଷ ରୂପରେ ପରିଚିତା । ଏବେ ପୃଥିବୀର ବହୁ ସ୍ଥାନରେ ନ୍ୟାୟିକ ସଂସ୍ଥାନ ତଥା ଆଇନ ଅଦାଲତ ମାନଙ୍କରେ ଆଖିରେ ଅନ୍ଧପୁଟୁଳି ବନ୍ଧା, ଦକ୍ଷିଣ ହସ୍ତେ ଖଡ୍ଗ ଓ ବାମହସ୍ତେ ନ୍ୟାୟ ତରାଜୁ ଧାରିଣୀ ଯେଉଁ ନାରୀ ମୂର୍ତ୍ତିଟି ଦଣ୍ଡାୟମାନ ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ନ୍ୟାୟର ଦେବୀ ଥେମିସ୍, ନ୍ୟାୟର ପ୍ରତୀକ । ନିରପେକ୍ଷତାକୁ ନିରବଚ୍ଛିନ୍ନ ଭାବେ ପାଳନ କରିବା ପାଇଁ ସାରା ବିଶ୍ୱକୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଆଖିରେ ଅନ୍ଧପୁଟୁଳି ବାନ୍ଧିଥିବା ସେଇ ମୂର୍ତ୍ତିଟି ଗୋଟିଏ ହାତରେ ନ୍ୟାୟ ତରାଜୁ ଓ ଅନ୍ୟ ହାତରେ ଖଡ୍ଗ ଧାରଣ କରିଥିବାରୁ ତାହା ନ୍ୟାୟ ଅନ୍ୟାୟ ବିଚାରର ସୂଚନା ପ୍ରଦାନ କରେ । ଗ୍ରୀକ୍ ପୁରାଣର ଏଇ କଥାଟି ସାରା ବିଶ୍ୱରେ ପ୍ରତିଧ୍ୱନୀତ ହୋଇ ଜନମାନସରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଯେଉଁ ଗଭୀର ଆସ୍ଥା ଓ ବିଶ୍ୱାସ ପ୍ରକଟ କରେ ତାହା ଚିରକାଳ ଅଭିନନ୍ଦନୀୟ । ଅଧୁନା ଏହି ଅତ୍ୟାଧୁନିକ ଯୁଗରେ ବ୍ୟକ୍ତି ବିଶେଷରେ ହୁଏତ କେଉଁଠି କେମିତି ଦୁର୍ବଳ ମୁହୂର୍ତ୍ତର ଶିକାର ହୋଇ ତ୍ରୁଟି ବିଚ୍ୟୁତି ଘଟୁଥାଇପାରେ, ମାତ୍ର ନୀତିନିୟମର ଗଭୀର ତତ୍ତ୍ୱ ସଦାସର୍ବଦା ସ୍ୱଚ୍ଛ । ଆଲୋଚ୍ୟ ପ୍ରସଙ୍ଗରେ ଆଉ ଗୋଟିଏ ଚମତ୍କାର ବିଷୟ ବସ୍ତୁ ହେଉଛି ପିଥାଗୋରାସ୍ ଓ ଓଭାଲଥାସ୍ ଗୁରୁଶିଷ୍ୟ ଉପାଖ୍ୟାନ । ଗ୍ରୀକ୍ ଇତିହାସର ଏଇ ଅବିସ୍ମରଣୀୟ କାହାଣୀଟି ସଂପୂର୍ଣ୍ଣ ହେଉ ହେଉ ଅଦ୍ୟାବଧି ଅସଂପୂର୍ଣ୍ଣ ରହିଯାଇଛି ଯାହାକି ବିଧିର ଏକ ବିଡମ୍ବନା ମାତ୍ର । ପିଥାଗୋରାସ୍ ଥିଲେ ଜଣେ ବିଶ୍ୱବିଦିତ ବିଦ୍ୱାନ ଶିକ୍ଷକ । ଓଭାଲ୍‌ଥାସ୍ ନାମକ ଜଣେ ଛାତ୍ର ତାଙ୍କଠାରୁ ଆଇନରେ ଶିକ୍ଷା ଗ୍ରହଣ କରିବାକୁ ଆସିଲେ । ସେତେବେଳେ ଆଇନରେ ଶିକ୍ଷା ଗ୍ରହଣ କରିବାର ଅବଧି ଥିଲା ଦୁଇ ବର୍ଷ । ପିଥାଗୋରାସ୍ ଶିକ୍ଷା ଦେବାକୁ ରାଜି ହେଲେ ଓ ବଦଳରେ ଦେୟ (ଫିସ୍) ମାଗିଲେ । ଓଭାଲ୍‌ଥାସ୍ ଦେୟ ଦେବାକୁ ସକ୍ଷମ ନଥିବାରୁ ତାହା ଗୁରୁ ପିଥାଗୋରସ୍‌ଙ୍କୁ ଜଣାଇଲେ ଏବଂ ଶିକ୍ଷା ଅବଧି ଶେଷ ହେଲା ପରେ ଦେୟ ଦେବାକୁ ପ୍ରତିଶ୍ରୁତି ଦେଲେ । ପିଥାଗୋରାସ୍ ପ୍ରତିଶ୍ରୁତିରେ ରାଜି ହୋଇ ଓଭାଲ୍‌ଥାସ୍‌ଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ ଓ ଆଇନର ବହୁ ମୂଲ୍ୟବାନ୍ ଶିକ୍ଷା ତାଙ୍କୁ ପ୍ରଦାନ କଲେ । ଓଭାଲ୍‌ଥାସ୍ ଅତ୍ୟନ୍ତ ମେଧାବୀ ଥିବାରୁ 'ଯେମିତି ଗୁରୁଙ୍କୁ ସେମିତି ଛାତ୍ର' ନ୍ୟାୟରେ ଓଭାଲ୍‌ଥାସ୍ ଆଇନ ଶିକ୍ଷା ଲାଭ କରି ଖୁବ୍ ପାରଦର୍ଶୀ ହୋଇଗଲେ ସତ, ହେଲେ ପୂର୍ବ ପ୍ରତିଶ୍ରୁତି ଭଙ୍ଗ କରି ଗୁରୁ ପିଥାଗୋରାସ୍‌ଙ୍କୁ ତାଙ୍କର ଦେୟ ଦେବାକୁ ମନା କରିଦେଲେ । ଏଣୁ ପିଥାଗୋରାସ୍ ଏକ ଆଇନ ସଂସ୍ଥାନରେ ଓଭାଲ୍‌ଥାସ୍‌ଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଆଗତ କଲେ । ଉକ୍ତ ଆଇନ ସଂସ୍ଥା ଅଭିଯୋଗ ଗ୍ରହଣ କରି ଉଭୟଙ୍କର ଯୁକ୍ତିତର୍କ ଶୁଣିଲେ । ଉଭୟଙ୍କର ଯୁକ୍ତିତର୍କ ଓ ଉତର ପ୍ରତ୍ୟୁତର ଏଭଳି ବାଗ୍ମିତାପୂର୍ଣ୍ଣ ଉତୁଙ୍ଗ ଥିଲା ଯେ ଏଥିରେ ବିଚାରପତି ଅଭିଭୁତ ହୋଇ ପଡିଲେ । ଉଭୟ ପକ୍ଷଙ୍କ ଆଇନର ତାତ୍ୱିକ ବିଶ୍ଳେଷଣରେ କିଂକର୍ତବ୍ୟବିମୂଢ଼ ହୋଇପଡି ନ୍ୟାୟମୂର୍ତି ଉକ୍ତ ମକଦ୍ଦମାର ଫଳାଫଳ ଶହେ ବର୍ଷପରେ ଘୋଷଣା କରାଯିବାକୁ ଶୁଣାଇଦେଲେ । ସେଇଦିନ ଠାରୁ ଏହା ଭିତରେ କେତେ ଯେ ବର୍ଷ ବିତିଗଲାଣି ତା'ର ହିସାବ ନାହିଁ । ପୁଣି ଏହା ଉପରେ ଅଢ଼େଇ ହଜାରରୁ ଉର୍ଦ୍ଧ୍ୱ ଗବେଷଣା ସନ୍ଦର୍ଭ ଲେଖା ଯାଇସାରିଥିଲେବି ଏ ପର୍ଯ୍ୟନ୍ତ ପିଥାଗୋରାସ୍ ବନାମ ଓଭାଲ୍‌ଥାସ୍ ମକଦ୍ଦମାର ଚୂଡାନ୍ତ ଫଳାଫଳ ନିର୍ଣ୍ଣିତ ହୋଇ ପାରି ନାହିଁ । ବୋଧହୁଏ ବିଶ୍ୱର ଏହି ପ୍ରଥମ ଆନୁଷ୍ଠାନିକ ମକଦ୍ଦମାର ଫଳାଫଳ ନିର୍ଣ୍ଣୟ ହୋଇନପାରିବା ଯେତିକି ବିସ୍ମୟକର ସେତିକି କୌତୁହଳପୂର୍ଣ୍ଣ । ଏଇ ପରିପ୍ରେକ୍ଷୀରେ ଭାରତୀୟ ବିଚାର ବ୍ୟବସ୍ଥା ଉପରେ ନଜର ପକାଇବା । ଆଜିର ଏ ଯେଉଁ ବିଚାର ବ୍ୟବସ୍ଥା ତାହା ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ବିଚାର ବ୍ୟବସ୍ଥାର ଅନୁରୂପ । କାରଣ, ପ୍ରାୟ ଦୁଇ ଶହ ବର୍ଷ ଧରି ଇଂରେଜମାନେ ଭାରତକୁ ଶାସନ କରିଥିବାରୁ ସେମାନେ ଯେଉଁ ବିଚାର ବ୍ୟବସ୍ଥା ପ୍ରଚଳନ କରିଥିଲେ ଭାରତ ସ୍ୱାଧୀନ ହେଲାପରେ ମଧ୍ୟ ସେଇ ବ୍ୟବସ୍ଥା ଚଳିଆସୁଛି । ପୂର୍ବେ କୌଣସି କାରଣରୁ ବିବାଦଟିଏ ଦେଖାଦେଲେ ଲୋକେ ତାହା ସାଇ ପଡିଶା ତଥା ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ସମାଧାନ କରିନେଉଥିଲେ । ନହେଲେ ପଂଚପରମେଶ୍ୱରଙ୍କ ପାଖକୁ ଯାଉଥିଲେ । ଆଉ ସେଇ ପଂଚପରମେଶ୍ୱରଙ୍କ ଆଦେଶ ହିଁ ଥିଲା ଶିରୋଧାର୍ଯ୍ୟ । ସାଂପ୍ରତିକ ପଂଚାୟତ ବ୍ୟବସ୍ଥା ତହିଁରୁ ଉତ୍ପନ୍ନ । ପଂଚଙ୍କ ଆୟତରେ ପଂଚାୟତ ଅର୍ଥାତ୍ ସେଇ ପାଂଚ ଜଣଙ୍କ ଆୟତରେ ସବୁକଥା । ସେମାନେ ଯାହା ନିର୍ଣ୍ଣୟ କରିବେ ତାକୁ ନମାନିବାର କାହାର ସାଧ ନଥାଏ । ଏହା ଥିଲା ତୃଣମୂଳସ୍ତରର ଅଲିଖିତ ବିଚାର ବ୍ୟବସ୍ଥା । ତାକୁ ଟପିଲେ ଧାର୍ମିକ ଅନୁଷ୍ଠାନ କିମ୍ବା ଜମିଦାର ଅଥବା ରାଜ ଦରବାରକୁ ଯାଉଥିଲେ । ସେତେବେଳେ ଲୋକେ ଅତ୍ୟନ୍ତ ଧର୍ମବିଶ୍ୱାସୀ ଥିବାରୁ ଧର୍ମାନୁଷ୍ଠାନରେ ପ୍ରାୟ ବିବାଦର ସମାଧାନ ହୋଇଯାଉଥିଲା । ନିହାତି ଆବଶ୍ୟକତା ନ ପଡିଲେ ଲୋକେ ଜମିଦାର କିମ୍ବା ରାଜ ଦରବାରକୁ ଯାଉନଥିଲେ । କାରଣ, ଏଠାରେ ଦଣ୍ଡ ବିଧାନ ଅପେକ୍ଷାକୃତ କଠୋର ଥିଲା । ତେବେ କହିବାକୁ ଗଲେ ଉପରୋକ୍ତ ଏସବୁ ପ୍ରସଙ୍ଗ ଏବେ ଇତିହାସ ପୃଷ୍ଠାକୁ ଚାଲିଗଲାଣି । ମାନବ ସଭ୍ୟତାର ଦୃତ ବିକାଶରେ ବିଚାର ବ୍ୟବସ୍ଥା ମଧ୍ୟ ବିକଶିତ ହେଲାଣି ଓ ଆଗକୁ ଆହୁରି ବିକଶିତ ହେବାର ମାର୍ଗ ସ୍ୱଷ୍ଟ ଦୃଶ୍ୟମାନ ହେଉଛି ।

(ସୌଜନ୍ୟ: ଗଗନ ଚନ୍ଦ୍ର ମେହେର)

ବିଦ୍ୟାଳୟରେ କେତେ ସୁରକ୍ଷିତ ଆମ ପିଲା ?

ଭୁବନେଶ୍ୱର (ପିଏନ୍): ପିଲାଟି ପାଇଁ ନିଜ ଘର ପରିବାର ପରେ ଯଦି ଅନ୍ୟ କୌଣସି ସୁରକ୍ଷିତ ସ୍ଥାନ ବା କ୍ଷେତ୍ର ବୋଲି ବିଚାର କରାଯାଏ ତାହାହେଉଛି ତାର ସ୍କୁଲ। କାରଣ ଏଠାରେ ପିଲାଟି ନିଜ ଚବିଶ ଘଣ୍ଟିଆ ରୁଟିନ୍ ସମୟ ଭିତରୁ ଅଧିକାଂଶ ସମୟ ତା ସାଙ୍ଗସାଥି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମେଳରେ କଟାଇଥାଏ। ତେବେ ନିକଟରେ ହରିୟାନାରେ ଓ ପରେ ନୂଆଦିଲ୍ଲୀରେ ଘଟିଥିବା ଦୁଇ ଦୁଇଟି ଅଭାବନୀୟ ଘଟଣା ସମଗ୍ର ଦେଶରେ ଘରୋଇ ସ୍କୁଲର ନିରାପତ୍ତା ସ୍ଥିତିକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ଘଟଣାରେ ମାନ୍ୟବର ସୁପ୍ରିମକୋର୍ଟ ହସ୍ତକ୍ଷେପ କରି କେନ୍ଦ୍ର ଓ ହରିୟାନା ସରକାର ସମେତ କେନ୍ଦ୍ର ମାଧ୍ୟମିକ ଶିକ୍ଷାବୋର୍ଡ଼ ଓ ରାଜ୍ୟ ପୋଲିସ ବିଭାଗକୁ ନୋଟିସ୍ ଜାରି କରିବା ପରେ ସମଗ୍ର ଦେଶରେ ଘରୋଇ ସ୍କୁଲ ମାନ୍ୟବର ସୁପ୍ରିମକୋର୍ଟଙ୍କ ସ୍କାନରରେ ରହିବା ନେଇ ସୁନିଶ୍ଚିତ ହୋଇଛି। ରିଆନ୍ ଇଣ୍ଟରନ୍ୟାସନାଲ ସ୍କୁଲରେ କୋମଳମତି ପିଲାଟିକୁ ଯୌନ ନିର୍ଯାତନା ଓ ହତ୍ୟା କରିବା ଘଟଣା ସମଗ୍ର ଭାରତର ଶିକ୍ଷାବିତ୍, ଅଭିଭାବକ, ବୁଦ୍ଧିଜୀବୀ ଓ ସାଧାରଣ ମହଲ ସମସ୍ତଙ୍କୁ ବିଚଳିତ କରିଦେଇଛି। ଭାରତରେ ତଥାକଥିତ ଅନେକ ବେସରକାରୀ ବିଦ୍ୟାଳୟ ଯେ କେତେ ଅସୁରକ୍ଷିତ ଓ ଲଗାମଛଡ଼ା ତାହା ନିକଟରେ ଏହି ଘଟଣାରୁ ପ୍ରମାଣ ମିଳିଛି। ଅନେକ ଅଭିଭାବକ ନିଜ ପିଲାଟିକୁ ବିଦ୍ୟାଳୟକୁ ଛାଡ଼ିଦେଲା ପରେ ତାଙ୍କ ସୁରକ୍ଷା ଓ ପାଠପଢ଼ା ପ୍ରତି ବେଧଡ଼କ ହୋଇଯାଆନ୍ତି। ଓଡ଼ିଶା କଥା ଚିନ୍ତା କରିବା ଭିତରେ ଆମ କଟକର ଶିକ୍ଷାନୁଷ୍ଠାନ କଥା ବିଷୟରେ ଟିକେ ଲେଖୁଛି। ସହରରେ ଛତୁ ଫୁଟିଲା ପରି ମାଳ ମାଳ ଘରୋଇ ସ୍କୁଲ ରହିଛି। ଗୁଣବତ୍ତା ଶିକ୍ଷାଦାନ କ୍ଷେତ୍ରରେ ସରକାରୀ ସ୍କୁଲ ଠାରୁ ଏ ସ୍କୁଲ ମାନଙ୍କରେ ନିର୍ଭରଯୋଗ୍ୟ ଭୂମିକା ରହୁଥିବାରୁ ଅଭିଭାବକମାନେ ମଧ୍ୟ ଘରୋଇ ସ୍କୁଲ ମୁହାଁ ହେଉଛନ୍ତି। ଅନେକ ହୁଏତ ଜାଣିନଥିବେ ଅନେକ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ନାହିଁ। କେଉଁଠି କେଉଁଠି ଥିଲେ ବି ସବୁ ସ୍ଥାନରେ ବା ସମ୍ବେଦନଶୀଳ ଓ ସ୍ପର୍ଶକାତର ସ୍ଥାନରେ ଏହାର ସୁଇଚ୍ ଅଫ୍ କରିଦିଆଯାଇଥାଏ। କିନ୍ତୁ ନିୟମ କହୁଛି ପ୍ରବେଶ ଦ୍ୱାର ଠାରୁ ଶ୍ରେଣୀକକ୍ଷ, କମନ୍‌ରୁମ୍ ଠାରୁ ୱେଟିଂ ରୁମ୍, ଖେଳ ପଡ଼ିଆ ଠାରୁ ପାଠାଗାର ସବୁଠି କ୍ୟାମେରା ନିରାପତ୍ତା ରହିବା ନିହାତି ଜରୁରୀ। ସେହିପରି ଅନେକ ସ୍କୁଲରେ ସିକ୍ୟୁରିଟି ବ୍ୟବସ୍ଥା ନଥାଏ। ଗୋଟିଏ ଗୋଟିଏ ବିଦ୍ୟାଳୟରେ ସ୍କୁଲର ବଡ଼ ପିଲାମାନଙ୍କୁ, ଛୋଟ ପିଲାମାନଙ୍କୁ ନଜର ଅନ୍ଦାଜ କରିବା ପାଇଁ ଖାମ୍‌ଖିଆଲି ଭାବେ ଏକ ପ୍ରକାର ଦାୟିତ୍ୱ ଦିଆଯାଇଥାଏ। ଘରୋଇ ସିକ୍ୟୁରିଟି ସଂସ୍ଥାର କର୍ମଚାରୀ ସ୍କୁଲର ସୁରକ୍ଷା ଦାୟିତ୍ୱରେ ଥିଲେ ବି ସ୍କୁଲ ତରଫରୁ ସେମାନଙ୍କ ପାଇଁ ଅଧିକାଂଶ କ୍ଷେତ୍ରରେ ଗାଇଡ୍ ଲାଇନ ନିର୍ଦ୍ଧାରଣ କରାଯାଇନଥାଏ। ଶିକ୍ଷାଦାନ ସହିତ ସମ୍ପୃକ୍ତ ନଥିବା ଅନେକ ସ୍କୁଲର ଅନ୍ୟାନ୍ୟ କର୍ମଚାରୀମାନଙ୍କ ଦ୍ୱାରା ସୁରକ୍ଷା ଦାୟିତ୍ୱ ଦିଆଯାଇଥାଏ। ସେ କ୍ଷେତ୍ରରେ ସୁରକ୍ଷାକର୍ମୀର ଅତୀତର କାର୍ଯ୍ୟକଳାପ ତାଙ୍କ ଚରିତ୍ର, ପରିଚୟ, ଢ଼ଙ୍ଗରଙ୍ଗ, ଆଚାର ବ୍ୟବହାର ସମ୍ବନ୍ଧରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସବିଶେଷ ତଥ୍ୟ ରଖିନଥାନ୍ତି ଯାହାଦ୍ୱାରା ଏହିପରି କର୍ମଚାରୀଙ୍କ ଦ୍ୱାରା ପିଲାମାନେ ଦୁର୍ବ୍ୟବହାରର ଶିକାର ହେବା ଅତି ସହଜ କଥା। ଗରୁଗାଓଁରେ ସଂଗଠିତ ଏହି ଅଭାବନୀୟ ଘଟଣାକ୍ରମରେ ତଦନ୍ତ ସମୟରେ ନ୍ୟାସନାଲ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲଡ୍ ରାଇଟସ୍ ଜାଣିବାକୁ ପାଇଛନ୍ତି ଯେ ସ୍କୁଲ କର୍ତ୍ତୃପକ୍ଷ ପୋଲିସ ଦ୍ୱାରା ନିୟୋଜିତ କର୍ମଚାରୀଙ୍କ ତଥ୍ୟ ଯାଞ୍ଚ କରାଇନଥିଲେ। ଏଣୁ ଆଗାମୀ ସମୟରେ ସ୍କୁଲ କର୍ତ୍ତୃପକ୍ଷମାନେ ଏ ଦିଗକୁ ସତର୍କ ଓ ସଜାଗ ନହେଲେ ଏହାର ସୁଯୋଗ ନେଇ ଅପରାଧୀକ ମାନସିକତା ସମ୍ପନ୍ନ ବ୍ୟକ୍ତିମାନେ ସ୍କୁଲରେ ସୁରକ୍ଷା କ୍ଷେତ୍ର ପରି ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର ଚାକିରୀ ପାଇବାର ସମ୍ଭାବନା ରହିବ। ଅଧିକାଂଶ ସ୍କୁଲରେ ଦେଖାଯାଇଥାଏ ଯେ ସେମାନଙ୍କର ଶୌଚାଳୟ, ଆମୋଦନ କକ୍ଷ ଏପରିକି ପଠନ କକ୍ଷର ସୁରକ୍ଷାକୁ ସେତେଟା ଗୁରୁତ୍ୱ ଦିଆଯାଇନଥାଏ। ସେହିପରି ସ୍କୁଲର ପାଠପଢ଼ା ସରିବା ପରେ ଅଭିଭାବକମାନେ ପିଲାଟିକୁ ନେବା ପାଇଁ ଆସିବା ପର୍ଯ୍ୟନ୍ତ ସ୍କୁଲ କର୍ତ୍ତୃପକ୍ଷ ସେପରି ସୁରକ୍ଷା ବ୍ୟବସ୍ଥା ରଖିନଥାନ୍ତି। ସେହିପରି ସ୍କୁଲ ବସ୍ ବା ଅନ୍ୟ ଘରୋଇ ଗାଡ଼ି ପିଲାଙ୍କୁ ନେବା ଆଣିବାରେ ସମ୍ପୃକ୍ତ ଥିବା କ୍ଷେତ୍ରରେ ଡ୍ରାଇଭର ଓ କର୍ମଚାରୀଙ୍କ ଚରିତ୍ରଗତ ତଥ୍ୟ ଯାହାକି ଅତ୍ୟନ୍ତ ଜରୁରୀ ଏ ଦିଗକୁ କେବଳ ସ୍କୁଲ କର୍ତ୍ତୃପକ୍ଷ ନୁହେଁ ଅନେକ ଅଭିଭାବକ ମଧ୍ୟ ଗୁରୁତ୍ୱ ଦେଇନଥାନ୍ତି। ପିଲାଟି ସ୍କୁଲ ଆସିଲା ବେଳ ଠାରୁ ଫେରିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତାର ସୁରକ୍ଷିତ ରହିବାର ଦାୟିତ୍ୱ ହେଉଛି ଶିକ୍ଷାନୁଷ୍ଠାନର। ସ୍କୁଲ ଛୁଟି ସମୟରେ ପିଲାଙ୍କୁ ଏକାକୀ ବାହାରକୁ ଛାଡ଼ିଦେବା ଅତ୍ୟନ୍ତ ଅନୁଚିତ। ଅନେକ କ୍ଷେତ୍ରରେ ପିଲାମାନେ ଅନେକ ଦୁର୍ଘଟଣାର ଶିକାର ହୋଇଥାନ୍ତି। ସେହିପରି ଅନେକ ବିଦ୍ୟାଳୟରେ ଆସେମ୍ବ୍ଲି ସମୟରେ ପିଲାମାନେ ବିଳମ୍ବରେ ଯାଉଥିଲେ ସେମାନେ ସ୍କୁଲ ପରିସରକୁ ଅନୁମତି ନଥିବାରୁ ଅନେକ ଅଭିଭାବକ ଗେଟ ପାଖରେ ପିଲାମାନଙ୍କୁ ଛାଡ଼ି ଦେଉଥିବାରୁ ସେମାନଙ୍କ ନିରାପତ୍ତା ସୁନିଶ୍ଚିତ ଦାୟିତ୍ୱ କାହାର? ବେସରକାରୀ ଶିକ୍ଷାନୁଷ୍ଠାନମାନେ ଯଥେଷ୍ଟ ପରିମାଣର ଅର୍ଥ ପାଠପଢ଼ା ଓ ଆନସଙ୍ଗିକ ବ୍ୟବସ୍ଥା ପାଇଁ ନେଉଥିବାରୁ ପିଲାଟିର ମାନସିକ ଓ ଶାରିରିକ ନିରାପତ୍ତା ସ୍କୁଲ କର୍ତ୍ତୃପକ୍ଷଙ୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉତ୍ତରଦାୟିତ୍ୱ। ବେଳେ ବେଳେ ସାଙ୍ଗସାଥିଙ୍କ ଭିତରେ କୌଣସି ଭୁଲ ବୁଝାମଣା ଘଟୁଥିଲେ ଅନେକ ସମୟରେ ଜଣେ ଜଣେ ପିଲା ବିଦ୍ୟାଳୟକୁ ଛୋଟବଡ଼ ମାରଣାସ୍ତ୍ର ସାଙ୍ଗରେ ନେଉଥିବାର ଉଦାହରଣ ବି ରହିଛି। ଏ କ୍ଷେତ୍ରରେ ସତର୍କ ଓ ସଚେତନ ରହିବା ଦାୟିତ୍ୱ କେବଳ ବିଦ୍ୟାଳୟର ନୁହେଁ ଅଭିଭାବକଙ୍କର ମଧ୍ୟ। ବିଦ୍ୟାଳୟ ପରିସରରେ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନକାରୀଙ୍କୁ ସାମାନ୍ୟତମ ଅନୁକମ୍ପା ବା ସହଯୋଗ ଆଦୌ ରଖିବା କଥା ନୁହେଁ। ପିଲାମାନଙ୍କର ଶୌଚାଳୟ ଓ ଅବସରବିନୋଦନ କେନ୍ଦ୍ର ଯେପରି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଭିତରେ ରହେ ଏହାକୁ ଗୁରୁତ୍ୱ ଦେବା ଜରୁରୀ। କୌଣସି କ୍ଷେତ୍ରରେ ପିଲାଟିର ଶାରୀରିକ ହେଉ ବା ମାନସିକ ଅସ୍ୱାଭାବିକତା ଦେଖିବା ମାତ୍ରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଟିର ଅଭିଭାବକମାନଙ୍କୁ ତୁରନ୍ତ ସୂଚନା ଦିଅନ୍ତୁ। ଶିକ୍ଷା ଅଧିକାର ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ସହ ଗଣଶିକ୍ଷା ବିଭାଗ, ବିଦ୍ୟାଳୟ କର୍ତ୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ଭିତରେ ସମନ୍ୱୟ ରହିବା ନିହାତି ଆବଶ୍ୟକ। ହରିୟାନା ଓ ଦିଲ୍ଲୀର ଘଟଣା ବର୍ତ୍ତମାନ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ବଡ଼ ପ୍ରଶ୍ନ ଚିହ୍ନରେ ଛିଡ଼ା କରାଇଛି। ଏ କ୍ଷେତ୍ରରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସବୁକ୍ଷେତ୍ରରେ ସହଯୋଗ କରିବା ଦାୟିତ୍ୱ ନିଶ୍ଚିତ ଭାବେ ଆମ ସମସ୍ତଙ୍କର।

(ସୌଜନ୍ୟ: ନାରାୟଣ ଚନ୍ଦ୍ର ବିଶ୍ୱାଳ, କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ: ୯୪୩୮୨୭୬୭୬୦)

ଗ୍ରାମାଂଚଳରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର (ପିଆଇବି): ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ହେଉଛି ରାଷ୍ଟ୍ରର ପ୍ରାଥମିକ କର୍ତବ୍ୟ। ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ପ୍ରାଥମିକ ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି। ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ସକାଶେ କେନ୍ଦ୍ର ସରକାର ୨୦୦୫ରେ ଆରମ୍ଭ କରିଥିଲେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ। ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଏବଂ ସମସ୍ତଙ୍କୁ ସୁହାଇବା ପରି ସେବା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ସରକାରଙ୍କ ପଦକ୍ଷେପକୁ ସହାୟତା କରିବା ଥିଲା ଏହି ଯୋଜନାର ଆଭିମୁଖ୍ୟ। ସମ୍ପ୍ରତି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ଦୁଇଟି ଉପବିଭାଗ କାର୍ଯ୍ୟକରୁଛି। ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରଙ୍କ ପଦକ୍ଷେପକୁ ସହାୟତା ଦେଇଆସୁଛନ୍ତି କେନ୍ଦ୍ର ସରକାର। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଯେପରି ସୁସଂହତ ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ପାର୍ବତ୍ୟ ଓ ମରୁଭୂମି ଇଲାକାରେ ସ୍ୱାସ୍ଥ୍ୟ ସେବା ନେଇ ବିଭିନ୍ନ ଉନ୍ନତମାନର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ ଯୋଜନା ପ୍ରଣୟନ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସହଯୋଗ କରିଆସୁଛନ୍ତି । ଅଦ୍ୟାବଧି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ୨.୮୯ ଲକ୍ଷ ଅତିରିକ୍ତ ମାନବ ସମ୍ବଳ ପ୍ରଦାନ କରାଯାଇଥିବାବେଳେ ୩୦୮୦୫ଟି ନୂଆ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହାବାଦ୍ ୩୨୮୫୬ଟି ଆଧୁନିକୀକରଣ ଓ ଉନ୍ନୀତକରଣ କାର୍ଯ୍ୟ କରାଯାଇଛି। ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ନିୟୋଜିତ ହୋଇଛନ୍ତି ୧୧୦୬ ମୋବାଇଲ ମେଡିକାଲ ୟୁନିଟ। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଗ୍ରାମୀଣ ଇଲାକାରେ ସର୍ବସାଧାରଣ ସ୍ୱାସ୍ଥ୍ୟ ସେବା ନିମନ୍ତେ ମାନବ ସମ୍ବଳର ଯଥେଷ୍ଟ ବ୍ୟବସ୍ଥା କରାଯାଇଥିବାବେଳେ ଗ୍ରାମୀଣ ଓ ଦୁର୍ଗମ ଇଲାକାରେ ସ୍ୱାସ୍ଥ୍ୟ ସେବା ଲାଗି ଏହି ମିଶନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଗ୍ରାମୀଣ ଓ ଦୁର୍ଗମ ଇଲାକାରେ କାର୍ଯ୍ୟକରିବା ପାଇଁ ଯେପରି ଡାକ୍ତରମାନେ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ସେମାନଙ୍କୁ ଅଧିକ ଭତା ଦିଆଯାଉଥିବାବେଳେ ସରକାରୀ ଆବାସ ମଧ୍ୟ ଯୋଗାଇଦିଆଯାଉଛି। ଏଥିପାଇଁ ସ୍ନାତକୋତର ମେଡିକାଲ ଶିକ୍ଷା ନିୟାମକ, ୨୦୦୦କୁ ସଂଶୋଧନ କରାଯାଇଛି। ଏହି ନିୟାମକ ଅନୁସାରେ ଯେଉଁ ସରକାରୀ ଡାକ୍ତରମାନେ ଗ୍ରାମୀଣ ଓ ଦୁର୍ଗମ ଇଲାକାରେ ଅତିକମରେ ୩ବର୍ଷ ନିୟୋଜିତ ରହିଥିବେ ସେମାନଙ୍କୁ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଲାଗି ରାଜ୍ୟଗୁଡ଼ିକୁ ପର୍ଯ୍ୟାପ୍ତ ସହଯୋଗ କରାଯାଉଛି ଏବଂ ମାଗଣାରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ନିମନ୍ତେ ରାଜ୍ୟଗୁଡ଼ିକ ଯେପରି ସକ୍ଷମ ହୋଇପାରିବେ ସେଥିପାଇଁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ମାତୃକାଳୀନ ସ୍ୱାସ୍ଥ୍ୟ ସେବା, ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ପଲସ ପୋଲିଓ ଟିକାକରଣ ଅଭିଯାନ, ପରିବାର ନିୟୋଜନ ସେବା, ଶିଶୁ ସ୍ୱାସ୍ଥ୍ୟ ସେବା, ନବଜାତକଙ୍କ ସେବା, ସଂକ୍ରମିତ ରୋଗ ନିରାକରଣ, ମ୍ୟାଲେରିଆ, କଳାଜ୍ୱର, ବାତଜ୍ୱର, ଡେଙ୍ଗୁ, ଚିକୁନଗୁନିଆ ଆଦିର ମୁକାବିଲା, ଯକ୍ଷ୍ମା ନିୟନ୍ତ୍ରଣ, କୁଷ୍ଠ ରୋଗ ନିର୍ମୂଳ ଅଭିଯାନ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମରେ ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ତ୍ୱରିତ ଚିକିତ୍ସା ନିମନ୍ତେ ପଦକ୍ଷେପ ନିଆଯାଉଛି। ଜନ୍ମ ସମୟରେ ରହିଥିବା ବିଭିନ୍ନ ସମସ୍ୟା, ରୋଗ, ଅଭାବ, ବିଳମ୍ବିତ ବିକାଶ ଆଦି ସମସ୍ୟାର ମୁକାବିଲା ନିମେନ୍ତ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାରେ ମାଗଣା ସର୍ଜରୀ କରାଯିବାର ବ୍ୟବସ୍ଥା ରହିଛି। ଏଥିସହ ଜାତୀୟ ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅନୁସାରେ ପ୍ରତି ଗର୍ଭବତୀଙ୍କୁ ସରକାରୀ ହାସପାତାଳରେ ମାଗଣରେ ପ୍ରସବ କରାଇବା ଅବା ଆବଶ୍ୟକସ୍ଥଳେ ସିଜରିଆନ କରାଇ ହେବ। ଏହି କାର୍ଯ୍ୟକ୍ରମରେ ମାଗଣା ଔଷଧ ଓ ଆବଶ୍ୟକ ସରାମ, ମାଗଣା ରକ୍ତ, ମାଗଣା ପରୀକ୍ଷା ବ୍ୟବସ୍ଥା ରହିଛି। ସେମାନଙ୍କୁ ବି ମାଗଣା ଘରେ ଛାଡ଼ିବା ବ୍ୟବସ୍ଥା ରହିଛି। ଏପରିକି ପ୍ରସବ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସେବା ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ମାଗଣା ଔଷଧ ପ୍ରଦାନ ଓ ରୋଗ ନିରୂପଣ ସେବା ପ୍ରଦାନ କରାଯାଉଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଗରିବ ଓ ଦୁର୍ବଳ ପରିବାରକୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୦, ମାର୍ଚ୍ଚ ୦୫

ରାଜକୋଷର ଦୁରୁପଯୋଗ !

ଗୋଟିଏ ଜାତି ବା ରାଷ୍ଟ୍ର ଜୀବନରେ ବରପୁତ୍ରମାନଙ୍କର ପ୍ରତିମା, ପ୍ରତିକୃତି ସ୍ଥାପନର ଯଥାର୍ଥତା ରହିଛି । ଯେଉଁ ଐତିହାସିକ ପୁରୁଷମାନଙ୍କର ଅବଦାନରେ ଜାତି, ଅଞ୍ଚ. ରାଜ୍ୟ ଓ ସମୁଦାୟ ବହୁଳଭାବେ ଉପକୃତ ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ପ୍ରଶ୍ନ କରାଯାଇ ନ'ପାରେ । ଏହି ବ୍ୟକ୍ତିତ୍ୱମାନଙ୍କ ସହ ଲୋକଙ୍କର ଏକ ଭାବଗତ ସମ୍ପର୍କ ଥାଏ । ଦେଶର ଅନେକ ରାଜନୈତିକ ଦଳ ମଧ୍ୟ ନିଜନିଜର ଆଦର୍ଶ ଭିତ୍ତିରେ ନେତା ବା ରାଷ୍ଟ୍ରପୁରୁଷମାନଙ୍କର ସ୍ମାରକୀ ଓ ପ୍ରତିକୃତି ନିର୍ମାଣ କରୁଛନ୍ତି । ଏଥିରେ କାହାରି କିଛି ଆପତ୍ତି କରିବାର ନାହିଁ । ମାୟାବତୀଙ୍କ ଦ୍ୱାରା ବ୍ୟୟବହୁଳ ଆମ୍ବେଦକର ସ୍ମାରକୀ ନିର୍ମାଣ ପରେ ଏନ୍‌ଡିଏ ସରକାର ଲୌହପୁରୁଷ ସର୍ଦ୍ଦାର ପଟେଲଙ୍କର ଏକ ବିରାଟ ପ୍ରତିକୃତି ବହୁ ଅର୍ଥ ଖର୍ଚ୍ଚ କରି ନିର୍ମାଣ କରିଛନ୍ତି । ନିକଟଅତୀତରେ ମହାରାଷ୍ଟ୍ରରେ କ୍ଷମତାସୀନ ଥିବା ବିଜେପି ସରକାର ମୁମ୍ବଇ ନିକଟ ଏକ କ୍ଷୁଦ୍ର ଦ୍ୱୀପରେ ୩୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଛତ୍ରପତି ଶିବାଜୀଙ୍କର ଏକ ବିରାଟ ପ୍ରତିମା ଓ ସ୍ମାରକୀ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମହାରାଷ୍ଟ୍ରର ଇତିହାସ ଓ ରାଜନୀତିରେ ଶିବାଜୀଙ୍କ ଗୁରୁତ୍ୱ ଦୃଷ୍ଟିରୁ ଏହି ସ୍ମାରକୀ ନିର୍ମାଣ ପ୍ରଶ୍ନାତୀତ ନହେଲେ ମଧ୍ୟ ଏଥିପାଇଁ ରାଜକୋଷରୁ ଦରିଦ୍ର କରଦାତାଙ୍କ ଅର୍ଥକୁ ଖର୍ଚ୍ଚ କରାଯିବାର ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ବିଚାରବନ୍ତ ମଣିଷର ବିବେକ ଚହଲାଇ ଦେବାକୁ ଯଥେଷ୍ଟ । ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପର ଖର୍ଚ୍ଚକୁ ଗୁରୁତ୍ୱ ନ ଦେଇ ଏହାର ଶୁଭଦାନ କରିବା ସାଂପ୍ରତିକ ବିମୁଦ୍ରାୟନ କାଳରେ ଆଶ୍ଚର୍ଯ୍ୟ ଲାଗେ । ଏଭଳି ଏକ ପ୍ରକଳ୍ପ ପାଇଁ ସରକାର କିଛି ସହାୟତା ଦେବା ଭିନ୍ନ କଥା; ପୂରା ବ୍ୟୟଭାର ମୁଣ୍ଡାଇବାର କୌଣସି ଯୁକ୍ତି ଦେଖାଯାଉନାହିଁ । ଏହି ସ୍ମାରକୀ ପାଇଁ ଯଦି ସର୍ବସାଧାରଣରୁ ଦାନ ବା ଚାନ୍ଦା ଆକାରରେ ପାଣ୍ଠି ସଂଗ୍ରହ କରାଯାଇଥାନ୍ତା, ସେଥିରେ ହୁଏତ କାହାର କିଛି କହିବାର ନଥିଲା; ମାତ୍ର ଏ ବାବଦ ବିପୁଳ ବ୍ୟୟ ମହାରାଷ୍ଟ୍ର ରାଜକୋଷରୁ ଖର୍ଚ୍ଚ କରିବା ନିଷ୍ପତ୍ତି ନିଶ୍ଚିତ ଆପତ୍ତିଜନକ ମନେହୁଏ । ମହାରାଷ୍ଟ୍ରର ଆର୍ଥିକ ଅବସ୍ଥା ଏବେ ଭଲ ନୁହେଁ । ଏହା ଦେଶର ସବୁଠୁ ଅଧିକ ଋଣଗ୍ରସ୍ତ ରାଜ୍ୟ । ମହାରାଷ୍ଟ୍ରରେ କରଜ ଶୁଝି ନ ପାରି ଚାଷୀ ଆତ୍ମହତ୍ୟା ହାର ସର୍ବାଧିକ । ଚାଷୀ ମୂଲିଆଙ୍କଠାରୁ ସାଧାରଣ ଜନତା ରୋଜଗାର ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାକୁ ଅପେକ୍ଷା କରି ରହିଥିବାବେଳେ ପଇସାକର ଲାଭର ସମ୍ଭାବନା ନଥିବା ଏଭଳି ଏକ ସ୍ମାରକୀରେ ୩୬୦୦ କୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ ନିଷ୍ପତ୍ତି କେତେ ଯୁକ୍ତିଯୁକ୍ତ ? ମହାରାଷ୍ଟ୍ରରେ ସଚେତନ ବୁଦ୍ଧିଜୀବୀ ଓ ଚିନ୍ତାନାୟକଙ୍କର ଅଭାବ ନାହିଁ । ଦେଶରେ ମଧ୍ୟ ସମମନୋଭାବାପନ୍ନ ଲୋକଙ୍କର ସଂଖ୍ୟା ବି କିଛି କମ୍ ନୁହେଁ । ମହାରାଷ୍ଟ୍ର ସରକାରଙ୍କ ଏଭଳି ନିଷ୍ପତ୍ତିରେ ସେମାନେ ଖୁସି ନଥିଲେ ମଧ୍ୟ ପ୍ରକାଶ୍ୟ ବିରୋଧ କରିବା ଅବସ୍ଥାରେ ନାହାନ୍ତି । ତାହାର କାରଣ ଅତି ସରଳ । ଏହାପଛରେ ମହାରାଷ୍ଟ୍ର ଜନତାଙ୍କ ଭାବଗତ ସମ୍ପର୍କ ଅପେକ୍ଷା ରାଜନୀତି ଅଧିକ । ସେଠାରେ ସଂରକ୍ଷଣ ଓ ଅନ୍ୟାନ୍ୟ ରାଜନୈତିକ ସୁବିଧାସୁଯୋଗ ଦାବି କରୁଥିବା ମରାଠାମାନଙ୍କୁ ମନେଇବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପ୍ରୟାସ । ମରାଠାମାନଙ୍କ ସଂଖ୍ୟା ରାଜ୍ୟର ଜନସଂଖ୍ୟାର ୩୩% । ସେମାନଙ୍କୁ ତୋଷ କରିବାପାଇଁ ମରାଠାବୀର ଶିବାଜୀଙ୍କ ଏକ ବ୍ୟୟବହୁଳ ସ୍ମାରକୀ ନିର୍ମାଣ ପାଇଁ ଅଜସ୍ର ଅର୍ଥ ରାଜକୋଷରୁ ବ୍ୟୟ କରିବାକୁ ସେଠା ସରକାରଙ୍କ ପ୍ରୟାସ ଯେ ସଫଳ ହେବ ତାହା ବିଶ୍ୱାସ ହେଉନାହିଁ । ସେଠାକାର ରାଜନୈତିକ, ଆର୍ଥିକ ଓ ସାମାଜିକ ସମୀକରଣକୁ ବଦଳାଇବାରେ ଶିବାଜୀ ସ୍ମାରକୀ ସମର୍ଥ ହେବା ସମ୍ଭାବନା କମ୍; କାରଣ ମରାଠାମାନେ ଭାବଗତ ପ୍ରସଙ୍ଗର ଉପରକୁ ଉଠି ବାସ୍ତବତାକୁ ଏବେ ଧରିବାକୁ ଚେଷ୍ଟା କରୁଛନ୍ତି । ଏଭଳି ପ୍ରସଙ୍ଗରେ ରାଜନୈତିକ ବିରୋଧ ପ୍ରାୟ ଆସେନାହିଁ । ଭୋଟ ରାଜନୀତିରେ ଭାବଗତ ପ୍ରସଙ୍ଗରେ କୌଣସି ଦଳ ଅନ୍ତରାୟ ସୃଷ୍ଟି କରି ନିଜର ଭୋଟବ୍ୟାଙ୍କ ଉଜାଡ଼ିବାକୁ ଚାହାନ୍ତି ନାହିଁ । ଆନ୍ଧ୍ରରେ ରାଜୁ, ଗୁଜରାଟରେ ପଟିଦାର, ହରିୟାଣାରେ ଜାଟ୍ ରାଜନୈତିକ ସୁବିଧାସୁଯୋଗ ଓ ସ୍ଥାନସଂରକ୍ଷଣ ଦାବିରେ ଏବେ ମଧ୍ୟ ସରକାରଙ୍କୁ ନିଶାଣ କରୁଛନ୍ତି । ସମସ୍ୟାର ରାଜନୈତିକ ସମାଧାନ ଲୋଡ଼ା, ତା'ନକରି ଏକ ଭାବଗତ ପ୍ରସଙ୍ଗକୁ ଉତ୍‌ଥାପନ କରି ସେଥିରେ ବିପୁଳ ସରକାରୀ ଅର୍ଥ ବ୍ୟୟ କରିଦେଲେ କ୍ଷୁବ୍ଧ ଲୋକଙ୍କ ସମସ୍ୟାର ସମାଧାନ ହେବନାହିଁ ବରଂ ସରକାରଙ୍କ ଅବିମୃଶ୍ୟକାରିତା ଧରାପଡ଼ିବ । ପରିସଂଖ୍ୟାନ କହୁଛି ଦେଶର ଅନ୍ୟତମ ଆଗୁଆ ରାଜ୍ୟଭାବେ ବିବେଚିତ ମହାରାଷ୍ଟ୍ରରେ ଏବେ ୧୦ ଜଣରେ ଜଣେ ଶିଶୁ କୁପୋଷଣ ଓ ୭୪ଶତାଂଶ ରକ୍ତହୀନତାର ସମ୍ମୁଖୀନ । ରାଜ୍ୟର ଜନଜାତି ଅଞ୍ଚଳର ଲୋକଙ୍କ ଅବସ୍ଥା ଅତି ଖରାପ । ଗ୍ରାମୀଣ ମହାରାଷ୍ଟ୍ରରେ ଅର୍ଥନୀତି ଏବେ ବିପର୍ଯ୍ୟସ୍ତ । ଏଭଳି ସ୍ଥିତିରେ ସ୍ମାରକୀ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଯଦି ସେମାନଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରାଯାଇଥା'ନ୍ତା ତାହା ବୀର ଶିବାଜୀଙ୍କ ପ୍ରତି ବୋଧହୁଏ ଏକ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହୋଇଥାନ୍ତା । ଶିବାଜୀ ବଞ୍ଚିଥିଲେ ମହାରାଷ୍ଟ୍ର ସରକାରଙ୍କ ଏଭଳି ନିଷ୍ପତ୍ତିରେ ନିଶ୍ଚିତ ବ୍ୟଥିତ ଓ ମର୍ମାହତ ହୋଇଥା'ନ୍ତେ । ସେ ନିଜର ଶକ୍ତି, ସାମର୍ଥ୍ୟ ଓ ଲଢୁଆପଣ ଉପରେ ଭରସା କରୁଥିଲେ ଏବଂ ମରାଠାମାନଙ୍କୁ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ଉଦ୍ୟମ କରିଥିଲେ । ଶିବାଜୀଙ୍କ ପ୍ରତି ଏହା ସମ୍ମାନ ନା ଅସମ୍ମାନ ତାହା ବୋଧହୁଏ ମହାରାଷ୍ଟ୍ର ସରକାର ବୁଝିବା ଅବସ୍ଥାରେ ନାହାନ୍ତି । ଆଶାକରିବା ମହାରାଷ୍ଟ୍ର ସରକାରଙ୍କର ବିବେକ ଉଦୟ ହେବ ଏବଂ ଏହି ପ୍ରକଳ୍ପ ପାଇଁ ରାଜକୋଷର ଦୁରୁପଯୋଗ କରିବେ ନାହିଁ ।

ଆଜିର ଅନୁଚିନ୍ତା

ସ୍ରଷ୍ଟା ପ୍ରତି କେବେହେଲେ ଅକୃତଜ୍ଞ ହୁଅନାହିଁ ।

ଅନ୍ତିମ ଅଭିଶାପ

ବାଲ୍ମୀକି ରାମାୟଣର ଏହି ଆଖ୍ୟାନ । ରାଜନଅରର ପୁଷ୍ପବାଟିକାସ୍ଥ ବୃକ୍ଷଡାଳରେ ବସି ଶୁକଦମ୍ପତି ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଗୁଣଗାନ କରି କଥା ହେଉଥା'ନ୍ତି । ଜନକନନ୍ଦିନୀ ସୀତା ସେହି ପୁଷ୍ପବାଟିକାରେ ଭ୍ରମଣ କରୁଥିବାବେଳେ ସଂଯୋଗବଶତଃ ଏହା ଶୁଣିବାକୁ ପାଇଲେ । ଶୁକଦମ୍ପତିଙ୍କୁ ନେଇ ପ୍ରାସାଦରେ ରଖିବାର ଇଚ୍ଛାପ୍ରକଟ କଲେ । ସେମାନଙ୍କ କଥୋପକଥନ ସତ୍ୟ ପ୍ରମାଣିତ ହେଲେ (ଜନକନନ୍ଦିନୀ ସୀତାଙ୍କର ପ୍ରଭୁ ଶ୍ରୀରାମଙ୍କ ସହ ବିବାହ ସମ୍ପାଦିତ ହେଲେ) ସେମାନଙ୍କୁ ମୁକ୍ତ କରିଦେବେ । ବନ୍ଧନ ଆସନ୍ନ ଜାଣି ମ୍ରିୟମାଣ ଶୁକପତ୍ନୀ କାକୁସ୍ଥ ଭାବରେ କହିଲା ହେ ଦେବୀ ! ଆମେ ମୁକ୍ତାକାଶରେ ସ୍ୱାଧୀନ ଭାବରେ ବିଚରଣ କରୁଥିବା ପକ୍ଷୀ । ବନ୍ଧନ ଆମପାଇଁ ଶାପସଦୃଶ । ଆମକୁ ସ୍ୱାଧୀନ ଭାବରେ ରହିବାକୁ ଦିଅନ୍ତୁ । ରାଜ ଅନୁଗ୍ରହରେ ଆମର ଅବା କି ପ୍ରୟୋଜନ ? ଆମକୁ ଆମ ବାଟରେ ଯିବାକୁ ଦିଅନ୍ତୁ । ସୀତାଙ୍କର ଉତ୍ତର ଥିଲା- ତୁମ ଦୁହିଁଙ୍କର ବାର୍ତ୍ତାଳାପ ମୋର ହୃଦୟକୁ ସ୍ପର୍ଶ କରିଛି । ତୁମ ଦୁହିଁଙ୍କୁ ମୋ' ନିକଟରୁ ଅନ୍ତର କରିପାରିବିନି । ହଁ, ଯଦି ଶୁକ ନିଜ ପୁରୁଣା ବାସସ୍ଥାନକୁ ଯିବାକୁ ଚାହୁଁଛି କିଛି ଦିନ ପାଇଁ ଯାଇପାରେ, କିନ୍ତୁ ତୁମେ (ଶୁକପତ୍ନୀ) ମୋ' ନିକଟରେ ରହିବ । ଏଭଳି ଦୁଃଖଦାୟକ, କ୍ରୂର, କଠୋର, ଅବିଚାରିତ ବାଣୀ ଶୁଣି ଶୁକ ନମ୍ରଭାବରେ କହିଲା- ହେ ଜନକନନ୍ଦିନୀ ! ମୋର ପତ୍ନୀ ଗର୍ଭବତୀ, ଏ ଅବସ୍ଥାରେ ତା'କୁ ମୁଁ ଏକାକିନୀ ଛାଡ଼ି ରହିପାରିବି ନାହିଁ । ସେ ମଧ୍ୟ ମୋତେ ଛାଡ଼ି ରହିପାରିବ ନାହିଁ । ଆମକୁ କିଛିଦିନ ସମୟ ଦିଅନ୍ତୁ । ସନ୍ତାନପ୍ରସବ ପରେ ଆମେ ଦୁହେଁ ଆପଣଙ୍କର ଇଚ୍ଛା ପୂରଣ ନିମନ୍ତେ ଉପସ୍ଥିତ ହେବୁ । ବର୍ତ୍ତମାନ ଆମକୁ ପରାଧୀନତାର ବନ୍ଧନରେ ପକାନ୍ତୁ ନାହିଁ । ଅନ୍ତତଃ ସେଇ ସମୟ ପର୍ଯ୍ୟନ୍ତ ଆମକୁ ମୁକ୍ତି ଦିଅନ୍ତୁ । ଜନକନନ୍ଦିନୀଙ୍କ ନିକଟରେ ସେମାନଙ୍କର ସକଳ ନିବେଦନ ବ୍ୟର୍ଥ ହୋଇଥିଲା । ନିଜ ଇଚ୍ଛାରେ ସେ ଥିଲେ ଅଟଳ- ଶୁକ ଯାଇପାରେ, କିନ୍ତୁ ଶୁକପତ୍ନୀ ନୁହେଁ । ସବୁ ଅନୁନୟବିନୟ, କାତରପ୍ରାର୍ଥନା ପ୍ରତ୍ୟାଖ୍ୟାତ ହେଲାପରେ ବିଚ୍ଛେଦବନ୍ଧନ ନିଶ୍ଚିତ ଜାଣି ଶୁକପତ୍ନୀ ସୀତାଙ୍କ ଉଦ୍ଦେଶ୍ୟରେ କହିଲେ- ତୁମ ମହଲରେ ରହି ସୁଖଭୋଗର ଆବଶ୍ୟକତା ମୁଁ ଚାହୁଁନାହିଁ । ମୁଁ ଗର୍ଭବତୀ ବୋଲି ଜାଣି ମଧ୍ୟ ମୋର ଏ ଅବସ୍ଥାରେ ପତିଙ୍କଠାରୁ ଅଲଗା କରିବାକୁ ଚାହୁଁଛନ୍ତି । ମୁଁ ଅଭିଶାପ ଦେଉଛି ତୁମେ ମଧ୍ୟ ଠିକ୍ ଅନୁରୂପ ଭାବରେ ଗର୍ଭାବସ୍ଥାରେ ତୁମର ପ୍ରାଣପ୍ରିୟ ଶ୍ରୀରାମଚନ୍ଦ୍ରଙ୍କଠାରୁ ଅଲଗା ହୋଇଯିବ । ଏହା କହି ଶୋକାତୁରା ଶୁକପତ୍ନୀ ସେହିଠାରେ ଟଳିପଡ଼ିଲା । ମରିବାପୂର୍ବରୁ ପ୍ରଭୁ ଶ୍ରୀରାମଙ୍କ ନାମୋଚ୍ଚାରଣ କରିଥିବାରୁ ମୋକ୍ଷ ପ୍ରାପ୍ତି ହେଲା । ଗର୍ଭବତୀ ପତ୍ନୀର ଆକସ୍ମିକ, ଦୁଃଖଦ ମୃତ୍ୟୁରେ ମ୍ରିୟମାଣ ଶୁକପକ୍ଷୀ କାନ୍ଦିକାନ୍ଦି କହିଲା ବିନା ଦୋଷରେ ମୋର ପତ୍ନୀର ମୃତ୍ୟୁର କାରଣ ହେଲ,ଏହାର ମୁଁ ଉପଯୁକ୍ତ ପ୍ରତିଶୋଧ ନେବି । ତୁମେ ମଧ୍ୟ ଗର୍ଭାବସ୍ଥାରେ ବିଚ୍ଛେଦର ଉତ୍କଟ ଜ୍ୱାଳା ସହ୍ୟ କରିବ । ଏହା କହି ଦୁଃଖ, ଅନୁଶୋଚନାରେ ଶୁକପକ୍ଷୀ ସେହିଠାରେ ପ୍ରାଣତ୍ୟାଗ କରିଥିଲା । ପରବର୍ତ୍ତୀ ସମୟରେ ଶୁକପକ୍ଷୀ ଅଯୋଧ୍ୟାରେ ରଜକ ରୂପେ ଜନ୍ମଗ୍ରହଣ କରି ଏହି ଅବିଚାରର ପ୍ରତିଶୋଧ ନେଇଥିଲା ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ ....

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଓଡ଼ିଶା ଓ ଓଡ଼ିଆର ଚିରନମସ୍ୟ ସ୍ୱପ୍ନଦ୍ରଷ୍ଟା ମହାମାନ୍ତ୍ରିକ: ବିଜୁ ପଟ୍ଟନାୟକ

●●●●●●●●●●●●ଜେନାମଣୀ ଲକ୍ଷ୍ମୀକାନ୍ତ●●●●●●●●●●●●

ଆଜିଠାରୁ ଠିକ୍ ୧୦୪ ବର୍ଷ ତଳେ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ଓ ସହସ୍ରାବ୍ଦୀର କଟକ ସହରର ବାରବାଟୀ ଦୁର୍ଗର ଅନତିଦୂରରେ (ତୁଳସୀପୁରସ୍ଥ ଆନନ୍ଦ ଭବନ)ରେ ପିତା ଲକ୍ଷ୍ମୀନାରାୟଣ ଓ ମାତା ଆଶାଲତାଙ୍କ ଔରସରୁ ୧୯୧୬ ମାର୍ଚ୍ଚ ମାସ ୫ ତାରିଖ ଦିନ ଲଗ୍ନଜାତ ବିଜୁ ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ଆନନ୍ଦଭବନରେ ଏଇ ନୂଆ ଶିଶୁ ମେହମାନର ପଦାର୍ପଣରେ ବିଜୟ ଓ ଉଲ୍ଲାସ ଖେଳିଯାଇଥିଲା । ବୋଧହୁଏ ସେଇଥିପାଇଁ ସେ ପିଲାଟିର ଶୁଭନାମ ବିଜୟାନନ୍ଦ ଓ ଶ୍ରଦ୍ଧାନାମ 'ବିଜୁ' ରଖାଯାଇଥିଲା । 'ତୁଳସୀ ଦୁଇପତ୍ରରୁ ବାସିଲା' ଭଳି ଖୁବ୍ ଅଳ୍ପ ବୟସରୁ ଏମିତି କିଛି ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହେଲା, ଯେଉଁଥିରୁ ଏହା ସ୍ପଷ୍ଟ ବାରିହୋଇଗଲା ଯେ ପିଲାଟି ଦିନେ କୀର୍ତ୍ତିମାନ ହୋଇ ଜନ୍ମଭୂମିର ମୁଖ ଉଜ୍ଜ୍ୱଳ କରିବ । (୧) ମାତ୍ର ୮ ବର୍ଷ ବୟସରେ ପେଟରେ ହୋଇଥିବା ଆପେଣ୍ଡିସ୍ ଫାଟିଯିବାରୁ 'ବିଜୁ' ମୁମୂର୍ଷୁ ହୋଇପଡ଼ିଲେ । ଗୋରା ଡାକ୍ତର ପ୍ଲିବସ୍‌ଙ୍କ ପ୍ରାଣମୂର୍ଚ୍ଛା ଚିକିତ୍ସା ସତ୍ତ୍ୱେ ସମସ୍ତଙ୍କର ଆଶା ନଥିଲା, ସିଏ ଆଉ ବଞ୍ଚିବେ ବୋଲି । ହେଲେ ବିଭୁକୃପା ଏବଂ ଅସ୍ତ୍ରୋପଚାର ଉତ୍ତାରୁ 'ବିଜୁ' ମୃତ୍ୟୁଞ୍ଜୟୀ ହୋଇ ବଞ୍ଚିଗଲେ । (୨) ଏହା ପରବର୍ତ୍ତୀ ସମୟର ଅନ୍ୟ ଦୁଇଟି ଘଟଣା ପ୍ରତିପାଦିତ କରିବାରେ ଲାଗିଲା ଯେ ବିଜୁ ଥିଲେ ସାର୍ଥକଜନ୍ମା, ଯେମିତି ଦୁଃସାହସୀ ସେମିତି ସ୍ୱାଭିମାନୀ ଓ ଉଚ୍ଚାଭିଳାଷୀ । ସିଏ ଥିଲେ ସ୍ୱଭାବତଃ ଦୃଢ଼ ଆତ୍ମପ୍ରତ୍ୟୟର ବିମୂର୍ତ୍ତ ତରୁଣ ଅରୁଣ । (୩) ବାରୀ ଅଞ୍ଚଳର ପ୍ରଳୟଙ୍କର ବନ୍ୟାକ୍ଲିଷ୍ଟଙ୍କୁ ତ୍ରାଣ ସାମଗ୍ରୀ ବଣ୍ଟନ ନିମିତ୍ତ ସେଦିନ ଉତ୍କଳମଣି ଗୋପବନ୍ଧୁ କିଛି ଛାମୁଆଁ ସ୍ୱେଚ୍ଛାସେବୀ ରେଭେନ୍‌ସା କଲିଜିଏଟ୍ ସ୍କୁଲ୍ ଛାତ୍ରଙ୍କୁ ଧରି ନାଆରେ ମହାନଦୀରେ ଯିବାବେଳେ, ହଠାତ୍ ଦମକାଏ ଉତ୍ତରା ପବନ ଦାସେ ଆପଣଙ୍କ ହାତର ଛତାଟି ଉଡ଼ାଇ ନେଇଥିଲା । ମହାନଦୀ ସୁଅଭରା ପାଣିକୁ ଦୁଃସାହସିକ 'ବିଜୁ' ମୁହୂର୍ତ୍ତଟିଏ ବିଳମ୍ବ ନ କରି ଝାମ୍ପ ଦେଇଥିଲା ନଦୀଗର୍ଭକୁ ଓ ଧରିଆଣି ବଢ଼ାଇ ଦେଇଥିଲା ଛତାଟିକୁ ପଣ୍ଡିତ ଗୋପବନ୍ଧୁଙ୍କୁ । ହତଚକିତ ଦାସେ ଆପଣେ କହିଥିଲେ-''ବିଜୟ, ତୁମେ ବଡ଼ ହେଲେ ଓଡ଼ିଶାର ଟେକ ରଖିବ, ଏହି ଆଶୀର୍ବାଦ ଦେଉଛି ମୁଁ ।'' ୧୯୨୬ ମସିହାରେ ମହାତ୍ମାଗାନ୍ଧୀଙ୍କ ସହିତ କରମର୍ଦ୍ଦନ ପାଇଁ ଗୋରା ପୋଲିସ୍ ଏସ୍‌ପି, ହାରଗ୍ରୀଭ୍ସ ସାହେବଙ୍କଠାରୁ ପାହାର ଖାଇ ମୁଣ୍ଡ ଫାଟିବା ଏବଂ ମିଶନ୍ ସ୍କୁଲ୍ ପଢ଼ିଆରେ ଇଂରେଜ ସାହେବଙ୍କ ବିମାନ ଅବତରଣ ହୋଇଥିବାବେଳେ ସେଥିରେ ହାତ ମାରିବା ଯୋଗୁଁ ବେତ୍ରାଘାତ ଖାଇ ବିମାନଚାଳକ ହେବାପାଇଁ ଶପଥ ନେବା ଦୃଷ୍ଟାନ୍ତ ତାଙ୍କ ସାହସିକତାର ପରିଚୟ ଦେଇଥିଲା । ରେଭେନ୍‌ସା ମହାବିଦ୍ୟାଳୟରେ ଆଇ.ଏସ୍‌ସି. ଓ ପରେ ବି.ଏସ୍‌ସି. ପଢ଼ାବେଳେ, ପିତାଙ୍କ ପାଖରୁ ସେ ସେତେବେଳେ ମାସିକ ଏକ ହଜାର ଟଙ୍କା ନେଇ ପାଇଲଟ୍ ଟ୍ରେନିଂ ପ୍ରଶିକ୍ଷଣ ପରେ ଗ୍ରୋଭାନ୍ ବ୍ରଦର୍ସଙ୍କ ପରିଚାଳିତ ଛଣ୍ଡିଆନ୍ ନ୍ୟାସନାଲ୍ ଏୟାରଲାଇନ୍‌ସରେ ପ୍ରଥମେ ନିଯୁକ୍ତି ପାଇଥିଲେ । ଜଣେ ଦକ୍ଷ ପାଇଲଟ ଭାବେ ବିଜୁବାବୁ ସମସ୍ତଙ୍କର ପ୍ରଶଂସାର ପାତ୍ର ଥିଲେ । ଭାଇସ୍‌ରାୟ ଲର୍ଡ ୱେଭଲ୍, ସାର୍ ଏବଂ କ୍ରିପସ୍ ପ୍ରଭୃତି ଉଚ୍ଚ ବ୍ରିଟିଶ୍ ପଦାଧିକାରୀମାନେ ବିଜୁବାବୁଙ୍କ ଦକ୍ଷ ବିମାନଚାଳନା ପାଇଁ ପ୍ରଶଂସା କରିଯାଇଛନ୍ତି । ୧୯୪୭ ମସିହା କଥା । ମହାତ୍ମାଗାନ୍ଧୀଙ୍କ ତତ୍ତ୍ୱାବଧାନରେ ନୂଆଦିଲ୍ଲୀରେ ଏସୀୟ ସମ୍ମିଳନୀ ଚାଲୁଥାଏ । ଇଣ୍ଡୋନେସିଆର ବିପ୍ଳବୀ ସରକାରଙ୍କର ରାଷ୍ଟ୍ରପତି ଥାଆନ୍ତି ସୁକର୍ଣ୍ଣ । ପ୍ରଧାନମନ୍ତ୍ରୀ ଥାଆନ୍ତି 'ସୁଲତାନ ସାରିୟାର', ଆଉ ଉପରାଷ୍ଟ୍ରପତି ଥାଆନ୍ତି 'ମହମ୍ମଦ ହାଟା' । ପଣ୍ଡିତ ନେହରୁ ପ୍ରତ୍ୟେକ ଦେଶର ପ୍ରତିନିଧିମାନଙ୍କ ଟେବୁଲ୍ ପାଖକୁ ଯାଇ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କଲାବେଳେ ବିଜୁବାବୁ ତାଙ୍କ ପଛେ ପଛେ ଯାଉଥାଆନ୍ତି । ଇଣ୍ଡୋନେସିଆର ପ୍ରତିନିଧିଙ୍କର ଟେବୁଲ୍ ପାଖରେ ପହଞ୍ଚିବା ମାତ୍ରେ ସେମାନେ କହିଲେ, ପ୍ରଧାନମନ୍ତ୍ରୀ ସୁଲତାନ ସାରିୟାରଙ୍କ ଜୀବନ ବିପଦାପନ୍ନ । ତାଙ୍କୁ ଡଚ୍‌ମାନଙ୍କ କବଳରୁ କିପରି ରକ୍ଷାକରାଯାଇପାରିବ ?'' ଏ କଥା ଶୁଣି ପଣ୍ଡିତ ନେହରୁ ବିଜୁବାବୁଙ୍କ ଆଡ଼କୁ ଚାହିଁଲେ-''ଏଠି ଜଣେ ପାଇଲଟ୍ ଅଛନ୍ତି, ତାଙ୍କୁ ପଚାରନ୍ତୁ ସେ କିଛି ସାହାଯ୍ୟ କରିପାରିବେ ?'' ତା'ପରେ ବିଜୁବାବୁଙ୍କୁ କହିଲେ, ''ଇନ୍‌କୋ ଥୋଡ଼ା ମଦଦ୍ କରୋ ।'' ବାସ୍, ଏତିକି । ବିଜୁ ପଟ୍ଟନାୟକ ୧୯୪୨ ମସିହା ଜୁଲାଇ ମାସ ୨୨ ତାରିଖ ଦିନ ଡାକୋଟା ବିମାନରେ ନିଜର ଏକମାତ୍ର ସହଯୋଗୀ ଭାବରେ ବ୍ୟୋମାଚାରିକା ନିଜର ପତ୍ନୀ ଜ୍ଞାନଦେବୀଙ୍କୁ ନେଇ ବାହାରିପଡ଼ିଲେ ଇଣ୍ଡୋନେସିଆ ଦୁଃସାହସିକ ବିମାନଯାତ୍ରାରେ । ଡଚ୍ ବାୟୁସେନାଙ୍କ ପ୍ରବଳ ପ୍ରତିରୋଧ ସତ୍ତ୍ୱେ ସେ ପ୍ରଧାନମନ୍ତ୍ରୀ ସୁଲତାନ ସାରିୟାର୍ ଓ ଉପରାଷ୍ଟ୍ରପତିଙ୍କୁ ତାଙ୍କ ରହଣିସ୍ଥଳରୁ ସତର୍କତାର ସହ ଗୋପନରେ ବିମାନରେ ଉଡ଼ାଇ ଆଣି ଆସି ପହଞ୍ଚିଲେ ନୂଆଦିଲ୍ଲୀରେ ନେହରୁଙ୍କ ବାସଭବନରେ । ନେହରୁ ଏହା ଦେଖି ଯେତିକି ଆଶ୍ଚର୍ଯ୍ୟ ହେଲେ, ସେତିକି ଗର୍ବ ଅନୁଭବ କଲେ । ସେହି ଦୁଇ ନେତାଙ୍କ ସହ ଆଲୋଚନା ହେଲା । ସେମାନଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ଦିଆଗଲା । ପୁନଶ୍ଚ ବିଜୁବାବୁ ସେହି ଦୁଇଜଣଙ୍କୁ ନେଇ ପରବର୍ତ୍ତୀ ସମୟରେ ତାଙ୍କ ସ୍ଥାନରେ ଛାଡ଼ିଦେଇ ଆସିଲେ । ଏହି ହେଉଛନ୍ତି ଦୁଃସାହସିକ ବିଜୁ ପଟ୍ଟନାୟକ । ବିଚକ୍ଷଣ ବୈମାନିକ, କଳିଙ୍ଗର ବିଜୁ ପଟ୍ଟନାୟକ । ଅନେକରେ ଏକ । ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଏହି ଅବଦାନ ପାଇଁ ସେହି ଦେଶ ପକ୍ଷରୁ ତାଙ୍କୁ ସମ୍ମାନିତ କରାଇ 'ଭୂମିପୁତ୍ର' ଓ 'ଦେଶୀୟ ବିନତଙ୍ଗଯଶ ଉତ୍ତମ' ଉପାଧିରେ ଭୂଷିତ କରାଯାଇଛି । ଏହାଠାରୁ ଗର୍ବ ଓ ଆନନ୍ଦର କଥା ଜଣେ ଓଡ଼ିଆ ପାଇଁ ଆଉ କ'ଣ ଥାଇପାରେ ? ବିଜୁ ଥିଲେ ପ୍ରଚଣ୍ଡ ସ୍ୱଦେଶାନୁରାଗୀ । ଇଂରେଜ ସରକାରଙ୍କୁ ଭାରତରୁ ବିତାଡ଼ିତ କରିବା ପାଇଁ ଯେଉଁସବୁ ମୁକ୍ତି ସଂଗ୍ରାମୀ ଅଭିଯାନରେ ଝାସ ଦେଇଥିଲେ, ସେମାନଙ୍କୁ ସାଧମତେ ସହାୟତା ପ୍ରଦାନ କରିବାକୁ ଯୁବକ ବିଜୁ ପଟ୍ଟନାୟକ ପଣ କରିଥିଲେ ।

ବ୍ରିଟିଶ୍ ସରକାରଙ୍କର ରୟାଲ୍ ଏୟାରଫୋର୍ସର ପାଇଲଟ୍ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ଅତି ଗୋପନରେ 'ଭାରତ ଛାଡ଼ ଆନ୍ଦୋଳନ' ସମୟରେ ଆତ୍ମଗୋପନ କରି ସ୍ୱାଧୀନତା ଆନ୍ଦୋଳନକୁ ଚାଲୁ ରଖିଥିବା ସଂକ୍ରାନ୍ତିପୁରୁଷ ରାମମନୋହର ଲୋହିଆ, ଜୟପ୍ରକାଶ ନାରାୟଣ, ଅରୁଣ ଆସଫ ଅଲ୍ଲୀ ଆଦି ନେତାଙ୍କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ତାଙ୍କ ବିମାନରେ ଛଦ୍ମନାମ ଦେଇ ସିଏ ନେଇଯାଉଥିଲେ । ଗାନ୍ଧିଜୀଙ୍କର ଭାରତ ଛାଡ଼ ଆନ୍ଦୋଳନର ବାର୍ତ୍ତା ସମ୍ବଳିତ ପ୍ରଚାରପତ୍ର ବିଡ଼ା ଭାରତୀୟ ସେନାମାନଙ୍କ ଶିବିରରେ ନେଇ ସିଏ ପକାଇ ଦେଉଥିଲେ । ଗୁପ୍ତକଥା ସବୁଦିନ ଲୁଚିରହେନାହିଁ । ବିଜୁବାବୁ ଧରାପଡ଼ିଗଲେ । ୧୯୪୩ ମସିହାରେ ଜେଲ୍ ଗଲେ । ଜେଲ୍‌ରେ ନିର୍ଯ୍ୟାତନାର ଶିକାର ହୋଇ ବହୁ ବିଳମ୍ବରେ ମୁକୁଳିଲେ । ତା' ସତ୍ତ୍ୱେ ତାଙ୍କର ମନୋବଳ ଏତେଟିକେ ଭାଙ୍ଗି ପଡ଼ି ନଥିଲା । ଦେଶ ସ୍ୱାଧୀନ ହେବାବେଳେ କାଶ୍ମୀର ଏକ ସ୍ୱାଧୀନ ଦେଶୀୟ ରାଜ୍ୟ ଥିଲା । କାଶ୍ମୀର ପାକିସ୍ଥାନରେ କିମ୍ବା ଭାରତରେ ମିଶିବ, ତାହା କାଶ୍ମୀର ମହାରାଜା ହରି ସିଂହଙ୍କ ଉପରେ ଛାଡ଼ି ଦିଆଯାଇଥିଲା । କିନ୍ତୁ ନବଗଠିତ ପାକିସ୍ଥାନ ବଳ ପ୍ରୟୋଗ କରି କାଶ୍ମୀରକୁ ନିଜ ଅଧୀନକୁ ନେବାପାଇଁ ପ୍ରସ୍ତୁତ ହୋଇ କାଶ୍ମୀରକୁ ସୈନ୍ୟ ପଠାଇ ଅରାଜକତା ସୃଷ୍ଟି କରିବାରୁ ରାଜା ହରିସିଂହ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ସାହାଯ୍ୟ ଭିକ୍ଷା କରିବା ସହ ଭାରତରେ ମିଶିବେ ବୋଲି ଏକ ଐତିହାସିକ ଚୁକ୍ତିନାମା ସ୍ୱାକ୍ଷର କଲେ । ଶ୍ରୀନଗରରେ ପାକିସ୍ଥାନ ସୈନ୍ୟ ପହଞ୍ଚିବା ପୂର୍ବରୁ ଭାରତୀୟ ସୈନ୍ୟ ସେଠାରେ ପହଞ୍ଚି ସୁରକ୍ଷା ଦେବା ଘେନି ଭାଳେଣି ପଡ଼ିଗଲା । ସ୍ଥଳପଥରେ କାଶ୍ମୀରରେ ପହଞ୍ଚିବା ବଡ଼ କଷ୍ଟକର ଓ ସମୟସାପେକ୍ଷ ଥିଲା । ବିମାନରେ ସୈନ୍ୟ ଯାଇ ଅବତରଣ କରିବା ହିଁ ଥିଲା ଏକମାତ୍ର ପ୍ରକୃଷ୍ଟ ଉପାୟ । କିନ୍ତୁ ବିମାନ ଅବତରଣ ପାଇଁ ସେଠାରେ ବିମାନଘାଟି ନାହିଁ । କେବଳ ଛୋଟ ଛୋଟ ବିମାନ ଅବତରଣ ପାଇଁ ଏୟାର୍‌ଷ୍ଟ୍ରିପ୍‌ଟିଏ ଅଛି । ବାୟୁସେନାର ପାଇଲଟ୍ ସେହି ଏୟାରଷ୍ଟ୍ରିପ୍‌ରେ ବଡ଼ ବିମାନ ଅବତରଣ ପାଇଁ ସାହସ କଲେ ନାହିଁ । ବଡ଼ ଚିନ୍ତାର ବିଷୟ ଏହା ହୋଇପଡ଼ିଲା । ଭାରତ କ'ଣ କାଶ୍ମୀରକୁ ହରାଇବ ? ବିଜୁବାବୁ ସେଠାରେ ଉପସ୍ଥିତ ଥିଲେ । ଏକଥା ଶୁଣି ସଙ୍ଗେ ସଙ୍ଗେ କହିଲେ, ''ପଣ୍ଡିତ୍‌ଜୀ ! ବ୍ୟସ୍ତ ହେବାର କୌଣସି କାରଣ ନାହିଁ । ବିମାନ ଚଳାଇ ନେଇ ସେହି ଏୟାର୍‌ଷ୍ଟ୍ରିପ୍‌ରେ ମୁଁ ବିମାନ ଅବତରଣ କରାଇବି ।'' ସେ ନିଜେ ସୈନ୍ୟମାନଙ୍କୁ ବିମାନରେ ନେଇ ଶ୍ରୀନଗରରେ ସେହି ଏୟାର୍‌ଷ୍ଟ୍ରିପ୍‌ରେ ସଫଳତାର ସହ ଓହ୍ଲାଇ ଦେଲେ । ଆକ୍ରମଣକୁ ଠିକଣା ସମୟରେ ପ୍ରତିହତ କରାଯାଇପାରିଲା । ନଚେତ୍ କାଶ୍ମୀରକୁ ପାକିସ୍ଥାନ ହୁଏତ କରାୟତ୍ତ କରିପାରିଥା'ନ୍ତା । ଦୁଃସାହସୀ ଦୁର୍ଦ୍ଧର୍ଷ ବିଜୁ ଥିଲେ ସ୍ୱାଧୀନତାପ୍ରେମୀ ସଂଗ୍ରାମୀ । ପଛଘୁଞ୍ଚା ବା କାପୁରୁଷତା ତାଙ୍କ ଜାତକରେ ନଥିଲା । ପଚାଶ ଆଦ୍ୟଭାଗରେ ନେପାଳରେ ଚାଲିଥିବା ଗଣତାନ୍ତ୍ରିକ ଆନ୍ଦୋଳନକୁ ସହଯୋଗ କରିବାକୁ ମଧ୍ୟ ବିଜୁବାବୁ କାର୍ଯ୍ୟ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୟାଲ୍ ଇଣ୍ଡିଆ ଏୟାରଫୋର୍ସର ସଦସ୍ୟ ଭାବେ ବିଜୁବାବୁ ଜାପାନ ଆକ୍ରମଣ କାରଣରୁ ରେଙ୍ଗୁନ୍‌ରୁ ବ୍ରିଟିଶ୍ ପରିବାରଙ୍କୁ ଆଣି ସୁରକ୍ଷିତ ସ୍ଥାନରେ ପହଞ୍ଚାଇଥିଲେ । ଜାପାନୀ ଫୋର୍ସ ବିରୋଧରେ ଲଢୁଆ ଚୀନ୍ ସେନା ଓ ହିଟ୍‌ଲର୍ ଆକ୍ରମଣର ପ୍ରତିରୋଧ କରୁଥିବାରୁ ସୋଭିଏତ୍ ସେନାଙ୍କୁ ବିଜୁବାବୁ ଖୋଲାଖୋଲି ସାହାଯ୍ୟ କରୁଥିଲେ । ବିଜୁବାବୁଙ୍କ ଏହି ସମସ୍ତ ଅଭିଯାନ ପଥର ସହଯାତ୍ରୀ ଥିଲେ ତାଙ୍କ ପ୍ରାଣପ୍ରିୟା ପତ୍ନୀ ସ୍ୱର୍ଗତା ଜ୍ଞାନ ପଟ୍ଟନାୟକ । ସେ ସବୁବେଳେ ଯେମିତି କାୟା ସହ ଛାୟା ଭଳି ଲାଗି ରହିଥିଲେ ବିଜୁବାବୁଙ୍କ ସବୁ ଅଭିଯାନରେ । ୧୯୪୭ରେ ସବୁ ବାଧାବନ୍ଧନକୁ ହଟାଇ ବିଜୁବାବୁ ସେଦିନ ଇଣ୍ଡୋନେସିଆ ନେତା ସୁକର୍ଣ୍ଣ, ମହମ୍ମଦ ହାଟ୍ଟା ଓ ସୁଲତାନ ସାରିୟାର୍‌ଙ୍କୁ ଡଚ୍ କବଳରୁ ମୁକୁଳାଇ ନେଇ ଆସିଥିଲେ । ଏମିତିକି ବିଜୁଙ୍କୁ ଏକ ବିରାଟ ଇଲାକା ଉପହାରରେ ଦେବାକୁ ଚାହୁଁଥିଲେ ଇଣ୍ଡୋନେସିଆ ସରକାର । ଏହାକୁ ନମ୍ରତାର ସହ ଏଡ଼ାଇ ଯାଇଥିଲେ ବିଜୁବାବୁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଔପନିବେଶିକତା ବିରୋଧରେ ଅନ୍ୟ ରାଷ୍ଟ୍ରରେ ବିଜୁବାବୁଙ୍କ ଦୁଃସାହସିକ କାର୍ଯ୍ୟ ଦେଖି ପଣ୍ଡିତ ଜବାହରଲାଲ ନେହରୁ ତାଙ୍କୁ ସଶ୍ରଦ୍ଧ ଅନୁରୋଧ କରିଥିଲେ ଏବଂ ପରାମର୍ଶ ଦେଇଥିଲେ ଅନ୍ୟ ଏକ ଅଭିଯାନରେ ଯିବାକୁ । ୧୯୪୧ ମସିହାର କଥା । ଜାପାନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗଦେଇଥାଏ । ରୟାଲ୍ ଇଣ୍ଡିଆନ୍ ଫୋର୍ସର ପାଇଲଟ୍ ଭାବେ ତାଙ୍କୁ ବିମାନ ନେଇ ଯିବାକୁ ପଡ଼ିଲା ରେଙ୍ଗୁନ (ମିଆଁମାର) । ସେଠାରେ ଜାପାନ୍ ଆକ୍ରମଣ କରିବାକୁ ବ୍ରିଟିଶ୍ ଲୋକମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବାର ଦାୟିତ୍ୱ ଥିଲା ବିଜୁବାବୁଙ୍କର । ଏହି ଦୁଃସାହସୀ ଯାତ୍ରାରେ ବିଜୁଙ୍କ ସହ ସହଯାତ୍ରୀ ଥିଲେ ତାଙ୍କ ପତ୍ନୀ ଓ ବ୍ୟୋମଚାରିଣୀ ସ୍ୱର୍ଗତା ଜ୍ଞାନଦେବୀ । ବ୍ରିଟିଶ୍ ସରକାରଙ୍କ ପାଇଲଟ୍ ଭାବେ କାର୍ଯ୍ୟ କଲେ ମଧ୍ୟ ବିଜୁ ପଟ୍ଟନାୟକ ଗୋପନରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସାହାଯ୍ୟ କରୁଥା'ନ୍ତି । ଏମିତି କି ଦିଲ୍ଲୀସ୍ଥିତ ନିଜ ଘରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଆଶ୍ରୟ ଦେଉଥା'ନ୍ତି ସେ । ଏହା ଯେତେବେଳେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟିକୁ ଆସିଲା, ସେତେବେଳେ ତାଙ୍କୁ ଗିରଫ କରାଗଲା । ୧୯୪୩ ମସିହାରେ ଝିଅ ଗୀତା ପଟ୍ଟନାୟକଙ୍କ ଜନ୍ମ ହେବାର ଠିକ୍ ତିନି ସପ୍ତାହ ପରେ ଛଅଜଣ ବ୍ରିଟିଶ୍ କନେଷ୍ଟବଳ ଆସି ପହଞ୍ଚିଲେ ବିଜୁଙ୍କ ଘରେ । ତାଙ୍କୁ ହାତକଡ଼ା ପକାଇ ବାନ୍ଧି ନିଆଗଲା । ନବଜାତ କନ୍ୟା ଗୀତା ଓ ଏକବର୍ଷ ବୟସର ବାଳୁତ ପୁଅ ପ୍ରେମଙ୍କୁ କୋଳରେ ଧରି ଆକୁଳଭାବେ ଜ୍ଞାନ ଚାହିଁରହିଥିଲେ ବିଜୁଙ୍କ ଜେଲ୍ ଯିବା ବାଟକୁ । ବିଜୁଙ୍କୁ ଦୁଇବର୍ଷ ଜେଲ୍ ହେଲା ଓ ସେ ଫିରୋଜପୁର ଫୋର୍ଟ ଜେଲ୍‌ରେ ବନ୍ଦୀ ହୋଇ ରହିଥିଲେ । ପତ୍ନୀ ସ୍ୱର୍ଗତା ଜ୍ଞାନ ପଟ୍ଟନାୟକ ସ୍ୱାମୀଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଇଥିଲେ । କିନ୍ତୁ କେବେ ମଧ୍ୟ ସାହସ ହରାଇ ନ ଥିଲେ । ଏମିତିକି କେତେକ ଦିନ ଜେଲ୍‌ରେ ବିଜୁଙ୍କୁ ଦେଖାକରିବାକୁ ଗଲାବେଳେ ନିଃସଙ୍ଗ ଜ୍ଞାନଦେବୀ ନିଜ ପୁଅ ପ୍ରେମର ଜୋତା ଭିତରେ ଚିଠି ଲୁଚାଇ ନେଉଥିଲେ ସ୍ୱାମୀଙ୍କୁ ଦେବାପାଇଁ । ସେଦିନ ହଲାଣ୍ଡ ସୈନ୍ୟଙ୍କ ଆକ୍ରମଣକୁ ଭ୍ରୂକ୍ଷେପ ନ କରି ବିଜୁ ଜାକର୍ତ୍ତା ଉପରେ ବିମାନ ସହ ପହଞ୍ଚିବାମାତ୍ରେ ହଲାଣ୍ଡର ଦୁଇଟି ଲଢୁଆ ବିମାନ ବିଜୁଙ୍କ ଡାକୋଟାର ଦୁଇ ପାଖରେ ପହଞ୍ଚିଯାଇ ଅବତରଣ ନିମନ୍ତେ ନିର୍ଦ୍ଦେଶ ଦେଲେ । କିନ୍ତୁ ଏହି ସଂକେତକୁ ବିଜୁ ଖାତିର କରି ନଥିଲେ । ତେଣୁ ଯେକୌଣସି ମୁହୂର୍ତ୍ତରେ ତାଙ୍କ ବିମାନଟିକୁ ଗୁଳିକରି ଖସାଇ ଦିଆଯିବାର ଆଶଙ୍କା କରି ବିଜୁବାବୁ ଶେଷ ସମୟ ଅବଗତ ହୋଇଗଲା ଭାବି ନିଜର ପ୍ରିୟତମାଙ୍କ ଆଡ଼କୁ ଥରେ ଆଖି ଫେରାଇ ନେଇ ଶେଷଥର ପାଇଁ ତାଙ୍କୁ ଭଲ କରି ଦେଖି ନେଇଥିଲେ । ସୌଭାଗ୍ୟକୁ ସେମିତି କିଛି ଅଘଟଣ ହୋଇ ନଥିଲା । ଅନେକ ଇଣ୍ଡୋନେସୀୟ ନେତା ଓ ହଲାଣ୍ଡ ସାମରିକ କର୍ମଚାରୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ବିଜୁଙ୍କ ବିମାନଟି ଜାକର୍ତ୍ତାରେ ଅବତରଣ କରିଥିଲା । ସମଗ୍ର ଇଣ୍ଡୋନେସିଆ ସେତେବେଳେ ଯୁଦ୍ଧ ଓ ରାଜନୈତିକ ଅସ୍ଥିରତା ମଧ୍ୟରେ ଥାଏ । ବିଜୁବାବୁ କାଳବିଳମ୍ବ ନ କରି ଜେନେରାଲ୍ ସାହରିୟାର୍ (ଯେ ଥିଲେ ସେତେବେଳର ଏରିଆ କମାଣ୍ଡର) ଓ ରାଷ୍ଟ୍ରପତି ସୁକର୍ଣ୍ଣ ଏବଂ ମହମ୍ମଦ ହାଟାଙ୍କୁ ଉଦ୍ଧାର କରି ସେହି ବିମାନରେ ଦିଲ୍ଲୀ ନେଇ ଆସିଥିଲେ । ଉଦ୍ଧାର ପାଇଥିବା ଏହି ନେତାମାନେ ପଣ୍ଡିତ ନେହରୁ, ବଲ୍ଲଭଭାଇ ପଟେଲ୍‌ଙ୍କୁ ସାକ୍ଷାତ କରିଥିଲେ । ନେହରୁ ଆଦରରେ ତାଙ୍କୁ 'ଇଣ୍ଡିଆସ୍ ବୁକାନିର୍' ବା ଭାରତର ଦୁଃସାହସୀ ବ୍ୟକ୍ତି ବୋଲି ଡାକୁଥିଲେ । ୧୯୪୬ରୁ ୧୯୪୯ ମଧ୍ୟରେ ବିଜୁବାବୁ ନିଜ ଡାକୋଟା ବିମାନରେ କ୍ରମାଗତ ଭାବେ ବାରମ୍ବାର ଇଣ୍ଡୋନେସିଆ ଅଭିଯାନରେ ଯାଇଥିଲେ । ସବୁଥର ସାଙ୍ଗରେ ଥିଲେ ବୈମାନିକା ସହଧର୍ମିଣୀ ପତ୍ନୀ ସ୍ୱର୍ଗତା ଜ୍ଞାନ ପଟ୍ଟନାୟକ । ବିମାନରେ ଔଷଧ ଓ ମାନବିକ ସହାୟତା ଜିନିଷ ଯାଉଥିଲା ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ । ସୁକର୍ଣ୍ଣ ପରେ ହୋଇଥିଲେ ସ୍ୱାଧୀନ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି । ବିଜୁ ପଟ୍ଟନାୟକ ସୁକର୍ଣ୍ଣଙ୍କ ସହ ଏକ ନିବିଡ଼ ସମ୍ପର୍କ ସ୍ଥାପନ କରିଥିଲେ । ଏମିତିକି ସୁକର୍ଣ୍ଣଙ୍କ ନିଜର ନବଜାତ କନ୍ୟାର ନାମ ପଟ୍ଟନାୟକ ଦମ୍ପତି ଦେଇଥିଲେ ମେଘାବତୀ । ଦୁଇ ପରିବାର ମଧ୍ୟରେ ପରେ ଭାବାତ୍ମକ ସମ୍ପର୍କ ସୃଷ୍ଟି ହୋଇଥିଲା । ପିତାଙ୍କ ସଜଳ ସ୍ମୃତିକୁ ମନେରଖି ମେଘାବତୀ ଯଥାକ୍ରମେ ୨୦୦୪ ଓ ୨୦୦୭ ମସିହାରେ ଦୁଇଥର ଭାରତ ଆସି ଶ୍ରୀମତୀ ପଟ୍ଟନାୟକଙ୍କୁ ଭେଟିଥିଲେ ଏବଂ ବିଜୁବାବୁଙ୍କ ନବୀନ ନିବାସରେ ଭେଟିଥିଲେ । ୧୯୧୬ରୁ ୧୯୯୭-ମାତ୍ର ୮୧ ବର୍ଷ ଥିଲା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନଚର୍ଯ୍ୟା । ତାଙ୍କ ସମସାମୟିକ ଏହି ବୟସର ମଣିଷ ଏବେବି କିଛି ବଞ୍ଚିରହିଛନ୍ତି । କିଏ କେତେବର୍ଷ ବଞ୍ଚିଲା, ତାହା ବଡ଼କଥା ନୁହେଁ । ଏଇଥିପାଇଁ ପୁଣ୍ୟଶ୍ଳୋକ ଗୋପବନ୍ଧୁ କହୁଥିଲେ- ***''ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ/କର୍ମେ ଜୀଏଁ ନର କର୍ମ ଏକା ସିନା ଜୀବନର ମାନଦଣ୍ଡ ।''*** ବିଜୁବାବୁ ବସ୍ତୁତଃ ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ ସଚ୍ଚା କର୍ମଯୋଗୀ । ସିଏ ଥିଲେ କୃତି ଓ କୀର୍ତ୍ତିର କୃତିବାସ । ସେ ଥିଲେ କରିତ୍‌କର୍ମା ଏବଂ କୀର୍ତ୍ତିମାନ । ତାଙ୍କର ଜୀବନ ହିଁ ଥିଲା ତାଙ୍କର ସନ୍ଦେଶ । ସିଏ ନିଜେ ହିଁ ଥିଲେ ନିଜର ଉପମା ଓ ଉପମେୟ । ସେ ଥିଲେ ବିକଳ୍ପବିହୀନ ସବୁଠୁ ଲୋକପ୍ରିୟ ଜନନାୟକ ତାଙ୍କ ସମୟର । ବିଜୁ ପଟ୍ଟନାୟକଙ୍କୁ ଅନେକ ଭିନ୍ନ ଦୃଷ୍ଟିକୋଣରୁ ଦେଖିଛନ୍ତି । ହେଲେ ସମଧର୍ମୀ ରାଜନେତା, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଓ ସୁନାମଧନ୍ୟ ସାହିତ୍ୟିକ ଏବଂ ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ଯାଇ ତାଙ୍କୁ ଯଶସ୍ୱୀ ଗାଳ୍ପିକ ଅଖିଳମୋହନଙ୍କ ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର ରୂପେ ଯେଉଁ ପ୍ରତୀକାତ୍ମକ ଭିନ୍ନ-ମୂଲ୍ୟାୟନ କରିଛନ୍ତି, ତାହା ଯେଭଳି ମନଲୋଭା, ସେହିଭଳି ଅର୍ଥପ୍ରଦ ଏବଂ ପ୍ରଣିଧାନଯୋଗ୍ୟ । ଜାନକୀବାବୁଙ୍କ ସୁଭାଷିତ ପରିଭାଷାରେ- ''କେତେକ ବ୍ୟକ୍ତିଙ୍କ ତିରୋଧାନରେ ତାଙ୍କ ଅନୁପସ୍ଥିତି ବିଶ୍ୱାସ କରିହୁଏନାହିଁ । ବିଜୁବାବୁ ସେମାନଙ୍କ ମଧ୍ୟରୁ ଜଣେ ଥିଲେ । ଦୀର୍ଘ ୫୦ ବର୍ଷ ଧରି ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟ ଓ ଜନମାନସକୁ ସେ ପ୍ରଭାବିତ କରି ରଖିଥିଲେ । ତାଙ୍କର ଦେଶପ୍ରେମ, ଦୁଃସାହସିକତା, ଓଡ଼ିଶା ପ୍ରତି ଗଭୀର ଅନୁରକ୍ତି ତାଙ୍କୁ ଲୋକଙ୍କ ମଧ୍ୟରେ ବାନ୍ଧି ରଖିଥିଲା । ଓଡ଼ିଆ ସୈନିକମାନଙ୍କୁ ଲକ୍ଷ୍ୟକରି ଶାଳପ୍ରାଂଶୁ ବୀର ପାଇକ ପ୍ରଧାନ ବୋଲି ଏକଦା କବି ପଦ୍ମଚରଣ ଲେଖିଥିଲେ । ସେ ଥିଲେ ଶାଳପ୍ରାଂଶୁ, ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ । ବୀର ଓଡ଼ିଆ ଜାତିର ଏକ ଅପ୍ରତିମ ପ୍ରତୀକ । ମଝିରେ ମଝିରେ ରାଜନୈତିକ କାରଣରୁ ବିରକ୍ତିରେ ଜନଜୀବନଠୁଁ ଅଲଗା ରହିଯିବା ପାଇଁ ସେ ଚେଷ୍ଟା କରିଛନ୍ତି, ମାତ୍ର ରହିପାରିନାହାନ୍ତି । କାରଣ ଜନସାଧାରଣଙ୍କ ପ୍ରବଳ ଶ୍ରଦ୍ଧା ତାଙ୍କୁ ପୁଣି ଟାଣିଆଣିଛି । ଏତେ ଆତ୍ମବିଶ୍ୱାସ ଓ ଆତ୍ମାଭିମାନ ମୁଁ ଖୁବ୍ କମ୍ ଲୋକଙ୍କ ପାଖରେ ଦେଖିଛି । ସେ ଯାହା ଠିକ୍ ବୋଲି ମନେକରିଛନ୍ତି, ସାରା ଦୁନିଆକୁ ସାମ୍ନା କଲେ ମଧ୍ୟ ସେ ଲଢ଼ିବା ପାଇଁ ପଛାଇନାହାନ୍ତି । ଏତେ ଖଣିଖାଦାନ, ପ୍ରାକୃତିକ ବୈଭବର ମାଲିକ ହୋଇ ଓଡ଼ିଆ ଜାତି ପଛରେ ପଡ଼ିଛି, ଗରିବ ହୋଇ ରହିଛି, ତାଙ୍କର ଆତ୍ମାକୁ ସବୁବେଳେ ଆନ୍ଦୋଳିତ ଓ ବ୍ୟଥିତ କରିଛି ଏବଂ ଓଡ଼ିଶାକୁ ଉଠାଇବା ପାଇଁ ସେ ସବୁବେଳେ ଉଦ୍ୟମ କରିଆସିଛନ୍ତି । ସେ ଥିଲେ ଏକ ବିପୁଳ କର୍ମପ୍ରେରଣାର ସ୍ରୋତ ଏବଂ ସେ ପ୍ରବାହର ସମ୍ପର୍କରେ ଯେ ଆସିଛି, ସେ ନିଜେ ପ୍ରବାହିତ ହୋଇଯାଇଛି । ଶିଳ୍ପପତି, ମାତ୍ର ଶିଳ୍ପର ଲାଭାଂଶରେ କଳିଙ୍ଗ ପୁରସ୍କାରର ପ୍ରତିଷ୍ଠାତା । ବୈମାନିକ, ମାତ୍ର ଏକ ସନ୍ଧିକ୍ଷଣର ବିଦ୍ରୋହୀ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ଉପସଭାପତିଙ୍କୁ ଭାରତକୁ ଆଣିବାରେ ଏକ ଦୁଃସାହସିକ ଦକ୍ଷତାରେ ସେ ଅଜେୟ । ରାଜନୈତିକ ନେତା, ମାତ୍ର ଅନ୍ୟର ଅନୁଗାମୀ ନ ହୋଇ କ୍ଷମତା ଓ ଶକ୍ତିର ଏକ ଅଧିକାରୀ ହୋଇ ରହିବାରେ ସିଏ ପ୍ରୟାସୀ । ସ୍ୱପ୍ନଦ୍ରଷ୍ଟା, ମାତ୍ର ସ୍ୱପ୍ନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସମୟରେ ଅସମ୍ଭବ ମନେହେଉଥିବା ପାରାଦ୍ୱୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ ନିର୍ମାଣ, ସୁନାବେଡ଼ାରେ ମିଗ୍ ବିମାନ କାରଖାନାର ପ୍ରତିଷ୍ଠା, ସ୍ୱପ୍ନର ଯେପରି ଅନ୍ତ ନାହିଁ, ଏକ ଅସୀମ ନୀଳାକାଶର ସ୍ୱପ୍ନ, ସେହିପରି ଧରାପୃଷ୍ଠରେ ଦୃଢ଼ ଭାବରେ ରହି ନିଜର କାର୍ଯ୍ୟକ୍ରମ ପାଇଁ ଲଢ଼ିବାର ଶେଷ ନାହିଁ-ଏହାହିଁ ଥିଲେ ବିଜୁ ପଟ୍ଟନାୟକ । 'ଝଡ଼ର ଈଗଲ୍ ଓ ଧରଣୀର କୃଷ୍ଣସାର' ବୋଲି ଜଣେ ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ତାଙ୍କର ଏକ ସାର୍ଥକ ଗଳ୍ପର ଶିରୋନାମା ଦେଇଥିଲେ । ସେ ଥିଲେ ଝଡ଼ର ଈଗଲ ଓ ମାଟିର ମୂର୍ତ୍ତିକାର । ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ଓଡ଼ିଆ ଭାବରେ ଓଡ଼ିଶାର ଏହି ବୀରସନ୍ତାନଙ୍କ ପ୍ରତି ଏହାହିଁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ।'' ସତରେ ବିଜୁ ପଟ୍ଟନାୟକ ଥିଲେ ଅଜେୟ ଓ ଅତୁଳ୍ୟ । ସେ ଥିଲେ ବିକଳ୍ପବିହୀନ ଜନନାୟକ । ସେ ଥିଲେ ଆପଣାର ଉପମା ଓ ଉପମେୟ । ମହାପ୍ରୟାଣର ୨୩ ବର୍ଷ ପରେ ବି ଅବର୍ତ୍ତମାନର ବିମୂର୍ତ୍ତ ବର୍ତ୍ତମାନ ସିଏ । ଅମୃତର ମୃତ୍ୟୁ ନ ଥାଏ କି ଅବିସ୍ମରଣୀୟର ବିସ୍ମୃତି ନ ଥାଏ । ବିଜୁ ପଟ୍ଟନାୟକଙ୍କୁ ଭୁଲିବାର ଅନ୍ୟନାମ, ଘନଘନ ଖୋଜିହେବା । ତାଙ୍କ ପାଇଁ ପ୍ରତୀକ୍ଷାର ଅନ୍ତ ନାହିଁ । ରାତି ବିତେ, ଅଥଚ ସକାଳ ହୁଏନାହିଁ । ସେହି ପୁଣ୍ୟଶ୍ଳୋକ ଜାତିପ୍ରାଣ ଜନନାୟକଙ୍କ ୧୦୪ତମ ଜନ୍ମବାର୍ଷିକୀ ତିଥିର ଏହି ମହାର୍ଘ୍ୟ ଅବସରରେ ଚାରିକୋଟି ଓଡ଼ିଆଙ୍କର ତାଙ୍କ ଉଦ୍ଦେଶ୍ୟରେ ସଶ୍ରଦ୍ଧ ପ୍ରଣିପାତ । ବିଜୁବାବୁଙ୍କୁ ଖୋଜିବାର ଅନ୍ତ ନାହିଁ, ପ୍ରତୀକ୍ଷାର ଅବସାନ ନାହିଁ । ତଥାପି ଓଡ଼ିଆ ଖୋଜୁଛି । କ'ଣ ? ବିଶେଷଣଟିଏ, ବିଜୁଙ୍କ ପାଇଁ । ଦ୍ୱିତୀୟ ଖାରବେଳ, ମୁକୁଟବିହୀନ କଳିଙ୍ଗ ସମ୍ରାଟ, କଳିଙ୍ଗ ବୀର, ଓଡ଼ିଶା ମାଟିର ଅମର ସନ୍ତାନ, ସପ୍ତମ ଋତୁର ସୂର୍ଯ୍ୟ, କ୍ରାନ୍ତି ପୁରୁଷ, କିମ୍ବଦନ୍ତୀ ପୁରୁଷ, କଳିଙ୍ଗର ନବୀନ ସୂର୍ଯ୍ୟ, ନବଉତ୍କଳର ନିର୍ମାତା, ଏମିତି କେତେ କେତେ ବିଶେଷଣ ଯୋଡ଼ିସାରିଛି ଓଡ଼ିଆ । ତଥାପି ମନକୁ ଛୁଉଁନି । ସତେ ଯେମିତି ବିଶେଷଣମାନେ ବିଜୁ ନାମ ସହ ଯୋଡ଼ିହୋଇ ବିଶେଷତ୍ୱ ହରାଉଛନ୍ତି । କୌଣସି ଏକ ନିର୍ଦ୍ଦିଷ୍ଟ ବିଶେଷଣ ଏକାକି ବିଜୁବାବୁଙ୍କ ଶିଖର ବ୍ୟକ୍ତିତ୍ୱକୁ ପ୍ରତିନିଧିତ୍ୱ କରିବାକୁ ଅକ୍ଷମ ହେଉଛି ପରା ! ତେଣୁ ବିଜୁବାବୁଙ୍କ ୨୩ ବର୍ଷର ଅବର୍ତ୍ତମାନରେ ବି ଓଡ଼ିଆ କ୍ଲାନ୍ତ ହୋଇପଡୁନି ବିଶେଷଣ ଅନ୍ୱେଷଣରେ । ସେହି ସାର୍ଥକଜନ୍ମାଙ୍କର ଆଜିର ଏହି ୧୦୪ତମ ପୁଣ୍ୟ ଜନ୍ମବାର୍ଷିକୀ ତିଥିର ମହାର୍ଘ୍ୟ ଅବସରରେ ଚାରିକୋଟି ଓଡ଼ିଆଙ୍କୁ ଓଡ଼ିଆତ୍ୱର ସଂଜୀବନୀରେ ଅଭିମନ୍ତ୍ରିତ କରିଥିବା ସେହି ଦେହାନ୍ତରୀ ଓଡ଼ିଆ ଏବଂ ଉତ୍କଳ ଜନନୀଙ୍କର କ୍ଷଣଜନ୍ମା ବରପୁତ୍ରଙ୍କ ପାଇଁ ଶ୍ରଦ୍ଧା ସୁମନ ଅର୍ପଣ ଅବସରରେ ମଗ୍ନମନା ହୋଇ ଅନୁଭବ କରୁଛି- ***''ଓଡ଼ିଆ ପୁଅଟେ ଚାଲିଗଲା, ତାଙ୍କୁରୁ ତଳିପା ଧମନୀରେ ଯା'ର ଓଡ଼ିଆ ରକତ ବହୁଥିଲା । ଉତ୍କଳ ଜନନୀ ଗରଭୁ ଆଉ ବା ଜନମିବ କେହି ପୁଅ, ଓଡ଼ିଶା ବାହାରେ ଯେ ହୋଇପାରିବ ଓଡ଼ିଆର ପରିଚୟ ।''***

-ମିସନ୍ ଅମୃତାୟନ, ୧୯୦ ସୋନାଲିକା ଏନ୍‌କ୍ଲେଭ୍, ଲୁଇସ୍ ରୋଡ୍, ଭୁବନେଶ୍ୱର-୧୪

ଓଡ଼ିଶାର ଦ୍ୱିତୀୟ ଖାରବେଳ

ଉମାଶଙ୍କର ପ୍ରସାଦ



ଜଣେ ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ଓଡିଆମାନଙ୍କର ସ୍ୱାଭିମାନର ପ୍ରତୀକ ଓ ପ୍ରବାଦପୁରୁଷ ଭାବରେ ଓଡିଆର ଘରେ ଘରେ ପରିଚିତ ଥିବା ଓଡିଶାର ଗର୍ବ ଓ ଗୌରବ ଏବଂ ଆବାଳବୃଦ୍ଧବନିତାଙ୍କ ଅତି ପ୍ରିୟ ଥିଲେ ବିଜୁବାବୁ । ଅନେକ ତାଙ୍କୁ ଓଡିଶାର ଦ୍ୱିତୀୟ ଖାରବେଳ ବୋଲି କହୁଥିଲେ । ତାଙ୍କର ଅନେକଗୁଡିଏ ଅଭୂଲା କଥା ଆଜିବି ହୃଦୟତନ୍ତ୍ରୀରେ ଝଙ୍କୃତ ହେଉଛି । ଶୁଣିବାକୁ ମିଳେ ଏକଦା ଭାରତୀୟଙ୍କ ନିନ୍ଦା କରୁଥିବା ଜଣେ ଇଂରେଜ ସାହେବଙ୍କୁ ବିଜୁ ପଟ୍ଟନାୟକ ବିମାନ ଭିତରେ ଧମକ ଦେଇ ତାଙ୍କ ମୁହଁରୁ ସୁନାମ ନଶୁଣିବା ପର୍ଯ୍ୟନ୍ତ ଛାଡି ନ ଥିଲେ । କାରଣ କାୟମନୋବାକ୍ୟରେ ସେ ଥିଲେ ଜଣେ ସଚ୍ଚା ଭାରତୀୟ । ତାଙ୍କ ନିକଟରେ ଜାତି, ଗୋତ୍ର, ଛୁଆଁ ଅଛୁଆଁ ଭେଦଭାବ ନ ଥିଲା । କେବଳ ଥିଲା ମଣିଷ ପାଇଁ ସ୍ନେହ ଓ ଶ୍ରଦ୍ଧା । ଆଉ ତଳେ ପଡିଯାଇଥିବା ମଣିଷକୁ ଉପରକୁ ଉଠାଇବାର ଐକାନ୍ତିକ କାମନା । ସମଗ୍ର ନାରୀ ସମାଜକୁ ଉଦ୍‌ବୋଧନ ଦେବାକୁ ଯାଇ ସେ କହିଥିଲେ-''ଜଣେ ମହିଳା ଡାକ୍ତର, ପ୍ରଶାସକ, ବିଧାୟକ, ସାଂସଦ ବା କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ହୋଇପାରିବେ । ପୁରୁଷଙ୍କଠାରୁ ସବୁକ୍ଷେତ୍ରରେ ଅଧିକ ଦକ୍ଷ ହେବା ସ୍ତରକୁ ତୁମେ କିପରି ନିଜକୁ ଗଢିତୋଳିବ ନିଜକୁ ନିଜେ ପଚାର । ତୁମେ ସେବା କରିବାପାଇଁ ମାନସିକ ସ୍ତରରେ ଓ ସାମାଜିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବା ଦରକାର । ଠକିରୀ କରିବା ମନୋବୃତି ଏକ ଦାସତ୍ୱ ଚିନ୍ତାଧାରା ।'' ସେ ଥିଲେ ପ୍ରଥମ ମୁଖ୍ୟମନ୍ତ୍ରୀ ଯେ କି ସାଇକେଲ ଓ ରିକ୍ସାରେ ସଚିବାଳୟ ଆସିବା ସହ ରବିବାର ଦିନ ସରକାରୀ ଗାଡି ବିନିଯୋଗକୁ ବନ୍ଦ କରିଥିଲେ । ଲୋକମାନଙ୍କର ମଦ ଅଭ୍ୟାସ ଉପରେ ରୋକ ଲଗାଇବାପାଇଁ ମହିଳାମାନଙ୍କୁ ସେ ପୋଲିସର ମର୍ଯ୍ୟାଦା ଦେବା ସୂତ୍ର ବାହାର କରିଥିଲେ । 'ଶାଶୁ ହାତକଡି ନଣନ୍ଦ ବେଡି' ଆହ୍ୱାନ ଥିଲା ତାଙ୍କର ଯୌତୁକ ବିରୁଦ୍ଧରେ ଏକ ମହତ ପଦକ୍ଷେପ । ମଣ୍ଡଳ ରାଜନୀତିର ସମାଲୋଚନା କରି ସେ କହିଥିଲେ ଗରିବର ଜାତି ନାହିଁ । ଏହା ଥିଲା ତାଙ୍କର ଭାବ ଉଦ୍ଦୀପକ ଶବ୍ଦ । ଦେଶପାଇଁ ସାମରିକ ଶାସନର ଆବଶ୍ୟକତା ରହିଛି । ସେ ଥିଲେ ପ୍ରଥମ ବ୍ୟକ୍ତି ଯେ କି ଦୃଢତାର ସହିତ କହିପାରିଥିଲେ, ହାଇକୋର୍ଟ ବାଇବେଲ ନୁହେଁ କି ଜଜ୍‌ମାନେ ଈଶ୍ୱର ନୁହଁନ୍ତି । ସମାଜରେ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ମାଡମାରି ତାଙ୍କୁ ଟେଲିଗ୍ରାମ କରିବାପାଇଁ ପରାମର୍ଶ ଦେଇଥିଲେ ।

ଗାନ୍ଧିଜୀଙ୍କ କାଠଯୋଡି ସଭା ଦେଖିବାକୁ ଯାଇ ସେଠାରେ ସ୍ୱର୍ଗତଃ ଯଦୁମଣି ମଙ୍ଗରାଜଙ୍କ ଜ୍ୱାଳାମୟୀ ଭାଷଣ ଯୋଗୁଁ ଉତ୍ତେଜନା ସୃଷ୍ଟି ହେବା ଫଳରେ ପୋଲିସର ଲାଠିମାଡରେ ବିଜୁଙ୍କ ମୁଣ୍ଡ ଫାଟିଯାଇଥିଲା ଏବଂ ସେ ସେହିଦିନ ଶପଥ କରିଥିଲେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବେ । ଆଇ.ଏସ୍.ସି. ପଢୁଥିଲା ବେଳେ ସେ ସହପାଠୀମାନଙ୍କ ସହ ସାଇକେଲରେ ପେଶୱାର ଭ୍ରମଣରେ ଯାଇ ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ । ସେ କ୍ରମାଗତ ତିନିବର୍ଷ ଆଥଲେଟିକ୍ ଚମ୍ପିଆନ୍ ହୋଇଥିଲେ । ବି.ଏସ୍.ସି. ପଢିବା ସମୟରେ ପାଇଲଟ୍ ଟ୍ରେନିଂ ସମାପ୍ତ କରି ଜଣେ ଦୁଃସାହସୀ ପାଇଲଟ୍‌ଭାବେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ । ୧୯୩୦ ମସିହା ଉତ୍କଳମଣି ଗୋପବନ୍ଧୁଙ୍କ ସହ ପ୍ରଳୟଙ୍କରୀ ବନ୍ୟା ଦେଖିବାକୁ ଯାଇଥିବାବେଳେ ଉଛୁଳା ନଈରେ ଡଙ୍ଗା ଚାଲିଥିବା ସମୟରେ ଗୋପବନ୍ଧୁଙ୍କ ହାତରୁ ଛତାଟି ଖସି ଯାଇଥିଲା । ସେତେବେଳେ ବିଜୁବାବୁ ତୁରନ୍ତ ଡଙ୍ଗାରୁ ଖପ୍‌କରି ପାଣିକୁ ଡେଇଁପଡି ପ୍ରବଳ ସ୍ରୋତରେ ଭାସି ଯାଉଥିବା ଛତାଟିକୁ ନେଇ ଆସିଥିଲେ । ତାଙ୍କର ଏପରି ଦୁଃସାହସ ଦେଖି 'ତୁ ଦିନେ ବଡ ମଣିଷ ହେବା'ର ଆଶୀର୍ବାଦ ଗୋପବନ୍ଧୁଙ୍କ ଠାରୁ ପ୍ରାପ୍ତ କରିଥିଲେ । ନିଜେ ଜଣେ ଖ୍ୟାତିସମ୍ପନ୍ନ ପାଇଲଟ୍ ହୋଇଥିବାରୁ, ଓଡିଆ ଯୁବକମାନଙ୍କ ପାଇଁ ସେ ଭୁବନେଶ୍ୱରରେ 'ଓଡିଶା ଫ୍ଲାଇଙ୍ଗ କ୍ଲବ୍ ଲିମିଟେଡ୍' ଓ କଟକରେ 'ୱାୟରଲେସ୍ ଟ୍ରେନିଂ' ସ୍କୁଲ୍ ଗଠନ କରିଥିଲେ । ଯେତେବେଳେ ରାଷ୍ଟ୍ରପତି ଡଃ. ସୁକର୍ଣ୍ଣଙ୍କ ନେତୃତ୍ୱରେ ଇଣ୍ଡୋନେସିଆବାସୀ କ୍ଷମତା ଦଖଲପାଇଁ ସଂଗ୍ରାମ ଚଳାଇଥାନ୍ତି । ମାତ୍ର ଯୋଗାଯୋଗ ଅଭାବରୁ ଡଃ. ସୁକର୍ଣ୍ଣଙ୍କ ସରକାର ଆନ୍ତର୍ଜାତିକ ସହଯୋଗ ହାସଲ କରିପାରୁ ନଥାଏ । ସେତେବେଳେ ବିଜୁ ନିଜ ଜୀବନକୁ ପାଣି ଛଡାଇ ଏହି ଅଭାବ ପୂରଣ ନିମିତ୍ତ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡଃ. ମହମ୍ମଦ ଭଟ୍ଟ ପ୍ରମୁଖ ନେତୃବର୍ଗଙ୍କୁ ମୁଣ୍ଡ ଉପରେ ଝୁଲୁଥିବା ବିପଦର ଘନଘଟା ଭିତରେ ବିଜୁ ଡାକୋଟା ବିମାନରେ ଦିଲ୍ଲୀ ଉଡାଇ ଆଣି ପଣ୍ଡିତ ନେହେରୁଙ୍କ ସହିତ ସାକ୍ଷାତ୍ କରାଇ ଥିଲେ । ଏଥିଯୋଗୁଁ ଇଣ୍ଡୋନେସିଆରେ ସେ ଖୁବ୍ ଲୋକପ୍ରିୟ ହେବା ସହ ଇଣ୍ଡୋନେସିଆ ସରକାର ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ଉପାଧି ପ୍ରଦାନ କରିଥିଲେ । ତାଙ୍କ ସମୟରେ ଚୌଦାରଠାରେ 'ଓଡିଶା ଟେକ୍ସଟାଇଲ୍ ମିଲ୍', କଳିଙ୍ଗ ଟିଉବସ୍, କଳିଙ୍ଗ ରେଫ୍ରିଜେସନ୍, ପାରଦୀପ ବନ୍ଦର, ଦୈତାରୀଠାରୁ ପାରାଦୀପ ପର୍ଯ୍ୟନ୍ତ ଏକ୍ସପ୍ରେସ୍ ହାଇୱେ ରୋଡ୍, ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଆଂଚଳିକ ଗବେଷଣାଗାର, ସୈନିକ ସ୍କୁଲ୍, ରିଜିଓନାଲ କଲେଜ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ୍, ତାଳଚେର ଥର୍ମାଲ୍, ବରଗଡ ସିମେଂଟ କାରଖାନା, ବ୍ରହ୍ମପୁର, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ, ବୁର୍ଲା ଓ ବ୍ରହ୍ମପୁର ମେଡିକାଲ କଲେଜ ଆଦି ପ୍ରତିଷ୍ଠା କରି ଓଡିଶା ପାଇଁ ପ୍ରଗତିର ପଥ ଉନ୍ମୋଚନ କରିଥିଲେ । ଏକଧାରାରେ ସେ ଥିଲେ ଜଣେ ସ୍ଥାପତ୍ୟ, ସତ୍‌ସାହସୀ, କର୍ମଠ, ପରୋପକାରୀ ଓଡିଆଙ୍କ ମନ ଜାଣିଥିବା, ଦୁଃଖ ବୁଝିଥିବା ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିଥିବା ସମଗ୍ର ଓଡିଆ ଜାତିର ପ୍ରିୟ ନେତା ଓ ଚିରନମସ୍ୟ । ତାଙ୍କର କୀର୍ତି ତାଙ୍କୁ ଚନ୍ଦ୍ର ସୂର୍ଯ୍ୟ ଥିଲା ପର୍ଯ୍ୟନ୍ତ ଅମର କରି ରଖିଥିବ । ଆଜି ତାଙ୍କର ୧୦୪ତମ ଜନ୍ମ ଜୟନ୍ତୀରେ ଏ ଲେଖକର ଭକ୍ତିପୂତ ପ୍ରଣତି ।

-ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା, ମେନ୍ ରୋଡ୍, ମୋ-୬୦୭୩୬୭୫୫୬୨

ମୋ ଗାଁ

ବିକାଶ ପାଇଁ ଅଣ୍ଟାଭିଡିଲେ ଆପାର୍ଟମେଣ୍ଟ ବାସୀନ୍ଦା

ଭୁବନେଶ୍ୱର ଦକ୍ଷିଣ ଉପକଣ୍ଠ ବିକାଶ ମଞ୍ଚ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର/ସୁନ୍ଦରପଦା(ପିଏନ) : ଭୁବନେଶ୍ୱର ଦକ୍ଷିଣଉପକଣ୍ଠର ସାମୁହିକ ବିକାଶ ନିମନ୍ତେ ଭୁବନେଶ୍ୱର ମୁନିସିପାଲିଟି ଦକ୍ଷିଣ ସୀମାର ନିକଟବର୍ତ୍ତି ଓରକଳ ବୋତଣ୍ଡା ସମେତ ପଧାନସାହି ଗ୍ରାମ ପଞ୍ଚାୟତ ଅଂଚଳରେ ଗଢି ଉଠିଥିବା ଆପାର୍ଟମେଣ୍ଟ ,ଡୁପ୍ଲେକ୍ସ ସମୁହର ବାସୀନ୍ଦାମାନେ ଏକଯୁଟ ହୋଇଛନ୍ତି । ଗତକାଲି ବିନାୟକ ଏନକ୍ଲେଭ ଠାରେ ଅନୁଷ୍ଠିତ ବିକାଶ ମଞ୍ଚର ବାର୍ଷିକ କାର୍ଯ୍ୟକ୍ରମରେ ୨୦ରୁ ଅଧିକ ଆପାର୍ଟମେଂଟକୁ ପ୍ରତିନିଧିତ୍ୱ କରୁଥିବା ବାସୀନ୍ଦା ମାନେ ସ୍ଥାନୀୟ ଅଂଚଳର ସାଧାରଣ ନାଗରିକ ସୁବିଧାର ବିକାଶ ନିମନ୍ତେ ସଂକଳ୍ପ ନେଇଛନ୍ତି । ଭୁବନେଶ୍ୱର ମହାନଗରର ଚର୍ତୁପାଶ୍ୱ ବିକାଶ ହେଉଥିବାବେଳେ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବାସଭବନଠାରୁ କିଛି ଦୁରରେ ଥିବା ଏହି ଅଂଚଳର କୌଣସି ବିକାଶ ପାଇଁ କେହି ହେଲେ ଇଛା ପ୍ରକାଶ କରୁନାହାଁନ୍ତି । ଫଳରେ ଦୀପତଳ ଅନ୍ଧାର ଭଳି ମଂଜୁରୀ ପାଇଥିବା ବହୁ ଉନ୍ନତିମୁଳକ ପ୍ରକଳ୍ପ କାଗଜପତ୍ରରେ ସିମିତ ହୋଇ ରହିଛି । ମୁଖ୍ୟତଃ ସୁନ୍ଦରପଦା ଜଟଣି ରାସ୍ତାର ପ୍ରସସ୍ତିକରଣକୁ ନେଇ ସ୍ଥାନୀୟ ବାସୀନ୍ଦାଙ୍କ ମନରେ ଅସନ୍ତୋଷର ବହ୍ନି କୁହୁଳୁଛି । ରାସ୍ତା ଆଲୋକୀକରଣ,ସ୍ୱାସ୍ଥ୍ୟସେବା,ସଫେଇ କାର୍ଯ୍ୟକ୍ରମ, ଡ୍ରେନେଜ ସୁବିଧା, ସର୍ବସାଧାରଣ କଲ୍ୟାଣ ମଣ୍ଡପ, ଖେଳପଡିଆ, ଶବ ସତ୍କାର ବ୍ୟବସ୍ଥା ତଥା ସୁରକ୍ଷା ନିମନ୍ତେ ଏକ ଫାଣ୍ଡି ସ୍ଥାପନାଆଦି କଲ୍ୟାଣମୁଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚରକୁ ଅଣାଯିବ ବୋଲି ଏକ ପ୍ରସ୍ତାବ ଗୃହିତ ହୋଇଛି । ବିନା ପ୍ଲାନିଂରେ ଯେନ ତେନ ଭାବରେ ଆପାର୍ଟମେଣ୍ଟ ଗଢିଉଠୁଥିବାରୁ ରାସ୍ତଘାଟ ଆଉ ଡ୍ରେନେଜର ସୁବିଧା ନଥିବାରୁ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବାର ସମ୍ଭାବନା କୁ ଏଡାଇ ଦିଆଯାଇନପାରେ । ଯାହାଦ୍ୱାରା ସ୍ଥାନୀୟ ଜଳାଶୟ ଏବଂ ପାନୀୟ ଜଳ ଦୁଷିତ ହେବାରେ ଲାଗିଛି । ଆପଦବିପଦ ବେଳେ ଜଳ ନିଷ୍କାସନର ଉପାୟ ନଥିବାରୁ ଲୋକେ ଜଳବନ୍ଦୀ ଭିତରେ ରହିବାକୁ ବାଧହେବେ ବୋଲି ଉଦ୍‌ବେଗ ପ୍ରକାଶ ପାଇଛି । ଏହି ସାଧାରଣ ବୈଠକରେ ଭୁବନେଶ୍ୱର ଦକ୍ଷିଣଉପକଣ୍ଠ ବିକାଶ ମଞ୍ଚ ର ୨୧ଜଣିଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି । ସର୍ବଶ୍ରୀ ବିମ୍ବାଧର ସାହୁ ସଭାପତି, ସର୍ବେଶ୍ୱର ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ବୀଣାପାଣୀ ଜୟସିଂ, ହୃଦାନନ୍ଦ ମିଶ୍ର ଉପ-ସଭାପତି, ରଜନୀକାନ୍ତ ସାମନ୍ତରାୟ ସାଧାରଣ ସଂପାଦକ, ବିଭୁଦତ୍ତ ଛୋଟରାୟ କୋଷାଧ୍ୟକ୍ଷ, ଅମ୍ରିତା ପଟ୍ଟନାୟକ, ସନ୍ତୋଷଦେବ ମହାପାତ୍ର, କିରଣବାଳା ପଣ୍ଡା, ଅଜୟ କୁମାର ମଲ୍ଲିକ୍ ଅଲୋକ କୁମାର ମହାପାତ୍ର ସମେତ ନଅଜଣ କାର୍ଯ୍ୟକାରି ସଦସ୍ୟଏବଂ ଉପଦେଷ୍ଟା ଭାବେ ବିନୋଦ କୁମାର ପଣ୍ଡାଙ୍କୁ ନେଇ ଗଠିତ ଏହି ବିକାଶ ମଂଚ କାର୍ଯ୍ୟକରିବ ବୋଲି ସାଧାରଣ ସଂପାଦକ ପ୍ରକାଶ କରିଛନ୍ତି ।

ଚୋରୀ ଅଭିଯୋଗରେ ଜଣେ ଗିରଫ

ଯୋଡା.(ପିଏନ)- ଯୋଡା ଥାନା ଅନ୍ତର୍ଗତ ସହିଦନଗର ଅଞ୍ଚଳରେ ଚଳିତ ମାସ ୧୦ ତାରିଖ ବିଳମ୍ବିତ ରାତିରେ ତାଲା ତାଡି ଚୋରୀ ଅଭିଯୋଗରରେ ପୁଲିସ ସୋମବାର ଦିନ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାରୁ ପ୍ରକାଶ,ଯୋଡା ପୌରାଞ୍ଚଳର ୭ ନମ୍ବର ୱାର୍ଡ ସ୍ଥିତ ସହିଦନଗର ଅଞ୍ଚଳର ବାଉରି ବନ୍ଧୁ ସେଠୀ ଙ୍କ ଘରୁ ଚଳିତ ମାସ ୧୦ ତାରିଖ ସୋମବାର ବିଳମ୍ବିତ ରାତିରେ ତାଲା ତାଡି ଜୟୀ ମୁଣ୍ଡା ନାମକ ଜୈନିକ ବ୍ୟକ୍ତି ଚୋରୀ କରି ପଳାଉଥିବା ବେଳେ କୌଣସି ଏକ ଶବ୍ଦ ହେବାରୁ ବାଉରି ବନ୍ଧୁଙ୍କ ପରିବାର ନିଦରୁ ଉଠି ଜୟୀ ଏକ ଇସ୍ତ୍ରୀ ଓ ପଙ୍ଖା ନେଇଯାଉଥିବାର ଦେଖି ତାହାଠାରୁ ଚୋରି ଜିନିଷ ଛଡାଇବାକୁ ଉଦ୍ୟମ କରିଥିଲେ । ବାଉରୀ ବନ୍ଧୁଙ୍କ ପରିବାର ଲୋକଙ୍କୁ ଦେଖି ଜୟୀ ମୁଣ୍ଡା ଏକ ଛୁରା ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରାଇ ସେଠାରୁ ଖସିଯିବାରେ ସଫଳ ହୋଇଥିଲା । ଏ ସମ୍ବନ୍ଧେ ବାଉରୀ ବନ୍ଧୁ ସେଠୀ ଯୋଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଏକ ଯୋଡା ପୁଲିସ ଏକ ମାମଲା ରୁଜୁ କରି ଛାନଭିନ ଅଭିଯୁକ୍ତକୁ ଗିରଫ ନିମନ୍ତେ ଉଦ୍ୟମ ଚଳାଇଥିଲା । ସୋମବାର ଭୋର ସମୟରେ ପୁଲିସ ଜୟୀ ମୁଣ୍ଡାକୁ ତାର ସହିଦନଗର ସ୍ଥିତ ନିଜ ବାସଭବନରୁ ଗିରଫ କରିଥିବାର ଖବର ମିଳିଛି । ଅଭିଯୁକ୍ତର ନାମରେ ଏଥି ପୂର୍ବରୁ ତିନୋଟି ବିଭିନ୍ନ ଚୋରୀ ଓ ମାଡ଼ପିଟ୍ ମାମଲା ଥିବାର ପୁଲିସ ପ୍ରକାଶ କରିଛି । ଶୁକ୍ରବାର ଅପରାହ୍ନରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସମୟରେ ତାର ଘରୁ ଚୋରୀ ହୋଇଥିବା ସାମଗ୍ରୀକୁ ପୁଲିସ ଜବତ କରିଥିବାର ଖବର ମିଳିଛି ।

ପୁରୀ ଓକିଲ ସଂଘ ନିର୍ବାଚନ ଜମୁଛି, ସମ୍ପାଦକ ପଦ ପାଇଁ ପରିବର୍ତ୍ତନର ସୁଅ !

ପୁରୀ: ଓଡିଶା ରାଜ୍ୟ ବାର କାଉନସିଲର ନିଷ୍ପତି କ୍ରମେ ଆସନ୍ତା ମାର୍ଚ୍ଚ ୨୮ରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ । ୱାନ ବାର ୱାନ୍ ଭୋଟ ନୀତିରେ ସାରା ରାଜ୍ୟରେ ଥିବା ଓକିଲ ସଂଘଗୁଡିକରେ ନିର୍ବାଚନ ଅନୁଷ୍ଠିତ ହେବ । ପୁରାତନ ଓକିଲ ସଂଘଭାବେ ପରିଚିତ ପୁରୀ ଓକିଲ ସଂଘରେ ମଧ୍ୟ ନିର୍ବାଚନ ପାଇଁ ଚର୍ଚ୍ଚାର ସରଗରମ ହେଲାଣି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସାଧାରଣ ସଂପାଦକଙ୍କ ପାଇଁ ଏଥର ବିଶେଷ ଭାବେ ପ୍ରତିଯୋଗିତା ହେବାର ସମ୍ଭାବନା ରହିଛି । ବାରମ୍ବାର କେତେକ ପ୍ରାର୍ଥୀ ଜିତୁଥିବାରୁ ଅନେକ ବରିଷ୍ଠ ଓ ଯୁବ ଓକିଲମାନେ ଏହାକୁ ପସନ୍ଦ କରୁନଥିବା ଆଲୋଚନା ହେଉଛି ।

ଭିକ୍ଷୁକ ଖୋଜା ଅଭିଯାନରେ ବାହାରିଲା ଟିମ୍

ପୁରୀ: ପୁରୀ ସହରରେ ଭିକ୍ଷା ମାଗି ଚଳୁଥିବା ଭିକ୍ଷୁକମାନଙ୍କୁ ଥଇଥାନ କରିବା ପାଇଁ ନୀଳାଦ୍ରି ନିଳୟ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି । ଅଭିଯାନ ଆରମ୍ଭର ପ୍ରଥମ ଦିନରେ ଶ୍ରୀମନ୍ଦିର ନିକଟରୁ ୨୫ ଜଣ ଭିକ୍ଷାରୀଙ୍କୁ କାଉନସିଲିଂ କରାଯାଇ କ୍ୟାମ୍ପକୁ ପଠାଇ ଦିଆଯାଇଛି । ଏଥିପାଇଁ ୪ଟି ଟିମ୍ ରେ ୪୦ ଜଣ ସ୍ୱେଚ୍ଛାସେବୀ ପୁଲିସଙ୍କ ସହ ମିଳିତ ହୋଇ କାର୍ଯ୍ୟ ଆରମ୍ଭ କରିଛନ୍ତି । ଦିନ ୧୦ଟାରୁ ସିଂହଦ୍ୱାର ପାଖରୁ ଏହି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପୁରୀ ସହରକୁ ଭିକ୍ଷୁକମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ନୀଳାଦ୍ରି ନିଳୟ ପ୍ରକଳ୍ପ । ଭିନ୍ନକ୍ଷମ ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ବିଭାଗର ସହାୟତାରେ ଏହି ଭିକ୍ଷାରୀମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ଶାରିରୀକ ଅକ୍ଷମ, କୃଷ୍ଣରୋଗୀ, ମାନସିକ ବିକାର ଓ ବୟସ୍କ ଭିକ୍ଷାରୀମାନଙ୍କୁ ସ୍ୱତନ୍ତ୍ର ଆବାସସ୍ଥଳୀରେ ରଖାଯିବା ପାଇଁ ବ୍ୟବସ୍ଥା ହୋଇଛି । ୮ଟି ନୀଳାଦ୍ରି ନିଳୟ ଆବାସିକ କେନ୍ଦ୍ରରେ ୪ ଶହ ଜଣ ଭିକ୍ଷୁକଙ୍କ ପୁନର୍ବାସ ବ୍ୟବସ୍ଥା କରାଯାଇଛି । ପ୍ରତି ଭିକ୍ଷୁକଙ୍କ ପାଇଁ ରାଜ୍ୟ ସରକାର ୩ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଫୁଲ୍ଲ ଯୋଜନାର ପରାମର୍ଶଦାତା ସିଦ୍ଧାର୍ଥ ରାୟ, ଜଶସ୍ୱିନ ଦାସ, ସନ୍ତୋଷ କୁମାର, ଜ୍ୟୋତିପ୍ରକାଶ ପଟ୍ଟନାୟକ ଏହି କାର୍ଯ୍ୟର ତଦାରଖ କରୁଛନ୍ତି । ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପରିଚାଳନା ପାଇଁ ସ୍ୱତନ୍ତ୍ରଭାବେ ନିଯୁକ୍ତ ହୋଇଛନ୍ତି । ଭିକ୍ଷୁକ ଓ ଭିକ୍ଷାଦାନ କରୁଥିବା ବ୍ୟକ୍ତିଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଓ ଭିକ୍ଷୁକମାନଙ୍କ ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବା ମୂଳଲକ୍ଷ୍ୟ ରହିଛି । ପୁରୀ ସହରାଚଂଳରେ ଭିକ୍ଷୁକମାନଙ୍କ ସଂପର୍କରେ ଜିଲ୍ଲାପ୍ରଶାସନକୁ ଖବର ଜଣାଇ ସହଯୋଗ କରିବାକୁ ଜିଲ୍ଲାପାଳ ବଳବନ୍ତ ସିଂ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କିଛିଦିନ ତଳେ ମରଚିକୋଟ ଛକରୁ ଇଂଜିନିୟର, ଶିକ୍ଷୟିତ୍ରୀ ଓ ପାଠପଢି ଭିକ୍ଷୁକ ସାଜିଥିବା ସୁଜତ ପାଢୀଙ୍କୁ ବଡଦାଣ୍ଡରୁ ଉଦ୍ଧାର କରାଯାଇ ସେବା ଯୋଗାଇ ଦିଆଯାଉଛି । ବଡଦାଣ୍ଡକୁ ନୋ ବେଗିଂ ଜୋନ୍ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

ସିନିଅର ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ : ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ

ବୌଦ୍ଧ: ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବୌଦ୍ଧର କଚେରୀ ପଡିଆ ଠାରେ ସିନିଅର ଅନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ ମହାନଦୀ ସ୍ପୋର୍ଟିଂ ବୌଦ୍ଧ ଓ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜିର ମ୍ୟାଚରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ଖେଳର ପ୍ରଥମ ଇନିଂସରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭରରେ ୬ ୱିକେଟ ହରାଇ ୨୮୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସତ୍ୟଶ୍ରୀ ଦାସ ୧୦୩ ବଲ୍‌ରେ ୬୭ ରନ୍, ୪୫ ବଲ୍‌ରେ ୬୦ ରନ୍, ଭ୍ୟାଙ୍କଟେଶ ଭାଣ୍ଡେ ୪୨ ବଲ୍‌ରେ ୫୪ ରନ୍ କରିଥିଲେ । ମହାନଦୀ ଦଳର ଦୀପକ ଟୁଡୁ ୨୭ରନ୍ ଦେଇ ୩ଟି ୱିକେଟ ଅକ୍ତିଆର କରିଥିବାବେଳେ ତନ୍ମୟ ମିଶ୍ର ୬୬ ରନ୍ ଦେଇ ୨ଟି ୱିକେଟ ନେଇଥିଲେ । ଏହାର ଜବାବରେ ମହାନଦୀ ସ୍ପୋର୍ଟିଂ ୨୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୧୪ ରନ୍ କରିପାରିଥିଲା । ଫଳରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୧୬୯ ରନ୍ ବ୍ୟବଧାନରେ ବିଜୟ ଲାଭ କରିଛି । ମହାନଦୀ ସ୍ପୋର୍ଟିଂ ତରଫରୁ ଅଭୟନନ୍ଦ ଜାନୀ ୩୭ ରନ୍, ସହବ ଉଦ୍ଦିନ ୧୮ ରନ୍ କରିଥିଲେ । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂର ମନୋଜ ନାୟକ ୬ଟି ଓ ରଜନୀଶ ଯାଦବ ୨ଟି ୱିକେଟ ନେଇଥିଲେ । ଆଜିର ଏହି ମ୍ୟାଚକୁ ଅମ୍ପାୟାର ଭାବେ ରଞ୍ଜିତ ରଞ୍ଜନ ଚାନ୍ଦ ଓ ବିଭୁତି ଭୂଷଣ ବେହେରା ପରିଚାଳନା କରିଥିଲେ । ସ୍କୋରର ଭାବେ ସାଇପ୍ରିୟ ଦାସ କାର୍ଯ୍ୟ ତୁଲାଇଥିଲେ ।

କ୍ଲାସ ସମୟରେ ଶୋଇବାର ଭିଡ଼ିଓ ଭାଇରାଲ୍ ଘଟଣା : ସହକାରୀ ଶିକ୍ଷୟତ୍ରୀ ନିଲମ୍ବିତ

ଗଞ୍ଜାମ : ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର ରଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସୁମିତା ନାୟକ କ୍ଲାସ ସମୟରେ ଶ୍ରେଣୀ ଗୃହରେ ଦରିପାଲରେ ଶୋଇଥିବାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ୍ ହେବା ପରେ ଘଟଣାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଜି କୁକୁଡ଼ାଖଣ୍ଡି ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ସମ୍ପୃକ୍ତ ଶିକ୍ଷୟତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ଜଣାପଡିଛି ।

ଅସହମତି ସତ୍ତ୍ୱେ ଜନମତର ନିର୍ଣ୍ଣୟକୁ ସମ୍ମାନ କର : ଉପରାଷ୍ଟ୍ରପତି

ନୂଆଦିଲ୍ଲୀ: ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶର ବିଭିନ୍ନ ସ୍ଥାନରେ ବିରୋଧ ଜାରୀ ରହିଥିବା ବେଳେ ଗୁରୁବାର ଉପରାଷ୍ଟ୍ରପତି ଏମ. ଭେଙ୍କୟା ନାଇଡୁ ଜନମତକୁ ସମ୍ମାନ କରିବାକୁ ବିରୋଧି ଦଳମାନଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ, ଏକ ସୁସ୍ଥ ଗଣତନ୍ତ୍ରର ମୂଳମନ୍ତ୍ର ଯୁକ୍ତି । ଏହାଦ୍ୱାରା କୌଣସି ନିର୍ଣ୍ଣୟରେ ପହଂଚି ହୁଏ । ଗଣତନ୍ତ୍ରରେ ଅସହମତି ହୋଇଥିଲେ ସୁଦ୍ଧା ଜନମତ ଦ୍ୱାରା ନିଆଯାଇଥିବା ନିଷ୍ପତିକୁ ସମସ୍ତେ ସ୍ୱୀକାର କରିବା ଉଚିତ୍ । ଶ୍ରୀ ନାଇଡୁ ଆଜି ଭାରତୀୟ ଛାତ୍ର ସଂସଦ (ବିସିଏସ) ଏବଂ ଏମଆଇଟି ସ୍କୁଲ ଅଫ ଗଭର୍ଣ୍ଣମେଂଟ (ଏମଆଇଟି-ଏସଓଜି) ପକ୍ଷରୁ ମିଳିତ ଭାବେ ବିଜ୍ଞାନ ଭବନରେ ଆୟୋଜିତ ୪ ଦିବସୀୟ ଭାରତୀୟ ଛାତ୍ର ସଂସର ଉଦଘାଟନ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରି ଏହା କହିଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ଶ୍ରୀ ନାଇଡୁ କେରଳ ବିଧାନସଭାର ଅଧ୍ୟକ୍ଷ ପି. ରାମକୃଷ୍ଣନଙ୍କୁ ଆଦର୍ଶ ବିଧାନସଭା ଅଧ୍ୟକ୍ଷ ସମ୍ମାନରେ ସମ୍ମାନିତ କରିଥିଲେ ।ଉଦବୋଧନରେ ସେ କହିଥିଲେ ଯେ, ବାସ୍ତବରେ ଲୋକତନ୍ତ୍ର ପ୍ରଶାସନର ସବୁଠୁ ଭଲ ପ୍ରଣାଳୀ । ମୁଁ ଆଶା କରୁଛି ମୋର ପ୍ରତ୍ୟେକ ସାଂସଦ ଏବଂ ଲୋକ ପ୍ରତିନିଧି ପ୍ରତ୍ୟେକ ମଂଚରେ ଲୋକତାନ୍ତ୍ରିକ ବିଚାରବିମର୍ଶକୁ ଅଧିକ ଉଚ୍ଚତର କରନ୍ତୁ । ଆହୁରି ମଧ୍ୟ ସେ କହିଥିଲେ ଯେ, ଆମକୁ ରାଜନୀତି ସହିତ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ମିଶନ ରୂପରେ ନେବା ଆବଶ୍ୟକ । ଜନସାଧାରଣଙ୍କ ସେବା କରିବାର ଏକ ମାଧ୍ୟମ ହେଉଛି ରାଜନୀତି । ସମାଜର ଆର୍ଥିକ ଓ ରାଜନୈତିକ ପରିବର୍ତ୍ତନ ଦ୍ୱାରା ରାଷ୍ଟ୍ରୀୟ ବିକାଶ ପ୍ରକ୍ରିୟାକୁ ଆହୁରି ବିକଶିତ କରିବା ତଥା ଗଣତାନ୍ତ୍ରିକ ମୂଳକୁ ଆହୁରି ସୁଦୃଢ଼ କରିବାର ଏହା ଏକ ପ୍ରୟାସ ।

ଫସଲ ବୀମା ଯୋଜନାର ପ୍ରିମିୟମ୍ ଅର୍ଥରାଶିରେ କାଟ୍ ଚାଷୀଙ୍କ ସହିତ ସବୁଠୁ ବଡ଼ ବିଶ୍ୱାସଘାତକତା:କଂଗ୍ରେସ

ନୂଆଦିଲ୍ଲୀ: ଫସଲ ବୀମା ଯୋଜନାର ପ୍ରିମିୟମ୍ ଅର୍ଥରାଶିରେ କାଟ୍ ଚାଷୀଙ୍କ ସହିତ ସବୁଠୁ ବଡ଼ ବିଶ୍ୱାସଘାତକତା ବୋଲି କହିଛି କଂଗ୍ରେସ । କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ ଆଣି ବିରୋଧୀ ଦଳ ମାନେ ଏହା ଚାଷୀଙ୍କ ଉପରେ ଆକ୍ରମଣ ବୋଲି ଦର୍ଶାଇଛନ୍ତି । କଂଗ୍ରେସ କହିଛି ଏ ପ୍ରକାର ନିର୍ଣ୍ଣୟ ଦେଶର ଅନ୍ନଦାତା ମାନଙ୍କ ପେଟକୁ ଲାତ୍ ମାରିବା ସଦୃଶ । ଯାହାକି ଅତ୍ୟନ୍ତ ଲଜ୍ଜାଜନକ । ଗୁରୁବାର ଦିନ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ରାଷ୍ଟ୍ରୀୟ ମୁଖପାତ୍ର ରଣଦୀପ ସିଂହ ସୁରଜୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ମୌସୁମି ଆଧାରିତ ଫସଲ ବୀମା ଯୋଜନାର ପ୍ରିମିୟମ୍ ରେ କାଟ୍ ଦ୍ୱାରା ଆଗକୁ ଚାଷୀଙ୍କ ବୋଝ ବଢ଼ିବ । ସେ କହିଛନ୍ତି ଯେ, ପୂର୍ବରୁ ଫସଲ ବୀମା ଯୋଜନାରେ ୨ ପ୍ରତିଶତ ବୀମା ପ୍ରିମିୟମ୍ ରାଶି ଚାଷୀ ଦେଉଥିଲା । ଏବଂ ଶେଷ ରାଶିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭାଗ ୫୦-୫୦ ପ୍ରତିଶତ ରହିଥିଲା । କିନ୍ତୁ, ସରକାର ମୋଗଲଙ୍କ ଭଳି ଫତୁଆ ଜାରୀ କରି କହିଲେ ଏଣିକି ସେ କେବଳ ୨୫ ପ୍ରତିଶତ ଅର୍ଥ ରାଶି ଦେବେ ।

ଧାନ ସଂଗ୍ରହର ଅଗ୍ରଗତି ଓ ସମସ୍ୟା ସଂପର୍କରେ ସମୀକ୍ଷା ବୈଠକ

ଯାଜପୁର: ଜିଲ୍ଲାରେ ଧାନ କିଣାକୁ ସୁନିୟନ୍ତ୍ରିତ କରିବା ସହ ଯେପରି ଅଭାବି ବିକ୍ରୀ ନ ହୁଏ ସେଥିପାଇଁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ ନିର୍ଦ୍ଦେଶ ଦେଇଚ୍ଛନ୍ତି । ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଧାନ ସଂଗ୍ରହର ଅଗ୍ରଗତି ଓ ସମସ୍ୟା ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପୂର୍ବରୁ ଏକାଧିକ ବାର ବୈଠକ ସରିଛି ଓ ଆଲୋଚନା ହୋଇ ଧାନ କ୍ରୟର ନିୟମାବଳୀ ପ୍ରଣୟନ ହୋଇଚ୍ଛି ବୋଲି କହିଥିଲେ । ସରକାର ଧାନ ସଂଗ୍ରହ ସମୟରେ କି କି ବ୍ୟବସ୍ଥା ଗ୍ରହଣ କରାଯିବ ଓ କେଉଁ ବିଭାଗର କି ପ୍ରକାର କାର୍ଯ୍ୟ କରିବା ଉଚିତ ତାହାର ଗାଇଡଲାଇନ ପ୍ରଦାନ କରିଚ୍ଛନ୍ତି । ଏହାକୁ ନିଷ୍ଠାର ସହ ଉତରଦାୟୀ ଭାବେ ପାଳନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି ଜିଲ୍ଲା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକ ଧାନ ବିକ୍ରୟ ପାଇଁ ଚାଷୀ ମାନଙ୍କ ଠାରୁ ଦାବି ଆସୁଥିବାରୁ ଏହାକୁ ସରକାରଙ୍କୁ ଅବଗତ କରାଇ ଅତିରିକ୍ତ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଅନୁରୋଧ ପତ୍ର ଲେଖିବାକୁ ଯୋଗାଣ ବିଭାଗକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଅଭାବୀ ବିକ୍ରିକୁ ପ୍ରତିହତ ସହ ଚାଷୀ ମଧ୍ୟ ଉପକୃତ ହୋଇପାରିବ ବୋଲି ସେ କହିଥିଲେ । ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ ମିଲର ମାନେ ଠିକ୍ ସମୟରେ ମଣ୍ଡି ମାନଙ୍କରୁ ଧାନ ଉଠାଇବା ଯେତିକି ଜରୁରୀ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନେ ମଧ୍ୟ ସେମାନଙ୍କ ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହ କରିବା ସେତିକି ଜରୁରୀ । ତେଣୁ ଧାନ ସଂଗ୍ରହ ସମୟରେ ଯୋଗାଣ କର୍ମଚାରୀ, ପ୍ୟାକ୍ସର କର୍ମଚାରୀ ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ । ସର୍ବସମ୍ମତି କ୍ରମେ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟକୁ ବୃଦ୍ଧି ପାଇଁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସ୍ଥିର ହେବା ସହ ମିଲର ମାନେ ଠିକ୍ ସମୟରେ ଧାନ ସଂଗ୍ରହ କରିବାକୁ ସ୍ଥିର ହେଲା । ଚାଷୀ ମାନଙ୍କର କୌଣସି ସମସ୍ୟା ଯେପରି ନ ରହେ ଯୋଗାଣ ବିଭାଗ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଭାଗ ସେଥିପ୍ରତି ସତର୍କ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ୧୩୬ ଗୋଟି ଧାନ ସଂଗ୍ରହ କେନ୍ଦ୍ର ମଧ୍ୟରୁ ପ୍ୟାକ୍ସ ୧୨୦ ଟିରେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ୧୬ ଟି ଧାନ ସଂଗ୍ରହ ଦାୟିତ୍ୱ ନେଇଚ୍ଛନ୍ତି । ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୧୦୮୨୯୩୦ କ୍ୱିଣ୍ଟାଲ ଧାନ ମଧ୍ୟରୁ ୮୫୫୭୪୦.୯୨ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଚ୍ଛି । ଏହି ବୈଠକରେ ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ, ଏ.ଆର.ସି.ଏସ୍. ଶରତ ମଲ୍ଲିକ , ନିୟନ୍ତ୍ରିତ ବଜାର କମିଟି ସଂପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ଅନ୍ୟାନ୍ୟ ମାର୍କେଟିଂ ଇନିସ୍ପେକ୍ଟର, ମିଲର ଓ ଅନ୍ୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ବାବା ଗତିଶ୍ୱର କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ : ମା ତାରା କ୍ରିକେଟ୍ କ୍ଲବ ଚମ୍ପିଆନ୍

କଣାସ: ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମପଂଚାୟତର ସାହାସପୁର ଗ୍ରାମ ଖେଳ ପଡିଆରେ ଚାଲିଥିବା ବାବା ଗତିଶ୍ୱର ଦେବ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ ମା ତାରା କ୍ରିକେଟ କ୍ଲବ ମଙ୍ଗଳାଯୋଡି ଏବଂ ବାବା କପିଳେଶ୍ୱର କ୍ରିକେଟ କ୍ଲବ ଜଙ୍କିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମା ତାରା କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ଫିଲଡିଙ୍ଗ ନିଷ୍ପତି ନେଇ ବାବା କପିଳେଶ୍ୱର କ୍ରିକେଟ କ୍ଲବକୁ ବ୍ୟାଟିଂ ଦେଇଥିଲା । ବାବା କପିଳେଶ୍ୱର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ଦଶ ଓଭର ଦୁଇଟି ବଲ୍ ଖେଳି ୫୭ ରନ୍ କରିଥିବା ବେଳେ ଏହାର ଜବାବରେ ମା ତାରା କ୍ରିକେଟ କ୍ଲବ ୬ ଓଭର ୩ଟି ବଲ୍ ଖେଳି ୩ ଉଇକେଟ୍ ହରାଇ ୫୮ ରନ୍ କରି ଚଳିତ ବର୍ଷପାଇଁ ଚମ୍ପିଆନ୍ ହୋଇଥିଲା । ରବିନ୍ଦ୍ର ବେହେରା ବ୍ୟକ୍ତିଗତ ଭାବେ ୩୮ରନ୍ କରିବା ସହିତ ବିପକ୍ଷ ଦଳର ୪ଟି ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ୍ ମ୍ୟାଚ ବିବେଚିତ ହୋଇଥିବା ବେଳେ ଉକ୍ତ ଦଳର ଜ୍ଞାନରଞ୍ଜନ ବେହେରା ଟୁର୍ଣ୍ଣାମେଂଟରେ ୩୨ ରନ୍ ଦେଇ ୧୧ଟି ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ ସିରିଜ୍ ହୋଇଥିଲେ । ୮ ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିପିନ ସାମନ୍ତରାୟ, ରଜନୀ ପ୍ରଧାନ ଖେଳ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ସମାଜ ସେବୀ ଅକ୍ରୂର ସାହୁ, ସାଧୁଚରଣ ପ୍ରଧାନ, ବିଶ୍ୱ ଭୂଷଣ ସାମନ୍ତରାୟ, ଶୁଶାନ୍ତ ମହାରଥି, ମଳୟ ରଞ୍ଜନ ସ୍ୱାଇଁ ଅତିଥିବାଭେ ଯୋଗଦେଇ ଚମ୍ପିଆନ୍ ଦଳକୁ ଟ୍ରଫି ସହ ନଗଦ ୯ ହଜାରଟଙ୍କା ଓ ରନର୍ସ ଅପ୍ ଦଳକୁ ରନର୍ସ କପ୍ ସହିତ ୬ ହଜାର ଟଙ୍କା ଅର୍ଥ ପ୍ରଦାନ କରିଥିଲେ । ଦୀପକ ସାମନ୍ତରାୟ, ମୋହନ ପ୍ରଧାନ, ଭକ୍ତଚରଣ ସାହୁ, କୂଳମଣୀ ସାହୁ ଏବଂ କ୍ରିକେଟ୍ କ୍ଲବର କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ କରିଥିଲେ ।

କନ୍ଧମାଳ ପୁସ୍ତକ ଉତ୍ସବରେ ଓଡିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ

କନ୍ଧମାଳ:କନ୍ଧମାଳ ଜିଲାର ପୁରାତନ ଏବଂ ପ୍ରଥମ ପଞ୍ଜିକୃତ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ଚଳିତ ବର୍ଷ ଆୟୋଜିତ ପୁସ୍ତକ ଉତ୍ସବ ଏବଂ ସାଂସ୍କୃତିକ ମେଳାରେ ଓଡିଆ ଭାଷା ପ୍ରତିଷ୍ଠାନର ଏକ ଦିବସୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ପ୍ରଫେସର ତୀର୍ଥ ଯାନୀ ସଭାପତିତ୍ୱ କରିଥିବାବେଳେ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡାକ୍ତର ତମସା ଦାସମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଓଡିଆ ଭାଷାର ପ୍ରଚଳନ ଏବଂ ସରକାରୀ କାର୍ଯ୍ୟରେ ଏହାର ବ୍ୟବହାର ପ୍ରତି ଦେଇଥିବା ଗୁରୁତ୍ୱ ବିଷୟରେ ବକ୍ତବ୍ୟ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବରେ ଓଡିଆ ଭାଷାବିତ୍ ଡଃ. ବିଜୟଲକ୍ଷ୍ମୀ ମହାନ୍ତି ଯୋଗ ଦେଇ ଓଡିଆ ଭାଷାର ଉତ୍ପତି ଓ ଏହାର କ୍ରମ ବିକାଶ ବାବଦରେ ଉପସ୍ଥିତ ଶ୍ରୋତାମାନଙ୍କୁ ଅବଗତ କରାଇଥିଲେ । ଅନ୍ୟତମ ଆଲୋଚକ ଭାବରେ ଡଃ. ପୂର୍ଣ୍ଣେନ୍ଦୁ ତ୍ରିପାଠୀ, ଅଧ୍ୟାପକ ରାମକୃଷ୍ଣ ମହାନ୍ତି, ସୁଶ୍ରୀ ସୁସଙ୍ଗିତା ମହାନ୍ତି ଏବଂ କିରଣ କୁମାର ମାହାନ୍ତି ଓଡିଆ ଭାଷା ଓ ସଂସ୍କୃତିର କିଭଳି ଭାବରେ ପ୍ରଚାର ଏବଂ ପ୍ରସାର ହୋଇପାରିବ ଏହା ବାବଦରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡଃ. କାହ୍ନୁଚରଣ ଶତପଥି ପରିଚାଳନା କରିଥିଲେ । ଶେଷରେ ସଦସ୍ୟା ଗୀତାଞ୍ଜଳି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡିଶା ବଜାରରେ ପ୍ରବେଶ କଲା ‘ଆମ୍‌ଷ୍ଟ୍ରାଡ୍’ର ଏସି ଓ ଟିଭି

ଭୂବନେଶ୍ୱର(ପିଏନ)- ଓଡିଶା ବଜାରରେ “ଆମ୍‌ଷ୍ଟ୍ରାଡ୍” ବ୍ରାଣ୍ଡର ଏସି,ଟିଭି ଓ ୱାସିଂ ମେସିନ୍ ବିକ୍ରି ହେଉଛି । ୨୦୧୯ମସିହାରୁ ବ୍ୟବସାୟ କରୁଥିବା ଏହି କମ୍ପାନୀ ରାଜ୍ୟରେ ୨୦୦ରୁ ଅଧିକ ଡିଲରଙ୍କ ଜରିଆରେ ଏହାର ସାମଗ୍ରୀଗୁଡିକୁ ବିକ୍ରି କରୁଛି । ‘ଆମ୍‌ଷ୍ଟ୍ରାଡ୍’ ହେଉଛି ବ୍ରିଟେନ୍‌ରୁ ସୃଷ୍ଟି ହୋଇଥିବା ଏକ ବ୍ରାଣ୍ଡ୍ ଯାହାର ସାମଗ୍ରୀଗୁଡିକୁ ପୁନେର କମ୍ପାନୀ ‘ଓଭିଓଟି’ ପ୍ରାଇଭେଟ୍ ଲିମିଟେଡ୍ ବିକ୍ରି କରିବାର ଅଧିକାର ହାସଲ କରିଛି । ଆଜି ଭୂବନେଶ୍ୱରସ୍ଥ ହୋଟେଲ୍ ସ୍ୱସ୍ତି ପ୍ରେମିୟମ୍‌ଠାରେ କମ୍ପାନୀ ତରଫରୁ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ‘ଓଭିଓଟି’ର ଏମ୍‌ଡି ତଥା ସିଇଓ ନିପୁଲ୍ ସିଂଘଲ୍ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, କମ୍ପାନୀ କେବଳ ଷ୍ଟୋର୍ ଜରିଆରେ ଏହାର ଉତ୍ପାଦ ବିକ୍ରି କରିବ । ଅନ୍‌ଲାଇନ୍‌ରେ ସାମଗ୍ରୀ ବିକ୍ରି କରିବାର କୌଣସି ଯୋଜନା ଆମର ନାହିଁ । ଗ୍ରାହକମାନଙ୍କୁ ଆମେ ଗୁଣାତ୍ମକ ସେବା ଓ ଅତ୍ୟାଧୁନିକ ପ୍ରଯୁକ୍ତିକୁ ପ୍ରିମିୟମ୍ ଉତ୍ପାଦ ଆକାରରେ ସୁଲଭ ମୁଲ୍ୟରେ ପ୍ରଦାନ କରିବାକୁ ପ୍ରୟାସ ଜାରି ରଖିଛୁ । କମ୍ପାନୀ ଏବେ ଆଣ୍ଡ୍ରଏଡ୍ ଟିଭି, ୱିଣ୍ଡୋ ଓ ସ୍ପ୍ଲିଟ୍ ଏସି ଏବଂ ୩୬୦ଡିଗ୍ରୀ ୱାସିଂ ମେସିନ୍ ବିକ୍ରି କରୁଛି । ଏହାର ୱାସିଂ ମେସିନ୍‌ରେ ଷ୍ଟିମ୍ ଆଇରନ୍ ର ବ୍ୟବସ୍ଥା ରହିଛି । ଏବେ କମ୍ପାନୀ ଏହାର ଉତ୍ପାଦଗୁଡିକୁ ଥାଇଲ୍ୟାଣ୍ଡ୍‌ରୁ ଆଣି ଭାରତରେ ବିକ୍ରି କରୁଛି । ଚଳିତ ବର୍ଷ ପୁନେର ସୁପା ଶିଳ୍ପାଂଚଳରେ ଏହି କମ୍ପାନୀ ଏକ କାରଖାନା ସ୍ଥାପନ କରି ସାମଗ୍ରୀଗୁଡିକୁ ଉତ୍ପାଦନ କରିବ । ଉକ୍ତ କାରଖାନାରେ ୩୦୦କୋଟି ଟଙ୍କା କମ୍ପାନୀ ବିନିଯୋଗ କରିବାକୁ ଯୋଜନା ରଖିଛି । କେବଳ ଏତିକି ନୁହେଁ ଆହୁରି ମଧ୍ୟ ଆଗାମୀ ଦିନରେ ଏହି କମ୍ପାନୀ ଏୟାର କୁଲର୍ ଓ ରେଫ୍ରିଜରେଟର ବିକ୍ରି କରିବାକୁ ଯୋଜନା ରଖିଛି ବୋଲି ଶ୍ରୀ ସିଂଘଲ୍ କହିଛନ୍ତି । ଏହି ଅବସରରେ କମ୍ପାନୀର ଭିପି ନୀତିନ୍ ତ୍ରିହାନ, ଓଡିଶା ରାଜ୍ୟ ମୁଖ୍ୟ ଗୌତମ ନାୟକ ଓ ମ୍ୟାକ୍ସ ଇଂଟରନ୍ୟାସନାଲ୍ର ଆଦିତ୍ୟ ହଂସ ପ୍ରମୁଖ ଉପସ୍ଥିତ ଥିଲେ ।

ଚିଲିକା ଉତରନାସୀ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ବଢୁଛି ପକ୍ଷୀ ଶିକାର

କଣାସ:ଏସିଆ ମହାଦେଶର ବୃହତମ ଲୁଣି ହ୍ରଦ ଓ ପକ୍ଷୀ ଅଭୟାରଣ୍ୟ ଭାବେ ଖ୍ୟାତି ଅର୍ଜନ କରିଥିବା ଚିଲିକାରେ ସମ୍ପ୍ରତି ଅବାଧ ପକ୍ଷୀ ଶିକାର ବୃଦ୍ଧି ପାଇଛି । ପ୍ରତ୍ୟେକ ବର୍ଷ ଶୀତର ଆଗମନ ହେଲେ ଲକ୍ଷ ଲକ୍ଷ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳିଥାଏ । ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଉପସ୍ଥିତି ଚିଲିକାର ସୈନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ଏବେ ପକ୍ଷୀମାନଙ୍କ ପାଇଁ ବିପଦ ସାଜିଛି ଚିଲିକାର ଉତରନାସୀ । ଶିକାରୀମାନେ ରଖିଥିବା ବିଷରେ ଚିଲିକା ଉତରନାସୀରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପକ୍ଷୀ ମରୁଛନ୍ତି । ଅନେକ ଶିକରୀ ମୃତପକ୍ଷୀଙ୍କ ଶହ ଧରାପଡୁଥିବା ବେଳେ ଅନେକ ଶିକାରୀ ଅନାୟସରେ ପକ୍ଷୀ ଶିକାର କରି ଫେରିଯାଉଛନ୍ତି । ଚିଲିକାର ପକ୍ଷୀ ଅଭୟାଣ୍ୟଭାବେ ପରିଚିତ ନଳବଣରେ ଖାଦ୍ୟ ଅଭାବଯୋଗୁ ବିଦେଶୀପକ୍ଷୀମାନେ ଖାଦ୍ୟ ପାଇଁ ଚିଲିକା ଉତରନାସୀରେ ଭିଡ଼ ଜମାଇଥିବା ବେଳେ ଅନେକ ବିଦେଶୀପକ୍ଷୀ ଚିଲିକା ଉପକୂଳବର୍ତୀ ଗାଁ ଗହଳିର ଧାନ ଜମିରେ ପୋକ ଜୋକ ଖାଇବା ପାଇଁ ପଶିଆସିଥିବା ଦେଖିବାକୁ ମିଳୁଛି । ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ୧୯ଟି ସ୍କାଡ୍ ଗଠନ କରାଯାଇ ଯନ୍ତ୍ରଚାଳିତ ବୋଟ୍ ଯୋଗେ ସୁରକ୍ଷା କର୍ମୀମାନେ ଚିଲିକାରେ ପଇନ୍ତରା ମାରୁଥିବାବେଳେ ଭୁସୁଣ୍ଡପୁର ଠାରୁ ବ୍ରହ୍ମଗିରୀ ପର୍ଯ୍ୟନ୍ତ ବ୍ୟାପିଥିବା ଚିଲିକାର ଉତରନାସୀରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ । ଫଳରେ ଚିଲିକା ଉତରନାସୀରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଆସୁଥିବା ବେଳକୁ ଶିକାରୀମାନେ ତତ୍‌ପର ହୋଇ ଉଠିଛନ୍ତି । ଚିଲିକାର ଉତରନାସୀରେ ଚିଲିକା ସହିତ ମିଶିଛନ୍ତି ଦୟା ଓ ମକରା ନଦୀ । ଏହି ସଙ୍ଗମ ସ୍ଥଳରେ ଛୋଟ ଛୋଟ କୁଜି କଇଁ ନାଡ ଏବଂ କଳିକତି ଦଳ ଏବଂ ପୋକ ଜୋକ ଯଥେଷ୍ଟ ପରିମାଣର ଥିବାରୁ ହଜାର ହଜାର ପକ୍ଷୀ ନଳବଣ ଛାଡି ଖାଦ୍ୟପାଇଁ ଏଠାରେ ଭିଡ଼ ଜମାଇଛନ୍ତି । ଏହାର ସୁଯୋଗ ନେଇ ଦୁରଦୂରନ୍ତରୁ ଆସି ଅନେକ ଶିକାରୀ ଆଖପାଖ ଗ୍ରାମରେ ନିଜ ନିଜ ଯାନବାହନ ରଖି ଚିଲିକା ମଧ୍ୟକୁ ପ୍ରବେଶ କରି ଫାସ ବସାଇବା ଏବଂ କଇଁ ଫୁଲ କେଶରରେ ବିଷଯୁକ୍ତ ଔଷଧ ଦେଇ ପକ୍ଷୀମାନଙ୍କୁ କରାୟତ କରୁଥିବା ଅଭିଯୋଗ ହେଉଛି । ତୁରନ୍ତ ବନ୍ୟପ୍ରାଣୀ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷାପାଇଁ କଡ଼ା କଡ଼ି ବ୍ୟବସ୍ଥା କରିବାକୁ ପକ୍ଷୀ ପ୍ରେମୀମାନଙ୍କ ପକ୍ଷରୁ ଦାବି ହେଉଛି ।

ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେ କୌଣସି ଦେଶ ତୁଳନାରେ ସର୍ବାଧିକ ହୋଇଥିବ ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିବ ୨୯। ତା ଅର୍ଥ ଆଉ ଚାରି ବର୍ଷ ତଳେ ଭାରତର ଯୁବଶକ୍ତି ଏକ ବିଶାଳ ବାହିନୀରେ ପରିଣତ ହୋଇଯିବେ। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷା ଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

(ସୌଜନ୍ୟ: ଡାକ୍ତର ନୀଳମାଧବ ପୃଷ୍ଟି, ଭୀମସାର, ବୁର୍ଲା, ଦୂରଭାଷ : ୯୪୩୯୪୮୨୫୨୬)

ବିଜୁ ଶତବାର୍ଷିକୀ ପାଳନ ଅବସରେ ବିପିୟୁଟି ଡ଼ିପ୍ଲୋମା ଛାତ୍ର ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ବିଶାଳ ଛାତ୍ରସମାବେଶ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ବିପିୟୁଟି ଡ଼ିପ୍ଲୋମା ଛାତ୍ର ସଂଘ ପକ୍ଷରୁ ବିଜୁ ଶତବାର୍ଷିକୀ ପାଳନ ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଇଂ ପାର୍ଥସାରଥୀ ମୁଦୁଲିଙ୍କ ନେତୃତ୍ୱରେ ଏକ ବିଶାଳ ରାଜ୍ୟସ୍ତରୀୟ ଛାତ୍ର ସମାବେଶ ଓ ବିପିୟୁଟିର ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପଠାରେ ଆସନ୍ତା ୧୫ ମାର୍ଚ୍ଚ ୨୦୨୦, ଦିବା ୩ ଘଟିକା ସମୟରେ ଅନୁଷ୍ଠିତ ହେବ। ଏହି ଛାତ୍ର ସମାବେଶରେ ରାଜ୍ୟର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ସହ ବୈଷୟିକ ବିଶ୍ୱବିଦ୍ୟାଳୟର ୩୦୦୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗଦେବେ। ପ୍ରବାଦପୁରୁଷ ବିଜୁବାବୁଙ୍କ ଜନ୍ମଜୟନ୍ତୀ ଅବସରରେ ଏହି ଛାତ୍ରସମାବେଶରେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ଓ ବିଧାୟକ ତଥା ଯୁବ ଓ ଛାତ୍ରନେତାମାନେ ଯୋଗଦାନ କରିବେ। ଏହି ପରିପ୍ରେକ୍ଷୀରେ ରାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଜୁବାବୁଙ୍କ ଜୀବନୀ ଉପରେ ବକ୍ତୃତା, ଫଟୋଚିତ୍ରଗୁଡ଼ିକ ପ୍ରଦର୍ଶନ କରାଯିବା ସହ ବିପିୟୁଟି ବାର୍ଷିକ ଉତ୍ସବ 'ଆଲିଗ୍ରେଟୋ-୨୦୨୦' ଅବସରରେ ବଲିଉଡ୍ ଓ ଓଲିଉଡ୍‌ର ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଣୁ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବା ପାଇଁ ବିନମ୍ର ଅନୁରୋଧ କରାଯାଇଛି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ରକ୍ତହୀନତା ରୋଗର ଭୟାବହତା

ଭୁବନେଶ୍ୱର (ଓଏନ୍ଏସ୍): ଓଡ଼ିଶାର ସବୁଠୁ ଅନଗ୍ରସର ଓ ଗରିବ ଜିଲ୍ଲା ଭାବେ ନବରଙ୍ଗପୁରର ଯେଉଁ କଳଙ୍କ ରହିଛି, ସେହି କଳଙ୍କର କାଳିମା ଦିନକୁ ଦିନ ଗାଢ ହେବାରେ ଲାଗିଛି ସିନା କମିବାକୁ ନାଁ ଧରୁନି। ଏହାଛଡ଼ା ଏହି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିହୀନତା, ରକ୍ତ ଶିକୁଳି ରୋଗ ଓ ମ୍ୟାଲେରିଆର ବ୍ୟାପକତା ଯୋଗୁ ରକ୍ତହୀନତା ଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢୁଛି। ବିଶେଷତଃ ପ୍ରସବ ବେଳେ ଏହି ସମସ୍ୟା ଅତି ଜଟିଳ ଅବସ୍ଥା ସୃଷ୍ଟି କରୁଛି। ଏହି ଜିଲ୍ଲାରେ ଅଧିକାଂଶ ମାତୃ ମୃତ୍ୟୁ ଅନ୍ତରାଳରେ ରକ୍ତ ହୀନତା ହିଁ ଏକମାତ୍ର କାରଣ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ଚିକିତ୍ସା ବିଜ୍ଞାନର ନିୟମ ଅନୁସାରେ ରକ୍ତରେ ହେମୋଗ୍ଲୋବିନ୍‌ର ପରିମାଣ ଶତକଡ଼ା ୧୧ରୁ କମ୍ ରହିଲେ, ରୋଗୀଟି ରକ୍ତହୀନତାର ଶିକାର ବୋଲି ଚିକିତ୍ସା ବିଜ୍ଞାନ କହିଥାଏ। ବାସ୍ତବପକ୍ଷେ ଏହି ଜିଲ୍ଲାରେ ୯୫ ଶତକଡ଼ା ଲୋକଙ୍କର ହେମୋଗ୍ଲୋବିନ୍ ର ପରିମାଣ ୧୧% ରୁ ବହୁ ତଳେ ରହଉଛି। ଅନେକ ଗର୍ଭବତୀ ମା'ପ୍ରସବ ପାଇଁ ଆସିବାବେଳେ ସେମାନଙ୍କର ହେମୋଗ୍ଲୋବିନ୍‌ର ପରିମାଣ ୪ରୁ ୭ ଶତକଡ଼ା ମଧ୍ୟରେ ରହୁଛି। ପ୍ରସବ ପରେ କିଛି ମାତ୍ରାରେ ରକ୍ତ କ୍ଷୟ ହେଲେ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଏ ଓ ବେଳେବେଳେ ମୃତ୍ୟୁମୁଖରେ ପଡ଼େ। ସାରା ଜିଲ୍ଲା ପାଇଁ ଏକମାତ୍ର ରକ୍ତ ଭଣ୍ଡାରଟି ନବରଙ୍ଗପୁର ସ୍ଥିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ ଠାରେ ରହିଛି। ସେଠାରୁ ଜିଲ୍ଲାର ସୀମାନ୍ତ ହାଟଭରଣ୍ଡି ଓ ଚନ୍ଦାହାଣ୍ଡିର ଦୂରତା ୧୨୦ କି.ମି.ରୁ ଅଧିକ। ଜିଲ୍ଲାର ଅନ୍ୟ ଏକ ଅଗ୍ରଣୀ ଚିକିତ୍ସାଳୟ ଉମରକୋଟ ଠାରୁ ଏହା ୬୫କି.ମି. ଦୂରବର୍ତ୍ତୀ। ରକ୍ତ ଦରକାର ପଡୁଥିବା ଆଦିବାସୀ ରୋଗୀଙ୍କୁ ରାତି ଅଧରେ ରକ୍ତ ଆଣିବା ଚିଠାଟି ଧରାଇ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। ଅଧ ରାତିରେ ରୋଗୀର ଆତ୍ମୀୟ କିଭଳି ଏତେ ଦୂର ଯାଇ ରକ୍ତ ଆଣିବ, ଏହି ପ୍ରଶ୍ନର ଉତ୍ତର କୋଟିକୋଟି ଟଙ୍କା ପାଣି ପରି ଉଡ଼ାଉଥିବା ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ ପାଖରେ ହୁଏତ ନାହିଁ। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ବ୍ୟାପକ ଭାବେ ବଢ଼ିଚାଲିଛି। କୋଟିକୋଟି ଟଙ୍କା ବ୍ୟୟରେ ଚିକିତ୍ସାଳୟରେ ରଙ୍ଗ ଦେଇ, ଚଟାଣରେ ମାର୍ବଲ୍ ଟାଇଲ୍ ଲଗାଇ, ବିଭିନ୍ନ ହୋଡ଼ିଙ୍ଗ୍ ଟାଙ୍ଗି ଓ ଗଣମାଧ୍ୟମରେ ରଙ୍ଗୀନ୍ ବିଜ୍ଞାପନ ଦେଇ ଓ ବର୍ଷକୁ କେବଳ ଫୁଲ ସଜାଇବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ହେଉଥିବା ଦାବି କରୁଛି ସ୍ୱାସ୍ଥ୍ୟ ମିସନ୍। ସ୍ୱାସ୍ଥ୍ୟ ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ଭୁବନେଶ୍ୱରରୁ ନିର୍ଦ୍ଦେଶ ନଆସିଲେ, ଏହି ଯୋଜନାର ଘାସ ବି ହଲିବ ନାହିଁ। ଗର୍ଭବତୀ ମା'ର ଦାୟିତ୍ୱ ଅନଭିଜ୍ଞ ଆଶା ଉପରେ ଛାଡ଼ିଦେଇ ସମସ୍ତେ ନିଶ୍ଚିତ ରହିଛନ୍ତି। ବାହାରୁ ଔଷଧ ନକିଣିବାକୁ ସମସ୍ତଙ୍କୁ ତାଗିଦ୍ କରାଯାଉଛି। ରକ୍ତହୀନତା ରୋଗର ପ୍ରତିଷେଧକ ପାଇଁ ଯେଉଁ ଫଲିଫର୍ ଟାବ୍‌ଲେଟ୍ ବଣ୍ଟାଯାଉଛି, ସେଗୁଡ଼ିକ ରୋଗୀଙ୍କ ଦ୍ୱାରା ଆଦୌ ଆଦୃତ ହେଉନାହିଁ। ପ୍ୟାକିଂ ତ୍ରୁଟି ଯୋଗୁ ଖୋଲିବା ପରେ ସେସବୁ ଭାଙ୍ଗି ଯାଉଛି। ଅନେକ ରୋଗୀ ତାହାକୁ ଖାଉ ନାହାଁନ୍ତି। ଖାଇଲେ ମଧ୍ୟ ସେମାନଙ୍କର ହେମୋଗ୍ଲୋବିନ୍ ପରିମାଣ ଏତେ କମ୍ ରହୁଛି ଯେ ପ୍ରସବ ପୂର୍ବରୁ ଅବସ୍ଥା ସ୍ୱାଭାବିକ୍ ହେବା ସମ୍ଭବ ହେଉନି। ବେଳେବେଳେ ସମୟସୀମା ପାର ହୋଇଥିବା ଔଷଧ ବଣ୍ଟାଯାଇ ଅବସ୍ଥାକୁ ଆହୁରି ଅସମ୍ଭାଳ କରାଯାଉଛି। ଯେକୌଣସି ଯୋଜନାର ସଫଳ ରୂପାୟନ ପାଇଁ ପ୍ରତି ସମସ୍ୟାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ପଡ଼ିଥାଏ। ଗୁରୁତର ରକ୍ତହୀନତା ରୋଗୀ ଗୋଟିଏ ଗୋଟିଏ ସମସ୍ୟା। ତାଙ୍କୁ ବାଟକୁ ଆଣିବାକୁ ହେଲେ, ସ୍ୱତନ୍ତ୍ର ଭାବେ ସମାଧାନର ବାଟ ଖୋଜିବାକୁ ହେବ। ଭୁବନେଶ୍ୱରରୁ ଆସୁଥିବା ନିର୍ଦ୍ଦେଶନାମା ଏଠାରେ ଚଳିବ ନାହିଁ। ୩ମାସ ଫଲିଫର୍ ଖାଇଦେଲେ ଯେ ରକ୍ତହୀନତା ଦୂର ହୋଇଯିବ, ତାହା କହି ହେବ ନାହିଁ। ଏହାର ଭୟାବହତା ଦୂର ପାଇଁ ଏହି ଜିଲ୍ଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଅନ୍ୟଥା ଏହି ରୋଗ କ୍ରମେ ଦାବାନଳ ଭଳି ବ୍ୟାପୀ ଆଉରି ଅଧିକ ଜୀବନ ହାନି ଘଟାଇବ। ଏହି ଜିଲ୍ଲାରେ ୫ରୁ ୧୦ ଶତକଡ଼ା ରୋଗୀ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହେବା ଦେଖାଯାଏ। ଏମାନଙ୍କର ରକ୍ତ ବୃଦ୍ଧି ପାଇଁ ଆଇରନ୍ ବଟିକା ଆଦୌ ସହାୟକ ନୁହେଁ। ପ୍ରସବ ପୂର୍ବରୁ ବାରମ୍ବାର ରକ୍ତ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଏହାର ବ୍ୟାପକତା ହିଁ ରକ୍ତ ହୀନତା ରୋଗର ଅନ୍ୟତମ କାରଣ। ଏହି ସମସ୍ୟା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏଯାଏ କୌଣସି ବିହିତ ପଦକ୍ଷେପ ନିଆ ଯାଉନାହିଁ। ସ୍ୱାସ୍ଥ୍ୟ ମିସନ୍ ପୃଥିବୀରେ ପ୍ରାୟତଃ ସବୁଠୁ ଖର୍ଚ୍ଚ ବହୁଳ ଯୋଜନା। ଏହି ଯୋଜନାରେ ଟଙ୍କାର ଅଭାବ ନାହିଁ। ଅର୍ଥର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଗୋଟିଏ ମା' ଯଦି କରିବ, ତା'ହେଲେ ଇତିହାସ କେବେ ଆମକୁ କ୍ଷମା ଦେବ ନାହିଁ। କେବଳ ତଥାକଥିତ ଇଟିଙ୍ଗ୍, ସିଟିଙ୍ଗ୍, ମିଟିଂ, କାନ୍‌ଭାସିଂ ଓ ହୁଡ଼ିଙ୍ଗ୍‌ରେ ପ୍ରଚୁର ଅର୍ଥ ବ୍ୟୟ କରାନଯାଇ ସମସ୍ୟାର ମୂଳରେ ପହଞ୍ଚି ସମାଧାନ କରାଗଲେ ହିଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ।

(ସୌଜନ୍ୟ: ଡାକ୍ତର ସୁରେନ୍ଦ୍ର ନାଥ ଦାଶ)

'ମୋ ସରକାର'ରେ ସାମିଲ ହେଲା ଜଳସଂପଦ ବିଭାଗ

ଭୁବନେଶ୍ୱର (ପିଏନ୍): ଓଡିଶା ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧିନରେ ଆରମ୍ଭ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ 'ମୋ ସରକାର'ରେ ରାଜ୍ୟ ଜଳ ସଂପଦ ବିଭାଗ ସାମିଲ ହୋଇଛି। ଏହି ବିଭାଗକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଲୋକସେବା ଭବନରୁ ଶୁଭାରମ୍ଭ କରି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଜିଲ୍ଲାସ୍ତରରେ ଥିବା ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ମୋ ସରକାରରେ ଅନ୍ତର୍ଭୁକ୍ତ ହୋଇଥିବା ଆଉ ୪ଟି ବିଭାଗ ସହିତ ଜଳ ସଂପଦ ବିଭାଗକୁ ସାମିଲ କରିବା ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ, ଏକ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ଜୀବନୀ ଶକ୍ତି ହେଉଛନ୍ତି ଜନସାଧାରଣ। ସରକାର ହେଉଛନ୍ତି ଜନସାଧାରଣଙ୍କର ଆଶା ଓ ଆକାଂକ୍ଷାର ପ୍ରତିଫଳନ, ଯାହା ଲୋକଙ୍କର ଆଶାକୁ ପୂରଣ କରିବା ଦିଗରେ ଗଠିତ। ଏଣୁ ସରକାରୀ କର୍ମଚାରୀମାନେ ନିଶ୍ଚିତ ଭାବେ ଜନସାଧାରଣଙ୍କ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା, ସେମାନଙ୍କର ଇଚ୍ଛାକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ଆବଶ୍ୟକ ସେବା ଯୋଗାଇଦେବା ପ୍ରମୁଖ କର୍ତବ୍ୟ। ଜନସାଧାରଣଙ୍କ ସେବା ଏକ ସ୍ଲୋଗାନ ନୁହେଁ, ବରଂ ଏହା ଏକ ସଂସ୍କୃତି ହେବା ବିଧେୟ, ଯେଉଁ ବିଷୟରେ ପ୍ରତ୍ୟେକ ସରକାରୀ କର୍ମଚାରୀ ଜାଣିବା ଏବଂ ସେବା ପ୍ରଦାନ ସମୟରେ ଏହାକୁ ବଜାୟ ରଖିବା ଉଚିତ୍। ଜଳସେଚନ ପ୍ରକଳ୍ପ ଅଂଚଳରେ ବସବାସ କରୁଥିବା ତଥା, ପ୍ରକଳ୍ପ ଦ୍ୱାରା ଜମି ହରାଇଥିବା ବ୍ୟକ୍ତି, ପ୍ରକଳ୍ପ ନିର୍ମାଣରେ ନିୟୋଜିତ ଠିକାଦାର, ଜଳସେଚନ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକ ସଭିଁଏ ଜଳସଂପଦ ବିଭାଗରୁ ଆବଶ୍ୟକ ସେବା ଲୋଡିଥାନ୍ତି। ସେମାନଙ୍କର ଆବଶ୍ୟକତା, ଆଶା ଓ ଆକାଂକ୍ଷାକୁ ସନ୍ତୋଷଜନକ ଭାବରେ ସମାଧାନ କରିବା ହେଉଛି ଆମର ପ୍ରଧାନ କର୍ତବ୍ୟ। ଜଳ ସେଚନ ବିଭାଗ 'ମୋ ସରକାର'ର ଲକ୍ଷ୍ୟ ହାସଲ ନିମନ୍ତେ ଉପଖଣ୍ଡ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ 'ମୋ ସରକାର ସୁବିଧା କେନ୍ଦ୍ର'ଗୁଡିକ ଖୋଲିଛନ୍ତି। ଏହି ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି କି, ଯେ କେହି ବି ଆମର ସହାୟତା ଓ ସହଯୋଗ ପାଇଁ ଜଳସଂପଦ ବିଭାଗୀୟ କାର୍ଯ୍ୟାଳୟକୁ ଯାଉଛନ୍ତି, ସେମାନଙ୍କୁ ମର୍ଯ୍ୟାଦାଜନକ ତଥା ସମ୍ମାନଜନକ ଭାବେ ସହାୟତା ପ୍ରଦାନ କରିବା ଉଚିତ୍। ଆମେ ଜନସାଧାରଣଙ୍କୁ ସମ୍ମାନ ତଥା ମର୍ଯ୍ୟାଦା ପ୍ରଦାନ କରିବା ଦ୍ୱାରା ସେମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିବା ଏବଂ ଏହା ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ସହ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ଦିଗରେ ସହାୟକ ହେବ। ଏହି ବିଭାଗର ଆଭିମୁଖ୍ୟ ହେଉଛି, ଜଳସେଚନ ବିଭାଗୀୟ ଯେକୌଣସି କାରଣ ନେଇ ଏଠାକୁ ଆସୁଥିବା ନାଗରିକମାନେ କାର୍ଯ୍ୟାଳୟ ପରିଦର୍ଶନ ପରେ ଯେପରି ମନରେ ସନ୍ତୋଷ ଅନୁଭବ କରିବେ ଯେ, ସେମାନଙ୍କର ଏଠାକୁ ଆସିବା ଫଳପ୍ରଦ ହୋଇଛି। ସେମାନଙ୍କୁ ବିଭାଗ ପକ୍ଷରୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ପ୍ରଦର୍ଶନ କରାଯାଇଛି ଏବଂ ତାଙ୍କ ମନରେ ସମଗ୍ର ସରକାରୀ କଳ ପ୍ରତି ଏକ ସକାରାତ୍ମକ ଧାରଣା ସୃଷ୍ଟି ହେବ ଯେ, ସରକାର ଲୋକଙ୍କ ହିତ ପାଇଁ କାର୍ଯ୍ୟ କରୁଛି। ଏହି ବିଭାଗ ମୋ ସରକାର ସାମିଲ ହେବା ପରିପ୍ରେକ୍ଷୀରେ ବିଭାଗର ଉପଖଣ୍ଡଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବର୍ତମାନ ପ୍ରାୟ ୫୩୦ଟି 'ମୋ ସରକାର କକ୍ଷ' ଖୋଲାଯାଇଛି ଏବଂ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପରବର୍ତୀ ସମୟରେ କ୍ଷେତ୍ରସ୍ତରରେ ଅଧିକ କକ୍ଷ ଖୋଲାଯିବ ବୋଲି ବିଭାଗ ତରଫରୁ ଜଣାଯାଇଛି। ବିଭାଗ ମୋ ସରକାରରେ ସାମିଲ ହେବାପରେ ରାଜ୍ୟ ଜଳସଂପଦ ଏବଂ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଛନ୍ତି ଯେ, ଜଳସଂପଦ ବିଭାଗ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଲ୍ୟବୋଧରେ ଦୃଢ ବିଶ୍ୱାସ ରଖେ ଏବଂ ବିଭିନ୍ନ ସେବା ଉଦ୍ଦେଶ୍ୟରେ ଆସୁଥିବା ଲୋକମାନଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ କରି ସରକାରଙ୍କ ଆସ୍ଥାଭାଜନ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରକାଶ ଥାଉକି ଜାତୀୟ ଦୃଷ୍ଟିକୋଣରୁ ଆମ ରାଜ୍ୟରେ ଜଳ ସଂପଦ ସାମଗ୍ରିକ ଏବଂ ଆପେକ୍ଷିକ ଭାବେ ଅନୁକୂଳ ରହିଛି। ଏହି ସମ୍ବଳକୁ ନିରନ୍ତର ଆହରଣ କରି ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରିବା ରାଜ୍ୟ ସରକାରଙ୍କର ପ୍ରମୁଖ ଉଦ୍ଦେଶ୍ୟ। ଅନିୟମିତ ବୃଷ୍ଟିପାତ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅପ୍ରତ୍ୟାଶିତ ଜଳବାୟୁ ଚିନ୍ତାର କାରଣ ହୋଇଛି। ଜଳବାୟୁ ପରିବର୍ତନ ଯୋଗୁଁ ଦେଖାଦେଉଥିବା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ସୃଷ୍ଟି କରାଯାଇଥିବା ଭିତିଭୂମିଗୁଡିକରେ ଜଳ ଉପଯୋଗ କ୍ଷମତା ବୃଦ୍ଧି କରି ଜଳ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଜଳସେଚନର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭାଗ ତରଫରୁ ଅନେକଗୁଡିଏ ଅଭିନବ ଯୋଜନା ହାତକୁ ନିଆଯାଇଛି। ଭୂ-ଅଧିଗ୍ରହଣ ଓ ପୁନର୍ବସତି ଏବଂ ପୁନଃ ଥଇଥାନରେ ପ୍ରତିବନ୍ଧକ ରହୁଥିବା ଦୃଷ୍ଟେ ସରକାର ବିଭିନ୍ନ ନଦୀର ତଟ ମାନଙ୍କରେ ଜଳ ଭଣ୍ଡାର ସୃଷ୍ଟି କରିବାର ଯୋଜନା କରିଛନ୍ତି। ଯେତେବେଳେ ଆମ ଜନସଂଖ୍ୟାର ସର୍ବାଧିକ ଲୋକ କୃଷିକୁ ଆପଣେଇଛି, ସରକାରର ପ୍ରଧାନ କର୍ତବ୍ୟ ହେଲା, କୃଷକଙ୍କର ସ୍ୱାର୍ଥରକ୍ଷା ଓ ହିତ ସାଧନ ପ୍ରତି ଦୃଷ୍ଟି ଦେବା। ଗଭୀର କୂପ ଏବଂ ମେଗା ଉଠାଜଳସେଚନ ପ୍ରକଳ୍ପ କୃଷକମାନଙ୍କ ମଧରେ ବେଶ୍ ଆଦୃତିଲାଭ କରିଛି। ନିର୍ଦ୍ଧାରିତ ସମୟସୀମା ମଧରେ ନିର୍ମାଣାଧୀନ ବୃହତ୍ ଏବଂ ମଧମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ଜଳ ସଂପଦ ବିଭାଗ ଲୋୟର ଇନ୍ଦ୍ରା ଜଳସେଚନ ଅଂଚଳରେ ଖୋଲା କେନାଲ ବ୍ୟବସ୍ଥା ବଦଳରେ ଏକ ନୂତନ ବୈଷୟିକ ପଦ୍ଧତି 'ଭୂତଳ ପାଇପ୍ ଲାଇନ୍' ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ଆନନ୍ଦପୁର ବ୍ୟାରେଜ୍, ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଏବଂ ଅନ୍ୟାନ୍ୟ ସମ୍ଭବପର ହେଉଥିବା ଜଳସେଚନ ପ୍ରକଳ୍ପରେ ଏହି କୌଶଳକୁ ପରିବର୍ଦ୍ଧିତ କରିବା ପାଇଁ ବିଭାଗ ମଧ ଯୋଜନା ରଖିଛି।

ପରିବେଶ ଓ ଗଣତନ୍ତ୍ର ଉପରେ ଏକ ସୁଦୃଶ୍ୟ ସ୍ମରଣିକା ପ୍ରକାଶ ପାଇବ

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜକ ବାବା ବଳିଆଙ୍କ ପକ୍ଷରୁ ମଇ ୩, ୪ ଓ ୫ ତାରିଖରେ ହେବାକୁ ଥିବା ଜାତୀୟସ୍ତରୀୟ ପରିବେଶ ଓ ଗଣତନ୍ତ୍ର ଜ୍ଞାନଯଜ୍ଞ ସମାବେଶ ଉପଲକ୍ଷେ ଏକ ସୁଦୃଶ୍ୟ ରଙ୍ଗୀନ ସ୍ମରଣିକା ପ୍ରକାଶ ପାଇବ ବୋଲି ଗତକାଲି ସ୍ମରଣିକା କମିଟିର ଏକ ବୈଠକ ସ୍ମରଣିକାର ମୁଖ୍ୟ ସମ୍ପାଦକ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ସମ୍ବାଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କାର୍ଯ୍ୟକ୍ରମର ସଂଯୋଜକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଡଃ ବଦ୍ରିନାଥ ପଟ୍ଟନାୟକ, 'ଅନନ୍ତ ପ୍ରଭା'ର ସମ୍ପାଦକ ମନୋଜ ଦାସ, ପୂର୍ବତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ, ପ୍ରଯୋଜକ ହର ବାରିକ, ପ୍ରମୋଦ ମହାପାତ୍ର, ପ୍ରକାଶ ଦାସ, ପୁରାଣ ପତ୍ରିକାର ସମ୍ପାଦକ ତ୍ରିନାଥ ପଟ୍ଟନାୟକ, ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ପ୍ରଦୀପ କୁମାର ଦାସମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସ୍ପିଡ୍ ପୋଷ୍ଟର କଚ୍ଛପ ଗତି

ବାଲେଶ୍ୱର (ଓ.ଏନ୍.ଏସ୍) : ଚିଠିପତ୍ରକୁ ଶୀଘ୍ର ଲୋକଙ୍କ ପାଖରେ ପହଂଚାଇବା ପାଇଁ ଭାରତୀୟ ଡାକ ବିଭାଗ 'ସ୍ପିଡ ପୋଷ୍ଟ' ପ୍ରଚଳନ କରିଥିଲେ। ଏହି ଚିଠିପତ୍ର ମାତ୍ର ୨୪ଘଂଟା ମଧ୍ୟରେ ପ୍ରାପକ ନିକଟରେ ପହଂଚିବା କଥା। କିନ୍ତୁ ନିକଟରେ ଦେଖିବାକୁ ମିଳିଛି ଯେ, ଏକ ସ୍ପିଡ୍ ପୋଷ୍ଟ ଚିଠି ପ୍ରାପକ ନିକଟରେ ପହଂଚିବାକୁ ୧୨ଦିନ ସମୟ ଲାଗିଛି। ସୋର ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମର ଦାଶିନାଥ ଜେନାଙ୍କ ପୁଅ ଜ୍ୟୋତିସ୍ମାନ ଜେନାଙ୍କର କାମ ଅପରେସନ ସମ୍ପର୍କରେ ଏକ ଚିଠି ଦାଶିନାଥ ଜେନାଙ୍କ ନିକଟକୁ ମୁମ୍ବାଇର 'ଅଲୀ ଯାବର ଜଂଗ ରାଷ୍ଟ୍ରୀୟ ବାକ୍ ଏବଂ ଶ୍ରବଣ ଦିବ୍ୟାଙ୍ଗଜନ' ଠାରୁ ୨୩ ନଭେମ୍ବର ୨୦୧୯ରେ ସ୍ପିଡପୋଷ୍ଟରେ ଆସିଥିବା ବେଳେ ଏହି ଚିଠିଟିକୁ କୁଢ଼େଇ-ନଦିଗାଁ ପୋଷ୍ଟ ଅଫିସ୍ ତା.୦୫.୧୨.୨୦୧୯ରିଖରେ (୧୨ ଦିନ ପରେ) ଡେଲିଭେରି ଦେଇଥିଲେ। ଇତି ମଧ୍ୟରେ ଡାକ୍ତରଙ୍କ ଫୋନ ପାଇ ୪ ତାରିଖରେ ଭୁବନେଶ୍ୱର ଏମ୍‌ସରେ ଜ୍ୟୋତିସ୍ମାନର କାନ ଅପରେସନ ସରିଯାଇଥିବା ଜାଣିବାକୁ ମିଳିଛି। ଭାରତୀୟ ଡାକ ବିଭାଗ କେତେ ତତ୍ପର/ଦାୟିତ୍ୱବାନ ତାହାର ଏହା ଏକ ଜ୍ୱଳନ୍ତ ଉଦାହରଣ।

ଟ୍ରାଫିକ ନିୟମ ଉଲ୍ଲଙ୍ଘନ ନାମରେ ଜନସାଧାରଣଙ୍କ ପ୍ରତି ଅତ୍ୟାଚାର କରାଯାଉଛି

ଭୁବନେଶ୍ୱର (ପିଏନ୍)- ଟ୍ରାଫିକ ନିୟମ ଉଲ୍ଲଙ୍ଘନ ନାମରେ ସାଧାରଣ ଜନତାଙ୍କ ପ୍ରତି ଅତ୍ୟାଚାର କରାଯାଉଛି ବୋଲି ଜଟଣୀ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ଶ୍ରୀ ରାଉତରାୟ କହିଛନ୍ତି ଯେ ପୋଲିସ ଓ ଆର.ଟି.ଓ. ଗାଡି ଚାଳକଙ୍କୁ ଯେଉଁ ବ୍ୟବହାର କରୁଛନ୍ତି ତାହା ହିଟ୍‌ଲରି ଶାସନ ଓ ଇଦ୍ ଅମିନ୍ ଶାସନକୁ ବଳି ଯାଇଛି। ଗାଡି ଚାଳକଙ୍କ ଉପରେ ଯେଉଁ ଜରିମାନା ଲାଗୁ କରାଯାଉଛି, ତାହା ଗାଡିର କ୍ରୟ ମୂଲ୍ୟ ଠାରୁ ଅଧିକ। ରୋଗୀ, ଛାତ୍ର, ପରୀକ୍ଷାର୍ଥୀ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯାଉଥିବା ଗାଡିକୁ ଅଟକା ଯାଇ ଗାଳିଗୁଲଜ କରିବା ସହ ଥାନାକୁ ଜବରଦସ୍ତ ଗାଡି ନିଆଯାଉଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସ୍ପୃହଣୀୟ ନୁହେଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଜନତାଙ୍କ ଠାରୁ ଯେଉଁଭଳି ଭାବରେ ଜରିମାନା ଆଦାୟ କରୁଛନ୍ତି, ଏହା ଏକ ଜନବିରୋଧୀ ନିଷ୍ପତି ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଲୋକ ଭୋଟ ଦେଇ ବିଜେଡି ଓ ବିଜେପିକୁ ସରକାରରେ ବସାଇଛନ୍ତି। ମାତ୍ର ସରକାରରେ ବସିଲା ପରେ ଲୋକମାନଙ୍କ ପ୍ରତି ଉଭୟ ବିଜେଡି ଓ ବିଜେପି ସରକାର ଯେଉଁ ଅମାନୁଷିକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, ତାହା ଜନସାଧାରଣଙ୍କୁ ଅତିଷ୍ଠ କଲାଣି। ଲୋକମାନଙ୍କ କ୍ରୋଧ ପୁଂଜିଭୂତ ହେଉଛି। ଯଦି ସାଧାରଣ ଜନତାର ଭୁଲ୍ ଥାଏ, ତା'ହେଲେ ଜରିମାନା ଆଦାୟର ତରିକା ଏପରି ନୁହେଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କର ଆଚରଣ ଓ ଉଚ୍ଚାରଣରେ ପରିବର୍ତନ ନକରିନ୍ତି ଏବଂ ପୋଲିସ ଓ ଆର.ଟି.ଓ. ତାଙ୍କର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଯଦି ସଂଶୋଧନ ନକରନ୍ତି ତେବେ ଆର.ଟି.ଓ. ଅଫିସ୍ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି। ଆର.ଟି.ଓ. କାର୍ଯ୍ୟାଳୟରେ କର୍ମଚାରୀ ନାହାନ୍ତି, ସବୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇଥିବାରୁ କେଉଁ ରାସ୍ତାଟା ଠିକ୍ ଓ କେଉଁ ରାସ୍ତା ଭୁଲ୍, ତାହା ନିର୍ଣ୍ଣୟ କରିବା କଷ୍ଟକର, ପାର୍କିଂ ବ୍ୟବସ୍ଥା ନାହିଁ, ଜନସାଧାରଣଙ୍କୁ ଠିକ୍ ଭାବେ ସଚେତନ କରାଯାଇନାହିଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଟଂଟି ଟିପି ରାଜସ୍ୱ ଆଦାୟର ଯେଉଁ ନୀତି ଅବଲମ୍ବନ କରାଯାଇଛି ତାହା ଅତ୍ୟନ୍ତ ଦୁଃଖଦାୟକ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ହିଟ୍‌ଲରୀ ଶାସନକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ରାଉତରାୟ କହିଛନ୍ତି।

ମୋ ସହର

ବିଜୁବାବୁଙ୍କ ଜୀବନ କାହାଣୀ ଆଧାରିତ ପୁସ୍ତକ ଆଡ଼ଭେନ୍‌ଚର୍ସ ଅଫ ଦି ଡେଆର ଡେଭିଲ୍ ଡେମୋକ୍ରାଟର ଲୋକାର୍ପଣ ଆସନ୍ତା ୬ରେ

ଭୁବନେଶ୍ୱର : ବିଜୁବାବୁଙ୍କ ଦୁଃସାହିତ ଜୀବନ କାହାଣୀ ଉପରେ ଆଧାରିତ ଏକ ନୂଆ ପୁସ୍ତକ ଆଡ଼ଭେନ୍‌ଚର୍ସ ଅଫ୍ ଦି ଡେଆରଡେଭିଲ୍ ଡେମୋକ୍ରାଟ ଆସନ୍ତା ୬ତାରିଖ ସକାଳ ୧୧ ଘଟିକା ସମୟରେ ସ୍ଥାନୀୟ ଏକ ହୋଟେଲର ଚାଣକ୍ୟ ହଲରେ ଲୋକାର୍ପିତ ହେବ। ବିଜୁବାବୁଙ୍କ ୧୦୪ତମ ଜନ୍ମତିଥି ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପୁସ୍ତକ ଲୋକାର୍ପିତ ହେବ। ସମ୍ମାନୀୟ ଅତିଥି ଭାବରେ କଂଗ୍ରେସ ଦଳର ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦାନ କରିବେ। ଏହି ପୁସ୍ତକ ଯୁବ ଓ ଛାତ୍ରମାନଙ୍କୁ ବିଜୁବାବୁଙ୍କର ଅନନ୍ୟ ବ୍ୟକ୍ତିତ୍ୱ ସମ୍ପର୍କରେ ପ୍ରେରଣା ଦେବ ବୋଲି କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ଭବାନୀ ଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀର ଏକ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା କ୍ରିଏଟିଭ ଓ୍ୱେରହାଉସ୍ ଦ୍ୱାରା ପ୍ରକାଶିତ ଶ୍ରୀ ପ୍ରଭାଶଙ୍କରଙ୍କ ଦ୍ୱାରା ପ୍ରସ୍ତୁତି ଏହି ପୁସ୍ତକରେ ପିଲାମାନଙ୍କୁ ଅନୁପ୍ରାଣୀତ କରିବା ପାଇଁ ଚିତ୍ରକଥା ଶୈଳୀରେ ବିଜୁବାବୁଙ୍କ ଦୁଃସାହସୀ ଅଭିଯାନର କାହାଣୀମାନ ରହିଛି।ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ବିଜୁବାବୁଙ୍କ ବର୍ମା ଅଭିଯାନ ଓ ରୁଷର ଷ୍ଟାଲିନାର୍ଡରେ ନାଜି ସେନାଙ୍କ ଦ୍ୱାରା ଘେରାବନ୍ଦୀ ହୋଇଥିବା ଲାଲ୍ବାହିନୀକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ନେଇ ନିଶ୍ଚିତ ପରାଜୟରୁ ରକ୍ଷା କରିବା ପାଇଁ ତାଙ୍କର ଦୁଃସାହସିକ ବିମାନ ଅଭିଯାନ ବିଶ୍ୱ ଇତିହାସର ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ୧୯୪୭ରେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁଲତାନ ସାରିଅରଙ୍କୁ ଡଚ୍ ସେନାଙ୍କ କବଳରୁ ଚତୁରତାର ସହ ଉଦ୍ଧାର କରି ବିମାନରେ ଭାରତ ନେଇଆସିବା ଭଳି ବିପଦ ସଂକୁଳ ବିମାନ ଅଭିଯାନର ସେ ଥିଲେ ଦୁର୍ଦ୍ଦଶ ସେନାନୀ। ରୁଷ ପକ୍ଷରୁ ତାଙ୍କୁ ସମ୍ମାନଜନକ ଜୁବୁଲୀ ମେଡାଲ ପ୍ରଦାନ କରାଯାଇଛି। ଇଣ୍ଡୋନେସିଆରେ ଭୂମିପୁତ୍ର ସମ୍ମାନ ହାସଲ କରିଛନ୍ତି। ତିବତ ବିରୋଧରେ ଚୀନର ଆକ୍ରମଣକୁ ପ୍ରତିହତ କରିବା ପାଇଁ ତାଙ୍କରି ପରାମର୍ଶରେ ନେହେରୁ ତିବତ ଗରିଲା ସେନାବାହିନୀ ଗଠନ କରାଇଥିଲେ।

ଡ୍ରାଇଭରର ବେପରୁଆ ଗାଡିଚାଳନା ରାସ୍ତା ପାର୍ଶ୍ୱକୁ ଓଲଟିଲା ଟ୍ରକ

ନିମାପଡ଼ା : ନିମାପଡାରୁ ଗୋଡି ଆଣିବାକୁ ଜଟଣୀ ଯାଉଥିବା ଏକ ଟ୍ରକ ଆଜି ସକାଳୁ ପିପିଲି -ନିମାପଡା ମୁଖ୍ୟ ରାସ୍ତା ତଥା ବଳଙ୍ଗା ଥାନା ଅନ୍ତର୍ଗତ ଭାଣପୁର ଛକ ନିକଟରେ ଭାରସାମ୍ୟ ହାରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଛି। ତେବେ ସୌଭାଗ୍ୟ ବଶତଃ ଡ୍ରାଇଭର ଏବଂ ହେଲପର ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତିଯାଇଛନ୍ତି । ଘଟଣାରୁ ପ୍ରକାଶ ଯେ ନିମାପଡା ର ଏକ ଟ୍ରକ ନଂ(ଓଆର ଏଫ୍ ୩୩୬୫) ଆଜି ସକାଳୁ ଜଟଣୀକୁ ଗୋଡି ଆଣିବାକୁ ଯାଉଥିବା ବେଳେ ଜଟଣୀରେ ନୋ ଏଣ୍ଟ୍ରୀ ଜୋନରେ ନିର୍ଦ୍ଧିଷ୍ଟ ସମୟରେ ପଂହଚିବାକୁ ଥିବାରୁ ଟ୍ରକଟି ଦ୍ରୁତଗତିରେ ଆସୁଥିଲା । ତେବେ ଭାଣପୁର–ଶାଳଜଙ୍ଗ ମଝିରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା ବେଳେ ଟ୍ରକ ଭିତରେ ଚାଳକ ସହିତ ହେଲପର ଚାପି ହୋଇ ରହି ଚିତ୍କାର କରିଥିଲେ । ଟ୍ରକ ଓଲଟି ପଡିଥିବା ଦେଖି ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ପଂହଚି ଟ୍ରକ ଭିତରେ ଚାପି ହୋଇ ରହିଥିବ ଚାଳକ ଏବଂ ହେଲପରକୁ ଉଦ୍ଧାର କରିଥିଲେ । ତେବେ ଚାଳକ ଏବଂ ହେଲପର ସାମାନ୍ୟ ଆହତ ହୋଇଥିଲା ବେଳେ ଉଭୟ ମଦ୍ୟପାନ କରିଥିବା ଜଣାପଡିଥିଲା। ଖବର ପାଇ ବଳଙ୍ଗା ପୁଲିସ ଘଟଣା ସ୍ଥଳରେ ପଂହଚି ଟ୍ରକକୁ ଜବତ କରିବା ସହିତ କ୍ରେନ ସାହାଯ୍ୟରେ ଉଠାଇ ଅନ୍ୟତ୍ର ନେବାକୁ ଚେଷ୍ଟା କରୁଥିବା ବେଳେ ଖବର ପାଇ ନିଜକୁ ଟ୍ରକ ମାଳିକ କହୁଥିବା ଜଣେ ବ୍ୟକ୍ତି ଅତ୍ୟନ୍ତ ମଦ୍ୟପାନ କରି ଟ୍ରକ ପାଖରେ ପଂହଚି ମୋ ଗାଡିର କାଗଜ ପତ୍ର ଠିକ୍ ଅଛି କହିବା ସହିତ ମୋ ଗାଡିକୁ ମୁଁ ନେଇଯିବି କହି ଉତ୍ପାତ କରିଥିଲେ ।

୧୦ ଦଫା ଦାବିନେଇ ଖଡିଆଳ ଡିଭିଜନ ଅଫିସରେ କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣା

ନୂଆପଡ଼ା: ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ୧୦ ଦଫା ଦାବୀ ନେଇ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ପକ୍ଷରୁ ମଙ୍ଗଳବାର ଗଣଧାରଣା ଦିଆଯାଇଛି । ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନର ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ସଂଘର କର୍ମଚାରୀ ଧାରଣାରେ ସାମିଲ ରହି ସରକାର କର୍ମଚାରୀଙ୍କ ଥିବା ବିଭିନ୍ନ ଦାବୀକୁ ଅତିଶିଘ୍ର ମାନିନେବାକୁ ଦାବୀ କରିଥିଲେ ।୧୦ ଦଫା ଦାବୀ ମଧ୍ୟରେ କେନ୍ଦୁପତ୍ର କର୍ମଚାରୀ ସଂଘର ବିଭିନ୍ନ ସମସ୍ୟା ଯଥା ସିଜିନାଲ କର୍ମଚାରୀ ଓ ଓ୍ୱାଚରମାନଙ୍କ ତୃଟିପୂର୍ଣ୍ଣ ଦରମା ନିର୍ଦ୍ଧାରଣ କରି ପୂର୍ବ ଅନୁସୃତ ପଦ୍ଧତିରେ ଦିଆଯାଉ, ସାମାଜିକ କଲ୍ୟାଣ ଯୋଜନା କାର୍ଯ୍ୟକ୍ରମ ଯଥା ଛାତ୍ର ବୃତି, ଝିଅ ବାହାଘର ସହାୟତା, ଚିକିତ୍ସା ସହାୟତା ଓ ମୃତ୍ୟୁକାଳୀନ ସହାୟତା ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ୨ ହଜାର କେରୀ ପରିବର୍ତେ ହଜାରେ କେରୀ ରଖାଯାଉ, ଏହି ଯୋଜନାର ପତ୍ର ତୋଳାଳୀଙ୍କ ବୟସସୀମା ୧୮ ରୁ ୬୦ ବଦଳରେ ୬୫ କରାଯାଉ, ରେଞ୍ଜ, ସେକ୍ସନ ଓ ଫଡିଘର ଉଚ୍ଛେଦ କରିବା ନିଷ୍ପତିକୁ ପ୍ରତ୍ୟାହାର କରାଯାଉ, ବିଡି ଓ କେନ୍ଦୁପତ୍ର ଉପରେ ଚଢା ଦରରେ ଲାଗୁ କରିଥିବା ଜିଏସଟିକୁ ପ୍ରତ୍ୟାହାର କରାଯିବା, ତୃଟିପୂର୍ଣ୍ଣ କେନ୍ଦୁପତ୍ର ବିକ୍ରୀନୀତି ଓ ପରିଚାଳନାଗତ ତୃଟିକୁ ସଂଶୋଧନ, ସୁନାବେଡା ଅଭୟାରଣ୍ୟର କୋର ଜୋନକୁ ବାଦ ଦେଇ ବଫର୍ସ ଜୋନରେ କେନ୍ଦୁପତ୍ର ଓ ଲଘୁ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ପ୍ରଦାନ, ଖଡିଆଳ ଡିଭିଜନରୁ ବାକିଥିବା ୧/୫ ୟୁନିଟ ଫାଲ ବ୍ୟବସ୍ଥା ଉଚ୍ଛେଦ କରାଯିବା, ସିଜିନାଲ କର୍ମଚାରୀଙ୍କ ଅବସରକାଳୀନ ବୟସସୀମା ୬୫ କରାଯିବା, ୧୯୯୩ ପରବର୍ତି କାର୍ଯ୍ୟରତ ଓ୍ୱାଚରଙ୍କୁ ନିୟମିତ କରିବା ପ୍ରମୁଖ ଦାବୀ ରହିଛି। ଏହି ଅବସରରେ ୧୦ ଦଫା ଦାବୀପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଖଡିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ପ୍ରଭଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଆଜିର ଏହି ଗଣଧାରଣାରେ ରୁଦ୍ରଦେବ ନାଗ, ନଟବର ନାଗ, ସର୍ବେଶ୍ୱର ମୁଣ୍ଡ, କ୍ଷେତ୍ର ପୁଟେଲ, କୃଷ୍ଣବଲ୍ଲଭ ବାରିକ, ଗଣେଶ୍ୱର ପ୍ରଧାନ, ଗୌରହରୀ କାଣ୍ଡ, କବିରାଜ ମାଝୀ, ପଳସ୍ତୀ ମାଝୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ। ସେହିପରି ସିନାପାଲି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ସମ୍ମୁଖରେ ମଧ୍ୟ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ପକ୍ଷରୁ ଗଣଧାରଣା ମଙ୍ଗଳବାର ଦିଆଯାଇଛି। ୧୦ ଦଫା ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିନାପାଲି ରେଞ୍ଜର ଦେବଦତ୍ତ ସୁତାରଙ୍କୁ ପ୍ରଦାନ କରାଯାଇଥିଲା । ସିନାପାଲି ଗଣଧାରଣାରେ ସଭାପତି ଉପେନ୍ଦ୍ର ନାଗ, ସମ୍ପାଦକ ମଙ୍ଗଳସେଠ ବର୍ଗତି, ସଦସ୍ୟ ଡମନ ସିଂ ନାଏକ, ଧନୁର୍ଯ୍ୟ ଗହୀର, ଅଖିଳ ସିଂବାଗ, ରାମଜିତ ବେମାଳ, ଜଗମୋହନ ଜଗତ, ମୋହନ ଭୋଇ, ଗଣପତି ଧାକଡ, ଲକ୍ଷ୍ମଣ ଛତ୍ରିଆଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ଥିଲେ।

ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ମାୟୋପିଆ ସଚେତନତା ପାଇଁ 'ମାଇଁସାଇକ୍ଲୋଥନ୍'

ଭୁବନେଶ୍ୱର : ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍(ଏଲ୍‌ଭିପିଇଆଇ), ଭୁବନେଶ୍ୱର ପକ୍ଷରୁ ଶିଶୁ ଏବଂ କିଶୋରମାନଙ୍କଠାରେ ଦେଖାଦେଉଥିବା 'ମାୟୋପିଆ' ବା ନିକଟ ଦୃଷ୍ଟିଦୋଷ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ 'ମାଇଁସାଇକ୍ଲୋଥନ୍'-ବେଟର ହେଲ୍‌ଥ, ବେଟର ସାଇଟ୍ ନାଁ ରେ ଏକ ସାଇକେଲ୍ ଯାତ୍ରା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟା ୩୦ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ସଂଗୃହିତ ଅର୍ଥରୁ ମାୟୋପିଆ ସମସ୍ୟାରେ ପୀଡିତ ଶିଶୁ ଏବଂ କିଶୋର, ଯେଉଁମାନେ ଏହାର ଚିକିତ୍ସା କରିବାକୁ ସକ୍ଷମ ନୁହନ୍ତି, ସେମାନଙ୍କର ଚିକିତ୍ସା କରାଯିବା ସହିତ ମାଗଣାରେ ଚଷମା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ମାଇଁସାଇକ୍ଲୋଥନ୍‌ର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି ଜଣାଶୁଣା ଅଭିନେତା ସିଦ୍ଧାନ୍ତ ମହାପାତ୍ର ସେ ମଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମେ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ମାଇଁସାଇକ୍ଲୋଥନ୍ ଅନ୍ୟ ଦୁଇଟି ପର୍ଯ୍ୟାୟକୁ ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର ଓ ଏମ୍‌ସିଏଲ୍‌ର ପ୍ରତିନିଧି ଅରବିନ୍ଦ ସାହୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ସାଇକେଲ ଆରୋହୀଙ୍କ ସମେତ ୪୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ମେଗା କ୍ୟାମ୍ପେନ୍‌ରେ ଅଂଶଗ୍ରହଣ କରିଥିଲେ।

ମାଇଁସାଇକ୍ଲୋଥନ୍‌ର ଶେଷ ହେବା ପରେ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା। ପୋଲିସ୍ କମିସନର ଡକ୍‌ଟର ସୁଧାଂଶୁ ଷଡଙ୍ଗୀ, ଏମ୍‌ସିଏଲ୍ ଡାଇରେକ୍ଟର ଫିନାନ୍ସ କେ. ଆର୍. ବାସୁଦେବନ୍, ଜେନେରାଲ ମ୍ୟାନେଜର ସିଏସ୍‌ଆର୍ ଏମ୍‌ସିଏଲ୍ ବି ସାଇରାମ୍ ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍, ପଟିଆ କ୍ୟାମ୍ପସ୍ ନିର୍ଦ୍ଦେଶକ ସୂର୍ଯ୍ୟସ୍ନାତ ରଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉପସ୍ଥିତ ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ଚିକିତ୍ସାରେ ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ : କାର୍ଯ୍ୟାନୁଷ୍ଠାନ ଦାବିରେ ଦକ୍ଷିଣାଚଂଳ ଡ଼ିଆଇଜିଙ୍କୁ ଦାବିପତ୍ର ପ୍ରଦାନ

ଗଞ୍ଜାମ : ଗତ ୧୭ ତାରିଖରେ ବ୍ରହ୍ମପୁର ବ୍ରହ୍ମାନଗର ସ୍ଥିତ ଗୁରୁଦେବ ନର୍ସିଂହୋମରେ ଅସ୍ତ୍ରୋପଚାର ପରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ନର୍ସିଂହୋମର ଡ଼ାକ୍ତର, ମାଲିକ, ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତକଙ୍କ ପରିବାର ପକ୍ଷରୁ ଦକ୍ଷିଣାଚଂଳ ଡ଼ିଆଇଜିଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଚିକିତ୍ସାରେ ଅବହେଳା ଯୋଗୁଁ ଏହି ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

୧୮ ମାସ ହେଲା ଏଟିଏମରେ ତାଲା ପଡିଛି ଉପଭୋକ୍ତା ହନ୍ତସନ୍ତ

କଣାସ: ବ୍ୟାଙ୍କ ମାନଙ୍କରେ ଜନସାଧାରଣଙ୍କୁ ଉତମ ସେବା ଯୋଗାଇଦେବା ପାଇଁ ନିଜ ନିଜ ଏରିଆ ମଧ୍ୟରେ ଏ.ଟି.ଏମ୍ ମାନ ଖୋଲିଛନ୍ତି। କିନ୍ତୁ, ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ପଂଚାୟତ ସିମିତି ନିକଟରେ ଥିବା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ଏ.ଟି.ଏମଟି ଦୀର୍ଘ ୧୮ମାସ ହେଲା ବନ୍ଦ ହୋଇ ରହିଥିବାରୁ ବ୍ୟାଙ୍କର ଗ୍ରାହକ ମାନେ ନାହିଁ ନଥିବା ଦୃର୍ଦଶା ଭୋଗ କରୁଛନ୍ତି। ଖବର ନେବାରେ ଜଣାପଡିଛି, କୌଣସି ଦୁର୍ବୃତ ୨୦୧୮ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ଉକ୍ତ ଏ.ଟି.ଏମଟି ଭାଙ୍ଗି ଟଙ୍କା ନେବାପାଇଁ ଚେଷ୍ଟା କରିଥିଲା । ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଏ.ଟି.ଏମ ଭଙ୍ଗା ସମ୍ପର୍କରେ କଣାସ ଥାନାରେ ଏତେଲା ଦେବା ସହ ଉଚ୍ଚ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। କଣାସ ଥାନା ଅଧିକାରୀ ଏ.ଟି.ଏମ ଭଙ୍ଗା ସମ୍ପର୍କରେ ତଦନ୍ତ କରିବା ଏବଂ ବ୍ୟାଙ୍କ ଉଚ୍ଚ ଅଧିକାରୀ ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଯାଇଥିଲେ। ଇତିମଧ୍ୟରେ ଦୀର୍ଘ ୧୮ ମାସ ବିତିଯାଇଥିଲେ ମଧ ଏ.ଟି.ଏମଟି ଖୋଲିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ବ୍ୟାଙ୍କରେ ଟଙ୍କା ଉଠାଣ ଓ ଡ଼ିପୋଜିଟ୍ ପାଇଁ ପ୍ରବଳ ଭିଡ଼ ଲାଗିରହୁଛି। ଉପଭୋକ୍ତାଙ୍କୁ ବ୍ୟାଙ୍କରେ ଘଂଟା ଘଂଟା ଧରି ଧାଡ଼ିରେ ଛିଡା ହେବାକୁ ପଡୁଛି । ଏ.ଟି.ଏମ ଖୋଲିବା ସମ୍ପର୍କରେ ଶାଖା ପରିଚାଳକ ଏସ.କେ. ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଆସିବା ଠାରୁ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଏ.ଟି.ଏମଟିକୁ ଖୋଲିବା ପାଇଁ ପତ୍ର ଲେଖିଲାଣି। କିନ୍ତୁ, ଉଚ୍ଚ ଅଧିକାରୀ ମାନେ ଏ.ଟି.ଏମଟିକୁ ଖୋଲିବାର କୌଣସି ବ୍ୟବସ୍ଥା କରୁନଥିବାରୁ ବ୍ୟାଙ୍କରେ ପ୍ରବଳ ଭିଡ଼ ହେଉଛି। ତୁରନ୍ତ ଏ.ଟି.ଏମଟିକୁ ଖୋଲିବା ପାଇଁ ବ୍ୟାଙ୍କର ଗ୍ରାହକମାନେ ଦାବି କରିଛନ୍ତି।

ପଓ୍ୱନ ମୁଞ୍ଜାଲ୍‌ଙ୍କୁ ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍ ସମ୍ମାନ

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଲିଃ.ର ଅଧକ୍ଷ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପଓ୍ୱନ ମୁଞ୍ଜାଲଙ୍କୁ ଗଲ୍ଫ ଖେଳର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନ ଜନକ ଏସିଆ ଗଲ୍ଫ ହଲ୍ ଅଫ୍ ଫେମ୍-୨୦୧୯ ସମ୍ମାନରେ ସମ୍ମାନୀତ କରାଯାଇଛି ।ବାହାମାସ୍ ସ୍ଥିତ ଆଲବାନିଠାରେ ହିରୋ ଓ୍ୱାର୍ଲ୍ଡ ଚ୍ୟାଲେଞ୍ଜ୍ ଅବସରରେ ଟାଇଗର ଉଡସ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ମୁଞ୍ଜାଲ୍ ସେଠାରେ ଯୋଗଦେଇଥିଲେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ଗଲ୍ଫର ଜ୍ୟାକ୍ ନିକ୍‌ଲାସ୍, ଗ୍ରେ ପ୍ଲେୟାର, ଡ. ଡେଭିଡ୍ ଚୁ ପ୍ରମୁଖ ଉପସ୍ଥିତ ଥିଲେ ।ଗତ ୨୦ ବର୍ଷରୁ ଅଧିକ ସମୟ ଧରି ମୁଞ୍ଜାଲ୍ ଗଲ୍ଫର ବିକାଶ ପାଇଁ ବିଶ୍ୱବ୍ୟାପି ପ୍ରୟାସ ଜାରି ରଖିଛନ୍ତି। ତାଙ୍କର ଏଭଳି ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି।

ରବିନ୍ଦ୍ରନାଥ ଟାଗୋର୍ ଇଣ୍ଟରନ୍ୟାସ୍‌ନାଲ୍ ଇଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସ ପକ୍ଷରୁ ଅଙ୍ଗଦାନ ଏବଂ ପ୍ରତିରୋପଣ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯/୦୧: ଶରୀରର ପ୍ରମୁଖ ଅଙ୍ଗମାନଙ୍କରେ ଅନେକ ପ୍ରକାର ରୋଗ ଦେଖାଦେଉଛି,ଯାହାଦ୍ୱାରା ଅନେକ ରୋଗୀଙ୍କର ଅକାଳରେ ମୃତ୍ୟୁ ଦେଖିବାକୁ ମିଳୁଛି ସେହି ସମୟରେ ଅଙ୍ଗ ପ୍ରତିରୋପଣ ଏକ ସହଜ ଉପାୟ ଯାହାଦ୍ୱାରା ରୋଗୀକୁ ବଚଂାଇହେବ, କିନ୍ତୁ ସଠିକ୍ ତଥ୍ୟ, ଅଙ୍ଗପ୍ରତିରୋପଣ ଇତ୍ୟାଦିର ସୁବିଧାରୁ ଅନେକ ରୋଗୀ ବଚିଂତ ହେଉଛନ୍ତି । ନିକଟରେ ଏକ ନିରିକ୍ଷଣରୁ ଜଣାପଡିଛି ଯେ, କାର୍ଡିଆକ୍ ଆରେଷ୍ଟ ଦ୍ୱାରା ପ୍ରତିବର୍ଷ ପାଖାପାଖି ୯୦୦୦ରୁ ଉର୍ଦ୍ଧ ରୋଗୀ ନିଜ ପ୍ରାଣ ହରାଉଛନ୍ତି, ଏହା ସହିତ ଏନ୍.ଏ.ଏଫ୍.ଏଲ୍.ଡି (ନନ୍-ଆଲକୋହୋଲିକ୍ ଫ୍ୟାଟି ଲିଭର ଡିଜିଜ୍) ମଧ ଓଡିଶାରେ ବ୍ୟାପିବାରେ ଲାଗିଛି । ଏହିପରି ଏକ ଦୃଢ ସମସ୍ୟାର ସମାଧାନ ଏବଂ ସ୍ୱଚ୍ଛାକୃତ ଅଙ୍ଗଦାନ ପ୍ରତି ଜାଗରଣ ସୃଷ୍ଟି କରିବା ପାଇଁ ରବିନ୍ଦ୍ରନାଥ ଟାଗୋର୍ ଇ???ରନ୍ୟାସ୍‌ନାଲ୍ ଇଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଠାରେ ଡଃ. ଆୟାନ କର, ହୃଦ୍‌ରୋଗ ବିଶେଷଜ୍ଞ (ଆର୍.ଟି.ଆଇ.ଆଇ.ସି.ଏସ୍-କୋଲକାତା) ଏବଂ ଡଃ. ସନ୍ଦିପ୍ ପାଲ୍, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞ (ଆର୍.ଟି.ଆଇ.ଆଇ.ସି.ଏସ୍-କୋଲକାତା) ଉପସ୍ଥିତ ରହି ଚର୍ଚ୍ଚାକରିଥିଲେ।

ଡଃ. କର କହିଛନ୍ତି ଯେ, " ଅନ୍ୟ ଅଙ୍ଗପ୍ରତିରୋପଣ ଅପେକ୍ଷା ହାର୍ଟ ଟ୍ରନ୍ସପ୍ଲା???ସନ୍ ଜଟିଳ ହୋଇଥାଏ, କାରଣ ଏହି ପ୍ରକ୍ରିୟାରେ ଡୋନର ମୃତ ଥାଏ । ଅନ୍ୟପକ୍ଷେ ଅତ୍ୟାଧୁନିକ ଜ୍ଞାନକୌଶଳ ଏହି ପ୍ରକ୍ରିୟାକୁ ସହଜ କରିଦେଇଛି, କିନ୍ତୁ ଏବେମଧ ସଚେତନତା ଅଭାବରୁ କିଛି ରୋଗୀମାନେ ଏହାର ସୁବିଧା ନେଇପାରୁନାହାନ୍ତି । ଦେଶରେ ହୃଦରୋଗ ଜନିତ ମୃତ୍ୟୁର ସଂଖ୍ୟା ଅନ୍ୟ ଅପେକ୍ଷା ବହୁତ ଅଧିକ । ଜଣେ ମଣିଷ ନିଜ ଅଙ୍ଗଦାନ କରିବାଠାରୁ ମହତପଣିଆ କିଛିନାହିଁ, ଅଙ୍ଗଦାନ କରିବାଦ୍ୱାରା ସେ ମୃତ୍ୟୁପରେ ମଧ ଅନ୍ୟକୁ ନୂତନ ଜୀବନଦାନ ଦେଇଯାଇଥାଏ ।"

ଏକ ସୁସ୍ଥଜୀବନ ଯାପନ କରିବା ପାଇଁ ସୁସ୍ଥ ହାର୍ଟ, କିଡ୍‌ନ୍ନି ଏବଂ ଲିଭର ଇତ୍ୟାଦି ସଠିକ୍ ଭାବେ କାର୍ଯ୍ୟକରିବା ନିହାତି ଆବଶ୍ୟକ, ସେହିପରି ଅଙ୍ଗଦାନ କରୁଥିବା ବ୍ୟକ୍ତି ମଧ୍ୟ ସୁସ୍ଥ ରହିବା ଆବଶ୍ୟକ ।

ଏହି ଟ୍ରାନ୍ସପ୍ଲାଣ୍ଟବିଷୟରେ ଡଃ. ସନ୍ଦିପ୍ ପାଲ୍ କହିଛନ୍ତି, " ଗମ୍ଭିର ରୋଗରେ ପିଡିତ ଥିବା ଅବସ୍ଥାରେ ଯେବେ ଶରୀରର ଅଙ୍ଗପ୍ରତ୍ୟେଙ୍ଗ ପ୍ରଚଳନରେ ଅସୁବିଧା ଦେଖାଦିଏ କିମ୍ବା ବନ୍ଦହୋଇଯାଏ , ସଙ୍ଗେସଙ୍ଗେ ଡାଃକ୍ତରଙ୍କ ପରାମର୍ଶନେଇ ଅଙ୍ଗପ୍ରତିରୋପଣ କରାଇନେବା ଅବଶ୍ୟକ । ଯେଉଁମାନେ ଅଗରୁ ଅଙ୍ଗପ୍ରତିରୋପଣ କରିଛନ୍ତି, ସେମାନେ ମଧ ସଠିକ୍ ସମୟରେ ଡାଃକ୍ତରଙ୍କ ପରାମର୍ଶ, ସଠିକ୍ ଚିକିତ୍ସାରେ ରହିବା ନିହାତି ଆବଶ୍ୟକ ।"

ବହୁସମୟଧରି ଦେଶରେ ଏହିପରି ଅନେକ ସମସ୍ୟା ଦେଖାଦେଉଛି, ଏହି ଦିଗରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ । ଏହାଛଡା ଆଜିକାଲିର ଅନିୟମିତ ଜୀବନଶୈଳୀ, ଅତ୍ୟଧିକ ମଦ୍ୟପାନ ତଥା ଅନ୍ୟାନ୍ୟ ନିଶା ଦ୍ରବ୍ୟ ସେବନ କାରଣ ଏବଂ କିଛିକ୍ଷେତ୍ରରେ ବଂଶଗତ ମଧ୍ୟ ଏହି ରୋଗ ଦେଖାଦେଇଥାଏ । ଏହି ସମ୍ମିଳନୀ ପରେ ଆଇ.ଏମ୍.ଏରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ ଡଃ. କର ଏବଂ ଡଃ. ପାଲ୍ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଙ୍ଗଦାନ ଏବଂ ପ୍ରତିରୋପଣ ବିଷୟରେ ସଚେତନ କରିଥିଲେ।

ପଦ୍ମଶ୍ରୀ ପ୍ରଫୁଲ କରଙ୍କୁ ପଂଚମ ଚାଣକ୍ୟ ସମ୍ମାନ

ଭୁବନେଶ୍ୱର: ଚାଣକ୍ୟ ପବ୍ଲିକ ସ୍କୁଲ ଶହିଦନଗର ଓ ମଳିପଡାର ବାର୍ଷିକ ଉତ୍ସବ ଜୟଦେବ ଭବନ ଠାରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମଶ୍ରୀ ପ୍ରଫୁଲ୍ଲ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଚାଣକ୍ୟଙ୍କର ମହତ ଗୁଣକୁ ଅନୁସରଣ କରି ଜୀବନରେ ମହାନବ୍ୟକ୍ତିର ପରିଚୟ ଦେବା ପାଇଁ ଅନୁପ୍ରାଣୀତ କରିଥିଲେ। ଚାଣକ୍ୟ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କୁ ଏହି ଉତ୍ସବରେ ପଂଚମ ଚାଣକ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚଳଚ୍ଚିତ୍ର ଅଭିନେତା ଶ୍ରୀ ମନୋଜ ମିଶ୍ର ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁରୁଜନ ଏବଂ ପରିବାର ପ୍ରତି ସମ୍ମାନ ଓ ଆଦର ଦେବାପାଇଁ କହିଥିଲେ। ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଦିଲ୍ଲୀପ ହାଲି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀ ଜ୍ୟୋତିଶଙ୍କର ମହାନ୍ତିଙ୍କର ଦୀକ୍ଷାନ୍ତ ଭାଷଣ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଅନୁରାଗ ସୃଷ୍ଟି କରିବା ପାଇଁ ପ୍ରେରଣା ଦେଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଶ୍ରୀମତୀ ଏଲୋରା ରାୟ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀ ରବି ନାରାୟଣ ପ୍ରଧାନ ବିଦ୍ୟାଳୟରୀ ବାର୍ଷିକ ବିବରଣୀ ପାଠ କରିଥିଲେ। କୁନି କଳାକାର ରାକେଶ ବିଶ୍ୱାଳଙ୍କ ଦ୍ୱାରା ପରିବେଷିତ ଭାୟୋଲିନ୍ ବାଦନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କୁନି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ।

ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହେଉନାହିଁ

ଗଞ୍ଜାମ: ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ବୈଠକ ନିୟମିତ ବସୁନାହିଁ। ଫଳରେ ରୋଗୀଙ୍କର କଲ୍ୟାଣ ଏବଂ ଡାକ୍ତରଖାନାର ଉନ୍ନୟନ କାର୍ଯ୍ୟ ବାଧକ ହେଉଥିବା ଜଣାପଡ଼ିଛି। ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ଅନୁଦାନ ଠିକ୍ ରାସ୍ତାରେ ଖର୍ଚ୍ଚ ହେଉନାହିଁ। ଡାକ୍ତରଖାନାକୁ ନିୟମିତ ଡାକ୍ତର ଫାର୍ମାସିଷ୍ଟ ଆସୁନାହାନ୍ତି, ରୋଗୀମାନେ ଠିକ୍ ସମୟରେ ଚିକିତ୍ସା ସେବା ପାଉନାହାନ୍ତି ଏବଂ ଡାକ୍ତରଖାନାରୁ ଔଷଧ ରୋଗୀଙ୍କୁ ମିଳୁନଥିବା ଜଣାପଡ଼ିଛି। ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟିର ଏନଜିଓ ସଦସ୍ୟ, ଶିକ୍ଷାବିତ ସଦସ୍ୟ ଏବଂ ଏସଏଚଜି ସଦସ୍ୟା ତଥା ଯେଉଁମାନେ କି ସ୍ୱାସ୍ଥ୍ୟ କ୍ଷେତ୍ରରେ ଦିଗଦର୍ଶନ ଦେଇପାରିବେ। ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲାପାଳ ଏବଂ ସରକାରୀ କଳ ଉପରେ ପ୍ରଭାବ ପକାଇ ଡାକ୍ତରଖାନାର ଉନ୍ନତି କରିପାରିବେ ସେହି ଧରଣର ସଦସ୍ୟମାନଙ୍କୁ ବୈଠକକୁ ନୋଟିସ ଦିଆଯାଇ ଡକାଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଗଞ୍ଜାମା ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସ୍ମୃତିଚାରଣ ସଭା

କୋରେଇ: ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚର ଏକ ସାଧାରଣ ସଭା ସଂଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ରାୟ ବିବରଣୀ ଉପସ୍ଥାପନ କରିବା ସହିତ ପରଲୋକଗତ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରହରାଜଙ୍କ ସ୍ମୃତିଚାରଣ କରି ସଂଘ ପକ୍ଷରୁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ "ଅନୁଭୁତିରୁ କେଇପଦ" ଶିର୍ଷକ ଆଲୋଚନାରେ ସର୍ବଶ୍ରୀ ସତ୍ୟାନନ୍ଦ ମହାରଣା, ବୈଷ୍ଣବ ଚରଣ ସାହୁ, ନାରାୟଣ ସାହୁ, ସନାତନ ବିଶ୍ୱାଳ, ରାମଚନ୍ଦ୍ର ବେହେରା, ବ୍ରଜବନ୍ଧୁ ଲେଙ୍କା, କାହ୍ନୁଚରଣ ନାଥ, ନିଳମଣୀ ନାୟକ, ଗୋକୁଳାନନ୍ଦ ମହାରଣା, ମଦନ ମୋହନ ବେହେରା ଓ ସାଧାରଣ ସଂପାଦକ ପ୍ରମୁଖ ଆଲୋଚନାରେ ଭାଗ ନେଇ ଜୀବନର ଅପରାହ୍ନରେ କାମନା ଶୂନ୍ୟ ଓ ଜଂଜାଳ ମୁକ୍ତ ଜୀବନ ଯାପନ ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ। ଆସନ୍ତା ମାର୍ଚ୍ଚ ମାସ ଦ୍ୱିତିୟ ସପ୍ତାହରେ ମହିଳା ସଭ୍ୟାମାନଙ୍କୁ ନେଇ ଏକ ମହିଳା ସମାବେଶ କରାଇ ମହିଳା ସଶକ୍ତିକରଣ ଉପରେ ଏକ ଆଲୋଚନା ଚକ୍ର ଆୟୋଜନ କରିବାକୁ ନିଷ୍ପତି ହୋଇଥିଲା।

ସାରଦୋକାନୀଙ୍କୁ ଚକମା ଦେଖାଇ ୭ହଜାର ଲୁଟିନେଲେ ଦୁର୍ବୃତ

ନିମାପଡ଼ା: ସାରଦୋକାନୀକୁ ଚକମା ଦେଖାଇ ଅତି ଚତୁରତାର ସହ ୨ଜଣ ଲୁଟେରା ୭ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯିବା ଘଟଣା ବଳଙ୍ଗା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଜି ମଧାହ୍ନରେ ନିମାପଡା ବ୍ଲକ ବଳଙ୍ଗା ଥାନା ଅନ୍ତର୍ଗତ ଭଗବତୀପୁର ବଜାରରେ ୨ଜଣ ଦୁର୍ବୃତ ଏକ ନାଲିପଲସର ବାଇକରେ ଆସି ପ୍ରଥମେ ବଜାରରେ ଥିବା ଏକ ତେଜରାତି ଦୋକାନରୁ ୫ଟା ୧୦ଟଙ୍କିଆ ଅମୁଲ ପ୍ୟାକେଟ କିଣି ଶହେ ଟଙ୍କା ଦେଇଥିଲେ। ଦୋକାନୀ ୫୦ଟଙ୍କା ଫେରାଇବାରୁ ସେମାନେ ହିନ୍ଦିରେ ରେଜା ମାଗିଥିଲେ। ଦୋକାନୀ ସେମାନଙ୍କ ଆଗରେ ଡ୍ରରୁ ରେଜା ଦେଲାବେଳେ ସେମାନେ ଡ୍ରରେ କେତେ ଟଙ୍କା ଅଛି ବୋଲି ନଜର କରି ଅଳ୍ପକିଛି ଟଙ୍କା ଥିବା ଜାଣି ସେଠାରୁ ଫେରିଥିଲେ ଏବଂ ପାଖରେ ଦୁର୍ଗାପୁର ଗ୍ରାମର ଶରତ ଚନ୍ଦ୍ର ଖୁଂଟିଆଙ୍କ ସାରଦୋକାନକୁ ଆସି ଏକ ମୁଗରେ ପଡୁଥିବା ଔଷଧ ମାଗିଥିଲେ ଏବଂ ଔଷଧ ନେଇ ଶହେ ଟଙ୍କା ଶରତଙ୍କୁ ଦେଇ ସମାନ ଢଙ୍ଗରେ ରେଜା ମାଗିଥିଲେ।

ଟାଟା ଷ୍ଟିଲ ଭୁବନେଶ୍ୱର ହାପ୍ ମାରାଥନର ୫ମ ସଂସ୍କରଣ ରେ ଅଂଶଗ୍ରହଣ କଲେ ଦେଶର ବିଭିନ୍ନ ଭାଗରୁ ୫୦୦୦ ପ୍ରତିଯୋଗୀ

ଭୁବନେଶ୍ୱର : ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ (ଟିଏସ୍‌ବିଏଚଏମ) ୫ମ ସଂସ୍କରଣ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆଜି ଏଠାରେ ଅନୁଷ୍ଠିତ ହୋଇଯାଇଛି । ମହିଳା ବର୍ଗରେ ସମସାସ୍ ଆରା ବେଗମ ଓ ପୁରୁଷ ବିଭାଗରେ ଶଙ୍କାରମଣ ଥାପା ବିଜେତା ଘୋଷିତ ହୋଇଛନ୍ତି। ଏହି ୨୧ କି.ମି ବ୍ୟାପୀ ହାଫ୍ ମାରାଥନ ଦୌଡ଼କୁ ମହିଳା ବିଜେତା ୦୧:୨୩:୪୦ ଓ ପୁରୁଷ ବିଚେତା ୦୧: ୦୬:୫୯ ସମୟରେ ଶେଷ କରିବା ସହ ଚଳିତ ବର୍ଷ ନୂଆ ଟିଏସ୍‌ବିଏଚଏମ ରେକର୍ଡ଼ ପ୍ରତିଷ୍ଠା କରିଛନ୍ତି ।ଟିଏସ୍‌ବିଏଚଏମ ୨୦୨୦ରେ ୩ଟି ପ୍ରତିଯୋଗିତା ଦୌଡ଼ ରହିଛି । ୨୧ କି.ମି (ହାଫ୍ ମାରାଥନ) ୧୮ରୁ ବା ଅଧିକ ବୟସର ଉଭୟ ମହିଳା ଓ ପୁରୁଷଙ୍କ ପାଇଁ , ୧୫ ବର୍ଷ ବା ଅଧିକ ବୟସ ପୁରୁଷ ଓ ମହିଳାଙ୍କ ପାଇଁ ୧୦ କି.ମି ଦୌଡ଼, ୧୨ ରୁ ୧୬ ବର୍ଷ ବୟସ ମଧ୍ୟରେ ଥିବା ବାଳକ, ବାଳିକାଙ୍କ ପାଇଁ ୫ କି.ମି ଦୌଡ଼ । ୩ ବର୍ଗର ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୫ ଜଣ ଲେଖାଁଏ ବିଜେତାଙ୍କୁ ସର୍ବମୋଟ ୮.୬୪ ଲକ୍ଷ ଟଙ୍କା ପୁରସ୍କାର ରାଶି ବିତରଣ କରାଯାଇଥିଲା। ୨୧.୦୯୭ କି.ମି ଦୁଇ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଁଏ ପୁରସ୍କାର ଅର୍ଥ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ବିଜ୍ଞାନ, ପ୍ରଯୁକ୍ତି ଓ ସରକାରୀ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (କେନ୍ଦ୍ର), ଓଡ଼ିଶା ସରକାରଙ୍କ କ୍ରୀଡ଼ା ଯୁବ ସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶାର ପିସିସିଏଫ ଆଇଏଫଏସ ଡକ୍ଟର ସନ୍ଦୀପ ତ୍ରିପାଠୀ, ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନର ସିଏମଡି ଆଇପିଏସ ଶ୍ରୀଯୁକ୍ତ ଲଳିତ ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ଦେବିଦତ ବିଶ୍ୱାଳ (ଆଇଏଫଏସ), ଦ୍ୱୈତ ନଗରୀ ପୁଲିସ କମିଶନରେଟର ଟ୍ରାଫିକ୍ ଡ଼ିସିପି ସାଗରିକା ନାଥ, ଟାଟା ଷ୍ଟିଲ କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ ସେବା ସାଧାରଣ ପରିଚାଳକ ଆର.ଆର.ଶତପଥି, ଟାଟା ଷ୍ଟିଲ ବିଏସଏଲର କର୍ପୋରେଟ ସେବା ମୁଖ୍ୟ ମଣିକାନ୍ତ ନାୟକ, ଟାଟା ଷ୍ଟିଲର ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ଦେବାଶିଷ ଜେନାଙ୍କ ସମେତ କଂପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କଳାକାର ସୁଶ୍ରୀ ଅର୍ଚ୍ଚିତା ସାହୁ ଓ ସବ୍ୟସାଚୀ ମିଶ୍ର ଉପସ୍ଥିତ ଥିଲେ ।

ଟିଏସବିଏଚଏମ୍ ୨୦୨୦ର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍‌ର ଉପ ସଭାପତି ଶ୍ରୀଯୁକ୍ତ ଚାଣକ୍ୟ ଚୌଧୁରୀ କହିଛନ୍ତି ଯେ, "ଓଡ଼ିଶା ସରକାରଙ୍କ ସହିତ ମିଶି ରାଜ୍ୟର କ୍ରୀଡ଼ାପ୍ରେମୀଙ୍କ ପାଇଁ ପୁଣି ଭୁବନେଶ୍ୱର ହାଫ ମାରାଥନର ପୁଣି ଏକ ସଫଳ ସଂସ୍କରଣ ଆୟୋଜନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଗୋଷ୍ଠୀ ସମ୍ପର୍କ ପାଇଁ କ୍ରୀଡ଼ା ଓ ସାଂସ୍କୃତିକ ଅଭିଯାନର ପ୍ରସାର କରିବା ଲାଗି ଆମର ଧାର୍ଯ୍ୟ ରହିଥିବା ଦର୍ଶନ ଅନୁସାରେ ଏହି ମାରାଥନ୍ ଆୟୋଜନ କରାଯାଇଛି। ଦେଶର କ୍ରୀଡ଼ା ସ୍ଥଳୀ ଭାବେ ଭୁବନେଶ୍ୱର ଦ୍ରୁତ ଗତିରେ ଉଦୀୟମାନ ହେଉଛି ଏବଂ ଏହି ଦୌଡ଼ ପାଇଁ ପଂଜୀକରଣରେ ହୋଇଥିବା ବୃଦ୍ଧି ବିଶେଷ କରି ସାରା ଦେଶରୁ ଆସିଥିବାରୁ ଆମେ ବହୁତ ଖୁସି।

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଗ୍ରାମୀଣ ଲୋକଙ୍କ ଆୟକୁ ସୁରକ୍ଷା ପ୍ରଦାନ କରିଥାଏ

ଭୁବନେଶ୍ୱର: ବର୍ତମାନ ଯୁଗରେ ଉପେକ୍ଷୀତ ବର୍ଗର ଲୋକମାନଙ୍କୁ ଆର୍ଥିକ ସେବା ପ୍ରଦାନ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସଂସ୍ଥାଗୁଡ଼ିକର ଭୂମିକା ବେଶ ଉତ୍ସାହଜନକ ରହିଛି। ରାଜ୍ୟର ଦାରିଦ୍ର୍ୟ ପ୍ରଭାବିତ ଅଂଚଳଗୁଡ଼ିକରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସଂପ୍ରସାରଣ ଲାଗି ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ, ବ୍ୟାଙ୍କ ଏବଂ ଅନ୍ୟାନ୍ୟଅଂଶୀଦାରମାନେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।ଓସାଫିର ସଭାପତି ଶ୍ରୀଯୁକ୍ତ ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏବଂ ଓଡ଼ିଶାର ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସଂସ୍ଥାଗତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପି କେ ବିଶ୍ୱାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ତୃତୀୟ ରାଜ୍ୟ ସ୍ତରୀୟ ଆର୍ଥିକଅନ୍ତର୍ଭୁକ୍ତୀକରଣ କନକ୍ଲେଭ୍-୨୦୨୦। ଓଡ଼ିଶାର ଆର୍ଥିକ ଅନ୍ତୁର୍ଭକ୍ତୀକରଣର ସ୍ଥିତି ଉପରେ ଅଧିବେଶନ ଆୟୋଜନକରାଯାଇଥିଲା ଏବଂ ଇକ୍ୱିଫାକ୍ସ କ୍ରେଡିଟ୍ ବ୍ୟୁରୋର ଶ୍ରୀଯୁକ୍ତ ମନୁ ସେହଗଲ୍ ରିପୋର୍ଟ ଉପସ୍ଥାପନ କରିଥିଲେ।ଆଶୀର୍ବାଦର ଏଭିପି ଶ୍ରୀଯୁକ୍ତ ଆଲୋକ ପଟ୍ଟନାୟକ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରଭାବ ସଂପର୍କିତ ରିପୋର୍ଟ ପ୍ରଦାନକରିଥିଲେ। ଓସାଫିର ସିଇଓ ଶ୍ରୀଯୁକ୍ତ ନରେନ୍ଦ୍ର ନାୟକ ଓସାଫିର କାର୍ଯ୍ୟକଳାପ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସିଡ୍‌ବିର ରାଜ୍ୟ ପ୍ରବନ୍ଧକ ଅଙ୍କିତା ମହାନ୍ତି, ସିଡ୍‌ବିର ପୂର୍ବତନ ଜିଏମ୍ ଶ୍ରୀଯୁକ୍ତ ଅଶୋକ ରଂଜନସାମଲ ଓ ସିଓ୍ୱାଇଏସଡିର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଜଗଦାନନ୍ଦ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ମଡେଲ୍ ଉପରେ ଆଲୋଚନାକରିଥିଲେ।ଏହି ଅବସରରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଓ ସଂସ୍ଥାଗତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପି କେ ବିଶ୍ୱାଳକହିଛନ୍ତି ଯେ," ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ପାଇଁ ଦାରିଦ୍ର୍ୟରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ସେମାନଙ୍କ ପାଇଁଓଡ଼ିଶାର ଗ୍ରାମାଂଚଳର ନିମ୍ନ ଆୟ ବର୍ଗର ଲୋକମାନଙ୍କ ପାଖରେ ବ୍ୟାଙ୍କିଙ୍ଗ ସେବା ପହଂଚିବାରେ ଉନ୍ନତି ହୋଇଛି।''କୃତଜ୍ଞତା ଜ୍ଞାପନ କରି ଓସାଫିର ସଭାପତି ଶ୍ରୀଯୁକ୍ତ ଦିବ୍ୟାଜ୍ୟୋତି ପଟ୍ଟନାୟକ କହିଛନ୍ତି ଯେ, "ମୁଁ ବହୁତ ଖୁସି ଯେ ଓସାଫିଏହାର ଉଦ୍ୟମକୁ ଜାରି ରଖି ସମସ୍ତ ମାଇକ୍ରୋଫାଇନାନ୍ସ ପ୍ରାକ୍ଟିସନରମାନଙ୍କୁ ଏକତ୍ରୀତ କରିପାରିଛି ଯଦ୍ୱାରା ଆମେମାନେନିଜ ନିଜର ଉଦ୍ୟମକୁ ଏକତ୍ରୀତ କରି "କାହାକୁ ପଛରେ ନ ଛାଡ଼ିବାର' ଲକ୍ଷ୍ୟ ନେଇ ନିମ୍ନ ଆୟ ବର୍ଗର ଲୋକମାନଙ୍କୁସେବା ପ୍ରଦାନ କରି ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛୁ।''ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ପଟ୍ଟନାୟକ ଜୀବିକା ସୁଯୋଗରେ ଉନ୍ନତି ଆଣିବାଲାଗି ମିଳିତ ଉଦ୍ୟମ କରିବା ଏବଂ ଏଥିରେ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକର ଭୂମିକା ବିଷୟରେ ଆଲୋଚନା କରିଥିଲେ।

ଏଭରେଷ୍ଟର ନୂତନ ‘ସୁପରକଲର’ ଆଜବେଷ୍ଟସ୍

ଭୁବନେଶ୍ୱର : ଏଭରେଷ୍ଟ ୧୯୩୪ ମସିହାରୁ ଉତ୍ତମ ଛାତ ପ୍ରଦାନ କ୍ଷେତ୍ରରେ ନିଜର ଯୋଗଦାନ ପ୍ରଦାନ କରିଆସିଛି। ଏହା ନିଜ ଗ୍ରାହକ ମାନଙ୍କୁ ସେମାନଙ୍କ ମୂଲ୍ୟର ଉତ୍ତମ ସାମଗ୍ରୀ ପ୍ରଦାନ କରିଥାଏ। ଏହାକୁ ଜାରୀ ରଖି ଏଭରେଷ୍ଟ ଗ୍ରାହକ ମାନଙ୍କ ପାଇଁ ପ୍ରଥମ ଥର ରଙ୍ଗୀନ ଆଜବେଷ୍ଟସ୍ ପ୍ରଦାନ କରିଛି। ଏହାଦ୍ୱାରା ଏଭରେଷ୍ଟ ନିଜ ଗ୍ରାହକ ମାନଙ୍କ ଛାତକୁ ଗ୍ରେ ରଙ୍ଗ ବ୍ୟତିତ ଲାଲ୍, ଖଇରିଆ, ହଳଦୀଆ, ନୀଳ, କପର ଏବଂ ସୁନେଲି ରଙ୍ଗ ପ୍ରଦାନ କରିଛି। ଏହା ବହୁତ ମଜବୁତ ହେବା ସହ ସମସ୍ତ ଋତୁରେ ସୁରକ୍ଷା ପ୍ରଦାନ କରିଥାଏ।ଏହି ଅବସରରେ ଏଭରେଷ୍ଟ ଇଣ୍ଡଷ୍ଟିର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମନୀଷ ସାଙ୍ଘି କହିଛନ୍ତି ଯେ, ‘ଏଭରେଷ୍ଟର ସୁପରକଲର ଆଧୁନୀକରଣର ଏକ ନୂତନ ପଦକ୍ଷେପ ରୂପେ ଦର୍ଶାଯାଇଛି। ଏଭରେଷ୍ଟ ସୁପରକଲର ଗ୍ରାହକଙ୍କୁ ଖରା ଏବଂ ଫଙ୍ଗାଲରୁ ସୁରକ୍ଷା ପ୍ରଦାନ କରିବା ସହ ଏକ ନୂତନ ପରିଚୟ ପ୍ରଦାନ କରିଛି। ସୁପରକଲର ସାମାନ୍ୟ ଆଜବେଷ୍ଟସ୍ ତୁଳନାରେ ଗ୍ରାମୀଣ ଭାରତକୁ ଏକ ନୂତନ ରୂପ ପ୍ରଦାନ କରିଛି।‘

ବଲାଙ୍ଗିର ଜିଲ୍ଲାରେ ବ୍ୟାପକ ଭାବରେ ମଦ ବିକ୍ରି

ବଲାଙ୍ଗିର ,୪।୩(ପି.ଏନ): ବଲାଙ୍ଗିର, ଟିଟିଲାଗଡ, ସଇନ୍ତଳା, କଣ୍ଟାବାଞ୍ଜି, ବେଲପଡା, ବଙ୍ଗୋମୁଣ୍ଡା, ଖପରାଖୋଲ, ପାଟଣାଗଡ, ଲୋଇସିଂହା, ତୁଷୁରା, ଦେଓଗାଁ, ଗୁଡୁକା, ସାଲେଭଟା ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ତଥା ବଲାଙ୍ଗିର ସହରର ଠିକାଦାରପଡା ଛକ, କଲେଜ ଛକ୍, ଶାନ୍ତିପଡା, ଲାଲଟିକ୍ରା, ତୁଳସୀନଗର, ରାଜୀବ ନଗର, ଇଚ୍ଛାପଡା, ଗାନ୍ଧୀନଗରପଡା, ତାଲପାଲି ପଡା ତଥା ସପ୍ତାହିକ ବଜାରରପ୍ରାଙ୍ଗଣ ମଧ୍ୟରେ ମଦର ବନ୍ୟା ସୁଅ ଛୁଟୁଛି। ଜନସାଧାରଣଙ୍କର ଯିବା ଆସିବା, ରହିବା ବ୍ୟାପକ ଭାବରେ ଲୋକଙ୍କର ଅସୁବିଧା ସୃଷ୍ଟିକରୁଛି । ତେଣୁ ଜନସାଧାରଣଙ୍କର ଅଭିଯୋଗ ମୁତାବକ ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଏଥିପ୍ରତି କର୍ଣ୍ଣପାତକରୁନାହାନ୍ତି। ବଲାଙ୍ଗିର ଜିଲ୍ଲା ଅବକାରୀ ବିଭାଗର ବିଫଳତା ତଥା ପ୍ରଶାସନର ନିରବତାକୁ ନେଇ ଜନସାଧାରଣରେ ନୈରାଶ୍ୟ ଭାବଉପୁଜିବା ସହ ଜନ ଆନ୍ଦୋଳନ ହେବାର ସମ୍ଭାବନାକୁ ଦୃଢ କରିବାରେ ଲାଗିଛି । ଏଥିଯୋଗୁଁ ସହରର କିଛି ଅସାମାଜିକ ବ୍ୟକ୍ତିବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଏଥିପ୍ରତି ଧ୍ୟାନ ଦେବାକୁ ବୁଦ୍ଧିଜିବୀ ମହଲ ଓ କେତେକ ଅନୁଷ୍ଠାନ ତରଫରୁ ପ୍ରଶାସନକୁ ଚେତେଇ ଦିଆଯାଉଛି । ବଲାଙ୍ଗିର ସହରରେ ଯେତେ ପ୍ରକାର ଟ୍ରାକ୍ଟର ଚାଲୁଛି ତନମଧରେ ୯୦ ପ୍ରତିଶତ ଟ୍ରାକ୍ଟର ବାଲି, ଇଟା, ମୁରୁମ୍, ଗେଟି, ମାଟି, ଚିପ୍ସ,ମେଟାଲ ବିନା ଢାଙ୍କୁଣିରେ ବେଧଡକ ଭାବେ ସହର ମଧରେ ବ୍ୟାପକ ପରିମାଣରେ ଚାଲୁଅଛି । ଯଦ୍ୱାରା ଧୂଳି ଦ୍ୱାରା ଟ୍ରାକ୍ଟରରୁ ବାହାରୁଥିବା ଗୁଣ୍ଡଭର୍ତ୍ତି ଧୂଳିକଣା ଦ୍ୱାରା ଶାରିରୀକ ଯକ୍ଷ୍ମା ରୋଗ, ଶ୍ୱାସ ରୋଗ, ଆଖି ରୋଗ ଯୋଗୁଁ ସାଧାରଣ ଜନତା ନାହିଁ ନ ଥିବାଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦ୍ୱାରା ଜିଲ୍ଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ତଥା ତାଗିତ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ । ବଲାଙ୍ଗିର ମ୍ୟୁନିସିପାଲିଟିକୁ ଅଭିଯୋଗ ବିଗତ ପ୍ରାୟ ବହୁ ଦିନ ଧରି ମ୍ୟୁନିସିପାଲିଟିର ବ୍ୟବହାର ହେଉଥିବା ମଇଳା ଆବର୍ଜନା,ଡ୍ରେନ୍ ର ମଇଳା ଆବର୍ଜନା ବିନା ଢାଙ୍କୁଣି/ଜାଲି ରେ ବୁହା ଚାଲିଛି । ଲୋକ ଦୁର୍ଗନ୍ଧ ଦ୍ୱାରା ବହୁ ଅସୁବିଧାର ସମ୍ମୁଖୀନ ହେବାର ନଜିରରହିଅଛି । ବଲାଙ୍ଗିର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହି ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଏଥିପ୍ରତି କୌଣସି ପ୍ରକାରପଦକ୍ଷେପ ନେଉ ନାହାନ୍ତି। ଏହା ଜନ ଅସନ୍ତୋଷର ସମ୍ଭାବନା ଉପୁଜାଉଛି ।

ଗାଈ ଚରଉ ଥିବାବେଳେ ବାରହା ଆକ୍ରମଣ, ଅନ୍ତ ବୁଜୁଳା ବାହାରି କରିପକାଇଲା

କେନ୍ଦୁଝର: ଗାଈ ଚରାଉ ଥିବା ବେଳେ ଏକ ବାରହ ଆକ୍ରମଣର ଶୀକାର ହୋଇଛି ଗାଇ ଚରାଳୀ । ହଠାତ୍ ଗାଇ ଚରାଳୀ କୁ ଆକ୍ରମଣ କରି ଏକ ଜଙ୍ଗଲି ବାର୍‌ହା ତାର ଅନ୍ତ ବୁଜୁଳା ବାହାରି କରିପକାଇଛି । ଏବଂ ଗୁରୁତର ଅବସ୍ଥା ରେ ଗାଇ ଚରାଳୀକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ଫରେଷ୍ଟ ବିଟର ଛଡିଆ ଗାଁ ନିକଟସ୍ଥ ବିଲ ରେ ଏହି ଅଭାବନୀୟ ଘଟଣା ଘଟିଛି । ସ୍ଥାନୀୟ ଗୋଳାବନ୍ଧ ଗାଁ ର ଜଳଧର ମୁଣ୍ଡା ନିକଟସ୍ଥ ଜଙ୍ଗଲ ନିକଟରେ ଗାଇ ଚରାଉ ଥିଲେ । ସେ ସମୟରେ ହଠାତ ଏକ ଜଙ୍ଗଲି ବାର୍‌ହା ତାଙ୍କୁ ଆକ୍ରମଣ କରିଥଲା । ଜଳଧର ମଧ୍ୟ ବାର୍‌ହା ସହ ଅନେକ ସମୟ ଧରି ଲଢିଥିଲେ ।

ଆରସେଲର ମିତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ, ଭଣ୍ଡର ପାଓ୍ୱାର ପ୍ଲାଂଟ ଅଧିଗ୍ରହଣ କଲା

ଭୁବନେଶ୍ୱର : ଆରସେଲର ମିତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ଗୁଜରାଟର ହାଜିରାଠାରେ ଥିବା ଏଡ଼ଲଓ୍ୱିସ୍ ରିକନଷ୍ଟ୍ରକଶନ୍ କମ୍ପାନୀର ଭଣ୍ଡର ପାଓ୍ୱାର ପ୍ଲାଂଟକୁ ଅଧିଗ୍ରହଣ କରାଯାଇଛି। ଏନେଇ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି।ଭଣ୍ଡର ଏକ ପ୍ରାକୃତିକ ଗ୍ୟାସ୍ ଏବଂ ଥର୍ମାଲ ଶକ୍ତି ଦ୍ୱାରା ପରିଚାଳିତ ପ୍ଲାଂଟ। ଏହା ଉତ୍ପାଦନ କ୍ଷମତା ୫୦୦ମେଗାଓ୍ୱାଟ୍ ରହିଛି।ଭଣ୍ଡର ୨୦୦୬ରେ କାର୍ଯ୍ୟକ୍ଷମ ହୋଇଥିଲା। ତେବେ ବ୍ୟବସାୟିକ ଭାବେ ଏହା ୨୦୦୮ଠାରୁ କାର୍ଯ୍ୟ ଆରମ୍ଭ କରିଥିଲା।ଚଳିତ ମାସରେ ଏହା ପୂର୍ବରୁ ଆରସେଲର ମିତଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶାର କେଉଁଝର ଜିଲ୍ଲାର ଠାକୁରାଣୀ ବ୍ଲକ୍‌ରେ ଥିବା ଲୁହାପଥର ଖଣିର ଲିଜ୍ ହାସଲ କରାଯାଇଥିଲା। ଏହି ଖଣିରେ ୧୭୯.୨୬ ନିୟୁତ ଟନ୍ ଲୁହାପଥର ଗଛିତ ଥିବା ଅନୁମାନ କରାଯାଉଛି। ତେବେ ଆବଶ୍ୟକ କ୍ଲିୟରାନ୍ସ ମିଳିବା ପରେ ଏହି ଖଣିର କାର୍ଯ୍ୟ ଆରମ୍ଭ କରାଯିବ। ଏହି ସମ୍ପର୍କରେ ଆରସେଲର ମିତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ର ସିଇଓ ଦିଲ୍ଲିପ ଓମେନ୍ କହିଲେ, ହୋଇଥିବା ଅଧିଗ୍ରହଣ ଓ ଚୁକ୍ତି ନେଇ ଆମେ ବେଶ୍ ଆନନ୍ଦିତ।

ଉତ୍କଳ ଆଲୁମିନା ପକ୍ଷରୁ ୪୯ତମ ଜାତୀୟ ସୁରକ୍ଷା ଦିବସର ଶୁଭାରମ୍ଭ

ଭୁବନେଶ୍ୱର: ଜାତୀୟ ନିରାପତା ପରିଷଦର ନେତୃତ୍ୱରେ ସାରା ଦେଶରେ ୨୦୨୦ ମାର୍ଚ୍ଚ ୪ ତାରିଖ ଠାରୁ ୪୮ତମ ଜାତୀୟ ନିରାପତା ଦିବସ ପାଳନ କରାଯାଉଛି। ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ୍ ଲିମିଟେଡ୍ ପକ୍ଷରୁ ଏହାର ଦୋରାଗୁଡ଼ା କାରଖାନାର ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ନିରାପତାକୁ ନେଇ ସଚେତନତା ସୃଷ୍ଟି କରିବା ଲାଗି ୪୯ତମ ଜାତୀୟ ନିରାପତା ମାସ ପାଳନ କରାଯାଉଛି। ମାର୍ଚ୍ଚ ୪, ୨୦୨୦ରେ ଏକ ଗଣ ର୍‍ୟାଲି ଆୟୋଜନ କରାଯାଇଥିଲା ଏବଂ ଏହା ପରେ ମୁଖ୍ୟ ଅଫିସ ପଡ଼ିଆରେ ଉଦଘାଟନୀ ସମାରୋହର ଆୟୋଜନ କରାଯାଇଥିଲା। ୟୁଏଆଇଏଲ୍‌ର ସଭାପତି ଓ ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଏନ୍ ନାଗେଶ ପତାକା ଉତୋଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ବର୍ଷତମାମ କୌଣସି ପ୍ରକାର ଦୁର୍ଘଟଣାର ଶିକାର ନହୋଇ ନିଜର କାର୍ଯ୍ୟକୁ କିଭଳି ସୁରକ୍ଷିତ ଭାବେ କରିହେବ ସେ ନେଇ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରତିବଦ୍ଧତାର ନବୀକରଣ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ। ଉତ୍କଳରେ ଚଳିତ ମାସର ବିଷୟବସ୍ତୁ ହେଉଛି ‘ଅତ୍ୟାଧୁନିକ ପ୍ରଯୁକ୍ତିକୁ ବ୍ୟବହାର କରି ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରଦର୍ଶନରେ ଉନ୍ନତି ଆଣିବା।''ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ସଦସ୍ୟମାନେ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ଶପଥ ପାଠ କରିଥିଲେ। ଶ୍ରୀଯୁକ୍ତ ମଜହରୁଲ୍ଲା ବୈଗ, ଯୁଗ୍ମ ସଭାପତି-ଇଞ୍ଜିନିୟରିଂ ଓ ଏଲଡିସି, ଶ୍ରୀଯୁକ୍ତ ରବି ନାରାୟଣ ମିଶ୍ର, ଭିପି ପ୍ରୋସେସ ଓ ଶ୍ରୀଯୁକ୍ତ ପି ଭି କ୍ରିଷ୍ଣା, ଭିପି ପ୍ରୋଜେକ୍ଟଙ୍କ ତରଫରୁ ହିନ୍ଦୀ, ଓଡ଼ିଆ ଓ ଇଂରାଜି ଭାଷାରେ ନିରାପତା ଓ ସ୍ୱାସ୍ଥ୍ୟ ଶପଥ ପାଠର ପରିଚାଳନା କରାଯାଇଥିଲା। ଉତ୍କଳର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସତୀଶ ପାଇଙ୍କ ଏକ ବାର୍ତାକୁ ଏହି ଅବସରରେ ପାଠ କରାଯାଇଥିଲା ଯେଉଁଥିରେ ସେ କହିଥିଲେ ଯେ ହିଣ୍ଡାଲକୋ ବ୍ୟବସାୟର ମୂଳରେ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି ଓ ଶୂନ ଦୁର୍ଘଟଣା ହାସଲ କରିବାର ପ୍ରତିବଦ୍ଧତା ବିଷୟରେ ସେ ଜଣାଇଛନ୍ତି। ନିଜସ୍ୱ ବ୍ୟବହାରକୁ ନେଇ ବ୍ୟକ୍ତିଗତ ଦାୟିତ୍ୱ ନେବା, ଅନ୍ୟମାନଙ୍କୁ ସୁରକ୍ଷା ଦେବା ଏବଂ ଏକ ସୁରକ୍ଷିତ କର୍ମ ସଂସ୍କୃତି ପାଇଁ ପାରିପାର୍ଶ୍ୱକୁ ନିରୀକ୍ଷଣ କରିବା ଲାଗି ସେ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ୟୁନିଟ୍‌ର ସ୍ଥାନୀୟ ମୁଖ୍ୟମାନଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି ଯେ କଂଟ୍ରାକ୍ଟର ନିରାପତା ପରିଚାଳନାକୁ କାର୍ଯ୍ୟକାରୀ ଓ ସୁଦୃଢ଼ କର, ବ୍ୟବହାର ଭିତିକ ନିରାପତା (ବିବିଏସ) ଏବଂ ପରିବର୍ତିତ ବ୍ୟବସ୍ଥା ପରିଚାଳନା ନିୟମକୁ ପାଳନ କରିବାକୁ କହିଛନ୍ତି। ଆଗାମୀ ଦିନରେ ହିଣ୍ଡାଲ୍‌କୋରେ କର୍ମକ୍ଷେତ୍ରରେ ଶୂନ ଦୁର୍ଘଟଣା ଏବଂ ଆଘାତ ଲାଗି ସମୟ ନଷ୍ଟ ନକରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶ୍ରୀଯୁକ୍ତ ଏନ୍ ନାଗେଶ, ୟୁନିଟ୍ ମୁଖ୍ୟ ଓ ସଭାପତି, ଉତ୍କଳ, ସାଧାରଣ ନିରାପତା ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ନିଷ୍ଠାର ସହିତ ନିୟମ ପାଳନ କରିବା ଲାଗି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ୟୁଏଆଇଏଲର କର୍ମ କ୍ଷେତ୍ରରେ ‘ଶୂନ ଦୁର୍ଘଟଣା’ ସଂସ୍କୃତି ଉପରେ ସେ ଗୁରୁତ୍ୱ ଦେଇଥିଲେ ଏବଂ ବ୍ୟାବହାରିକ ନିରାପତାରେ ଉନ୍ନତି ଆଣିବା ଲାଗି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମାସବ୍ୟାପୀ ଚାଲିବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକର ଏଜେଣ୍ଡାର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା।

ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଖରେ ଦାବି : ସମାଜବାଦୀ ପାର୍ଟି

ଭୁବନେଶ୍ୱର : ୪।୩ : ପଦ୍ମ ପୁରସ୍କାର ଓ ଭାରତ ରତ୍ନ ଦିଆଯିବାର ୬୫ ବର୍ଷ ଇତିହାସରେ ଏ ପର୍ଯ୍ୟନ୍ତ ୮୭ଜଣ ଓଡ଼ିଆ ପଦ୍ମ ପୁରସ୍କାର ପାଇଛନ୍ତି । ସେଥିମଧ୍ୟରୁ ୭୨ଜଣ ପଦ୍ମଶ୍ରୀ ପାଇଥିଲା ବେଳେ ୧୨ଜଣଙ୍କୁ ପଦ୍ମଭୂଷଣ ଓ ୩ଜଣଙ୍କୁ ପଦ୍ମବିଭୂଷଣ ପୁରସ୍କାର ପ୍ରଦାନ କରାଯାଇଛି। ଦୁଃଖ ଓ କ୍ଷୋଭର କଥା ଆଜି ପର୍ଯ୍ୟନ୍ତ କୌଣସି ଜଣେ ହେଲେ ଯୋଗ୍ୟ ଓଡ଼ିଆଙ୍କୁ ଭାରତ ରତ୍ନ ପୁରସ୍କାର ପ୍ରଦାନ କରାଯାଇନାହିଁ । ଉତ୍କଳ ଗୌରବ ମଧୁସୂଦନ ଦାସ ହୁଅନ୍ତୁ, ଉତ୍କଳମଣି ଗୋପବନ୍ଧୁ ଦାସ ହୁଅନ୍ତୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ହୁଅନ୍ତୁ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ହୁଅନ୍ତୁ ସମସ୍ତଙ୍କୁ ଭାରତ ସରକାର ସର୍ବୋଚ୍ଚ ପୁରସ୍କାର ଦେବାରେ ବଞ୍ଚିତ କରିଆସିଛନ୍ତି । ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ବିଜୁ ବାବୁଙ୍କ ଅବଦାନ ସମସ୍ତେ ଜାଣିଛନ୍ତି । ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମ ହେଉ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସେନା ଘେରରେ ଥିବା ସୋଭିଏତ ଋଷ ସୈନ୍ୟବାହିନୀଙ୍କୁ ଖାଦ୍ୟ, ବସ୍ତ୍ର ଓ ଜୋତା ଯୋଗାଣ କରି ଉଦ୍ଧାର କରିବା ହେଉ କିମ୍ବା ସ୍ୱାଧୀନତା ପରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା, ତୃଣମୂଳସ୍ତରରେ ମହିଳାମାନଙ୍କର ଗଣତନ୍ତ୍ରରେ ଅଂଶଗ୍ରହଣ ନିଜେ ବଡ଼ ଶିଳ୍ପର ପୂଜାରୀ ଥିଲେ ମଧ୍ୟ ଗ୍ରାମାଞ୍ଚଳରେ କ୍ଷୁଦ୍ର ଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ବ୍ଲକରେ ପଞ୍ଚାୟତ ଶିଳ୍ପ ପ୍ରସାରଣ କାର୍ଯ୍ୟକାରୀ କରିବାରେ ବିଜୁ ପଟ୍ଟନାୟକ ଥିଲେ ଜଣେ ଅଗ୍ରଗଣ୍ୟ ରାଜନେତା । ଆଜି ଆମେ ଯେତେବେଳେ ବିଜୁ ପଟ୍ଟନାୟକଙ୍କର ୧୦୪ତମ ଜନ୍ମ ଜୟନ୍ତୀ ପାଳନ କରୁଛେ, ସେତିକିବେଳେ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧିନୋତ୍ତର ଭାରତ ବର୍ଷରେ ଦେଶ ଗଠନରେ ବିଜୁ ବାବୁଙ୍କ ଭୂମିକାକୁ ମନେ ପକାଇ ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରିବା ପାଇଁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି । ପାଟିର ରାଜ୍ୟସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଜଣେ ଦୂରଦୃଷ୍ଟି ସମ୍ପନ୍ନ ରାଜନେତା ବିଜୁ ବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଏହି ପତ୍ରର ଏକ ନକଲ ଓଡ଼ିଶା ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରି ଏହି ଦାବିକୁ ଦୃଢ କରିବା ପାଇଁ ସେ ନିବେଦନ କରିଛନ୍ତି ।

ଏସ୍‌ଏମ୍‌ଇଙ୍କୁ ସେବା ପ୍ରଦାନ କରିବ ‘ରାକା ପିଆର୍ ଅନଲାଇନ୍’

ଭୁବନେଶ୍ୱର: ମୁମ୍ବାଇର ରାକା ରେପୁଟେସନ ପକ୍ଷରୁ ଏକ ସ୍ୱତନ୍ତ୍ର ସେବା ରାକା ପିଆର୍ ଅନଲାଇନ୍ ଡଟ୍ କମ୍‌ର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଭାରତର ପ୍ରଥମ ଭର୍ଚୁଆଲ୍ ଜନ ସଂପର୍କ ଏଜେନ୍ସି। ଏହି ସେବାକୁ ୧୮ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଂଚଳର ୮୧ଟି ସହରରେ ଉଭୟ ଅଫଲାଇନ୍ ଓ ଅନଲାଇନ୍‌ରେ ପ୍ରଦାନ କରାଯିବ। ଏଥିରେ ମେଟ୍ରୋ ସହର, କ୍ଷୁଦ୍ର ମେଟ୍ରୋ ସହର, ଅଧିକାଂଶ ରାଜ୍ୟର ରାଜଧାନୀ ଓ ପ୍ରମୁଖ ଆଂଚଳିକ ବଜାରଗୁଡ଼ିକ ସାମିଲ ରହିଛି। ଭାରତର ଏସଏମଇଗୁଡ଼ିକୁ ରାକା ପିଆର ଅନଲାଇନ ସେବା ପ୍ରଦାନ କରିବ। ଏସଏମଇଗୁଡ଼ିକ ପକେଟକୁ ସୁହାଇବା ଭଳି ମୂଲ୍ୟରେ ଏହା ଉତ୍କୃଷ୍ଟ ସମାଧାନ ପ୍ରଦାନ କରିବ।ରାକା ପିଆର ଅନଲାଇନ ଡଟ କମ ହେଉଛି ମୁମ୍ବାଇର ରାକା ରେପୁଟେସନ ମ୍ୟାନେଜମେଂଟ ସର୍ଭିସେସ ପ୍ରାଇଭେଟ ଲିମିଟେଡର ଏକ ସଂସ୍ଥା। ଏହି କଂପାନି ଏଫଏମସିଜି ଠାରୁ ଆରମ୍ଭ କରି ଲାଇଫଷ୍ଟାଇଲ, ମନୋରଂଜନ, ସ୍ୱାସ୍ଥ୍ୟ ସେବା, ରିଅଲ ଇଷ୍ଟେଟ, ଫାର୍ମା, ପ୍ରଯୁକ୍ତି, ଇ-କମର୍ସ, ବ୍ୟାଙ୍କ, ଫାଇନାନ୍ସ କଂପାନି ଇତ୍ୟାଦି ୧୮ଟି କ୍ଷେତ୍ରର ୨୫୦ରୁ ଅଧିକ କ୍ଲାଏଂଟଙ୍କୁ ସେବା ଯୋଗାଇ ଦେଉଛି। ବିଗତ ୧୩ ବର୍ଷ ଭିତରେ ଏହା ୨୪୨ ଆଇପିଓଙ୍କ ଯୋଗାଯୋଗକୁ ପରିଚାଳନା କରିଛି।ଏହି ସେବା ସଂକ୍ରା‘ରେ ରାକା ରେପୁଟେସନର ପରିଚାଳନା ନିର୍ଦ୍ଦେଶକ ସୁଶୀଲ ବାହାଲ କହିଛନ୍ତି ଯେ, ‘ଭୌଗୋଳିକ ଏବଂ ଆର୍ଥିକ ସମସ୍ୟା ଯୋଗୁଁ ଲୋକ ସମ୍ପର୍କ ସେବା ବ୍ୟବହାର କରିପାରୁନଥିବା ସାରା ଦେଶର ଏସଏମଇଗୁଡ଼ିକ ଏହି ସେବା ଦ୍ୱାରା ଲାଭବାନ ହେବେ। ଅଧିକାଂଶ ପିଆର ସଂସ୍ଥା ମୁମ୍ବାଇ କିମ୍ବା ଦିଲ୍ଲୀରେ ରହିଛନ୍ତି । ଅନ୍ୟ ବଜାରଗୁଡ଼ିକରେ ରହୁଥିବା ଏସଏମଇଙ୍କ ପାଇଁ ଏହି ବଡ଼ ସହରରେ ଥିବା ପିଆର ଏଜେନ୍ସିଗୁଡ଼ିକ ଜରିଆରେ ଗଣମାଧ୍ୟମ ସହ ସମ୍ପର୍କ ରଖିବା ବହୁତ କଷ୍ଟକର। ଆମେ ପ୍ରଯୁକ୍ତିକୁ ବ୍ୟବହାର କରି ଏହି ସମସ୍ୟାର ସମାଧାନ କରିବୁ।''ରାକା ପିଆର ଅନଲାଇନ ପ୍ରେସ ବିଜ୍ଞପ୍ତି ଲେଖିବା, ଭାଷା ଅନୁବାଦ ଏବଂ ପ୍ରବକ୍ତାଙ୍କୁ ତାଲିମ ପ୍ରଦାନ କରିବା କାର୍ଯ୍ୟ ମଧ୍ୟ କରୁଛି। ଏହା ଖୁବଶୀଘ୍ର ବିଶ୍ୱ ସ୍ତରରେ ପହଂଚିବାକୁ ଚାହୁଛି ଏବଂ ଆସ‘। ୫ ବର୍ଷରେ ଅତିକମରେ ୧୦ଟି ଦେଶରେ ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲରେ ୨୯ ବର୍ଷୀୟ ବ୍ୟକ୍ତିଙ୍କ ଶରୀରରୁ ୧୨ କେଜିର ବିରଳ ଜେନେଟିକ୍ ଟ୍ୟୁମର୍‌ର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର: ଭୁବନେଶ୍ୱରର ଏକ ଅଗ୍ରଣୀ ହସ୍ପିଟାଲ, ବିଆର୍ ଲାଇଫ୍ କଳିଙ୍ଗ୍ ସୁପର ସ୍ପେଶାଲିଟି ହସ୍ପିଟାଲର ଡାକ୍ତରମାନେ ନିକଟରେ ଜଣେ ୨୯ ବର୍ଷୀୟ ବ୍ୟକ୍ତି ଚନ୍ଦ୍ରକା‘ ଶର୍ମାଙ୍କ ଶରୀରରୁ ୧୨ କେଜିର ବିରଳ ନ୍ୟୁରୋଫାଇବ୍ରୋମାଟୋସିସ୍ ଟାଇପ୍ ୧ ଜେନେଟିକ୍ ଟ୍ୟୁମର୍ ବାହାର କରିବା ପାଇଁ ଏକ ବିପଦପୂର୍ଣ୍ଣ ଅସ୍ତ୍ରୋପଚାର କରିଥିଲେ। ଉକ୍ତ ଟ୍ୟୁମର୍‌ର ଆକାର ୨୦ ଘ୨୫ ସେମି ଥିଲା। ଏହି ହସ୍ପିଟାଲ ନିଜର ଅତ୍ୟାଧୁନିକ ସର୍ଜିକାଲ ଟେକ୍ନୋଲୋଜିର ବ୍ୟବହାର କରି ଅସ୍ତ୍ରୋପଚାର କରିଥିଲା ଓ ରୋଗୀଙ୍କ ପେଟରେ ବଢୁଥିବା ଟ୍ୟୁମର୍‌କୁ ସଫଳତାର ସହ ବାହାର କରିଥିଲା।ନ୍ୟୁରୋଫାବ୍ରୋମଟୋସିସ୍ ଟାଇପ୍ ୧ (ଏନ୍ଏଫ୍୧) ହେଉଛି ଏକ ଜେନେଟିକ୍ ଅବସ୍ଥା ଯାହାକୁ ମୁଖ୍ୟତଃ ତ୍ୱଚାର ରଙ୍ଗରେ ପରିବର୍ତନ, ତ୍ୱଚାର ସ୍ନାୟୁ, ମସ୍ତିଷ୍କ ଓ ଶରୀରର ଅନ୍ୟ ଅଂଶରେ ଏକାଧିକ କ୍ଷୁଦ୍ର ଓ ନରମ ଟ୍ୟୁମର ବଢିବା ଭଳି ଲକ୍ଷଣ ଦ୍ୱାରା ଚିହ୍ନଟ କରାଯାଇଥାଏ। କିଶୋରାବସ୍ଥାରୁ ବର୍ତମାନ ପର୍ଯ୍ୟ‘, ଚନ୍ଦ୍ରକା‘ ପ୍ରାୟ ଏକ ଦଶନ୍ଧି ହେବ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିଲେ ଓ ଅତ୍ୟଧିକ ଯନ୍ତ୍ରଣାରେ ବଂଚିଥିଲେ। ଏନ୍ଏଫ୍ଓ୍ୱାନ ତାଙ୍କ ଶରୀରର ଗତଶୀଳତାକୁ ପ୍ରଭାବିତ କରିଥିଲା, ତାଙ୍କ ଶରୀରରେ ବଢୁଥିବା ଏକାଧିକ ଟ୍ୟୁମର ତାଙ୍କର ମେରୁଦଣ୍ଡକୁ ପ୍ରଭାବିତ କରିଥିଲା; ଯାହାଫଳରେ ସେ ସ୍କୋଲିଓସିସ୍‌ରେ ପୀଡିତ ହୋଇଥିଲେ ଓ ପ୍ରାୟ ୧୦-୧୫ ବର୍ଷ ମଧ୍ୟରେ ତାଙ୍କ ପେଟରେ ୧୨ କେଜିର ଏକ ଟ୍ୟୁମର ବଢିଥିଲା।ଏହି ବିପଦପୂର୍ଣ୍ଣ ଅସ୍ତ୍ରୋପଚାର ସମ୍ପର୍କରେ ବିଆର୍ ଲାଇଫ୍ କଳିଙ୍ଗ୍ ସୁପର୍ ସ୍ପେଶାଲିଟି ହସ୍ପିଟାଲର ଲାପାରୋସ୍କୋପିକ୍ ସର୍ଜନ୍ ଡା. ରମ୍ୟ ରଜନ ବେହେରା କହିଛନ୍ତି ଯେ, ‘ଆମର ପ୍ରଥମ ପ୍ରାଥମିକତା ଥିଲା ଏକ ବିଶାଳ ଟ୍ୟୁମର୍‌କୁ ବାହାର କରିବା ଯାହା ରୋଗୀଙ୍କ ଗତିଶୀଳତାକୁ ବ୍ୟାପକ ରୂପେ ପ୍ରଭାବିତ କରୁଥିଲା। ରୋଗୀଙ୍କର ଇଂଟ୍ରାଟ୍ୟୁମୋରାଲ ବ୍ଲିଡିଙ୍ଗ୍ ହେଉଥିଲା ଏବଂ ୨ଲିଟର ରକ୍ତ ସଞ୍ଚିତ ହୋଇ ଆନେମିଆର କାରଣ ହୋଇଥିଲା। ଆମେ ତତ୍କ୍ଷଣାତ୍ ରୋଗୀଙ୍କୁ ସ୍ଥିର ରଖିବା ପାଇଁ ୩ ୟୁନିଟ୍ ରକ୍ତ ଦେଇଥିଲୁ। ଏହାପରେ ଆମେ ଅସ୍ତ୍ରୋପଚାର କରି ଟ୍ୟୁମର୍‌କୁ ବାହାର କରିଥିଲୁ। ଏହି ଅସ୍ତ୍ରୋପଚାର ପ୍ରାୟ ୩ ଘଂଟା ପର୍ଯ୍ୟ‘ ଚାଲିଥିଲା। ତେବେ ଏକ ମାସ ପରେ ୨ୟ ପର୍ଯ୍ୟାୟରେ ତାଙ୍କର ସ୍ଥିତି ଓ ଚାଲିବା ଅକ୍ଷମତାକୁ ଠିକ୍ କରିବା ପାଇଁ ରୋଗୀଙ୍କ ଠାରେ ସ୍କୋଲିଓସିସ୍ ଚିକିତ୍ସାର ଆବଶ୍ୟକତା ରହିଛି।''ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ସମୟରେ ବିଆର୍ ଲାଇଫ କଳିଙ୍ଗ ସୁପର ସ୍ପେଶାଲିଟି ହସ୍ପିଟାଲର ୟୁନିଟ୍ ହେଡ୍ ଶ୍ରୀ ଭର୍ଗିସ ପି. ଜନ୍ ମଧ୍ୟ ଉପସ୍ଥିତ ଥିଲେ । ନିଜ ଚିକିତ୍ସା ସମ୍ପର୍କରେ ଚନ୍ଦ୍ରକା‘ ଶର୍ମା କହିଛନ୍ତି ଯେ, ‘ମୁଁ ଅନେକ ଡାକ୍ତରଙ୍କ ପାଖକୁ ଯାଇଥିଲି କିନ୍ତୁ କେହି ମୋର ଚିକିତ୍ସା କରିବା ପାଇଁ ରିସ୍କ ନେବାକୁ ଚାହୁଁନଥିଲେ। ମୋର ମୋ ନିଜ ଶରୀର ପ୍ରତି ଘୃଣାଭାବ ସୃଷ୍ଟି ହୋଇଥିଲା ଏବଂ ଏହି ବିଶାଳ ଟ୍ୟୁମର୍ ମୋତେ ବିରକ୍ତ କରାଉଥିଲା। ମୋତେ ବିଆର୍ ଲାଇଫ୍ କଳିଙ୍ଗ ସୁପର୍ ସ୍ପେଶାଲିଟି ହସ୍ପିଟାଲକୁ ରେଫର୍ କରାଯାଇଥିଲା ଯେଉଁଠାରେ ଡାକ୍ତରମାନେ ମୋର ଚିକିତ୍ସା କରିଛନ୍ତି ଏବଂ ବଂଚିବାର ଏକ ନୂଆ ଆଶା ଦେଇଛନ୍ତି।'' ଏନ୍ଏଫ୍୧ ଜିନ୍‌ରେ ପରିବର୍ତନ କାରଣରୁ ଏନ୍ଏଫ୍୧ ହୋଇଥାଏ, ଯାହାକି ଏକ ଅଟୋସୋମାଲ ପ୍ରାଧାନ୍ୟ ଶୈଳୀରେ ଆସିଥାଏ। ୫୦% ମାମଲାରେ ଏହା ପ୍ରଭାବିତ ପିତାମାତାଙ୍କ ଶରୀରରୁ ଜଣେ ବ୍ୟକ୍ତିଙ୍କ ଶରୀରକୁ ଯାଇଥାଏ। ଅନ୍ୟ ମାମଲାରେ ଏକ ନୂତନ ପରିବର୍ତନ କାରଣରୁ ଏନ୍ଏଫ୍୧ର କୌଣସି ପାରିବାରିକ ଇତିହାସ ବିନା ପ୍ରଥମ ଥର ପାଇଁ ଲୋକଙ୍କଠାରେ ଏହା ଦେଖାଯାଇଥାଏ। ଏହି ରୋଗରେ ପୀଡିତ ଲୋକଙ୍କଠାରେ ବିଭିନ୍ନ ପ୍ରକାରର ଟ୍ୟୁମର, ଉଭୟ ସାଧାରଣ (ଅଣ-କ୍ୟାନ୍‌ସରଯୁକ୍ତ) ଓ କ୍ଷତିକାରକ (କ୍ୟାନ୍ସରଯୁକ୍ତ) ଟ୍ୟୁମର ହେବାର ବିପଦ ରହିଥାଏ। ଶୀଘ୍ର ଚିହ୍ନଟ ଏବଂ ଟ୍ୟୁମର୍ ଓ କ୍ୟାନ୍ସର ସମେତ ଏନ୍ଏଫ୍୧ ସହ ଜଡିତ ଜଟିଳତା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଗଲେ ଜୀବନର ମାନରେ ଓ ବଂଚିବାର ସ୍ଥିତିରେ ସୁଧାର ଅଣାଯାଇପାରିବ।

କ୍ଲାସିକ ଲିଜେଣ୍ଡ୍ସ ପକ୍ଷରୁ ବିଏସ୍୬ ଜାୱା ମଡେଲ ବିଷୟରେ ଘୋଷଣା

ଭୁବନେଶ୍ୱର/ ପୁଣେ, : କ୍ଲାସିକ ଲିଜେଣ୍ଡ୍ସ ପ୍ରାଇଭେଟ ଲିମିଟେଡ ଜାୱା ଏବଂ ଫର୍ଟି ଟୁ ପାଇଁ ଭାରତରେ ବିଏସ୍୬ ମଡେଲ ସମ୍ପର୍କରେ ଘୋଷଣା କରିଛି। ପୂର୍ବରୁ କରାଯାଇଥିବା ଘୋଷଣା ଅନୁଯାୟୀ ଜାୱା ପେରାକ୍ ବିଏସ୍୬ ସର୍ତ୍ତ ପରିପାଳନକାରୀ ହୋଇସାରିଛି। ୨୦୧୮ ନଭେମ୍ବରରେ ବଜାର ପ୍ରବେଶ ସମୟରେ ଏହା ବିଏସ୬ ଉନ୍ମୁଖ ଇନ ହୋଇଥିବାବେଳେ ବିଏସ୬ ପରିପାଳନ ଆଡକୁ ଜାୱା ପାଇଁ ଏହାଏକ ସ୍ୱାଭାବିକ ପଦକ୍ଷେପ ଥିଲା। ୨୯୩ସିସି, ଲିକ୍ୱିଡ କୁଲ୍‌ଡ, ସିଙ୍ଗଲ ସିଲିଣ୍ଡର, ଡିଓଏଚ୍‌ସି ଇନ ସହ ଏଥିରେ ଏବେ ଭାରତର ପ୍ରଥମ କ୍ରସ୍ ପୋର୍ଟ ପ୍ରଯୁକ୍ତିକୌଶଳ ରହିଛି ଯାହା ଏକ ମୋଟରସାଇକେଲରେ ବ୍ୟବହାର କରାଯାଇଛି। ଏହା ମୋଟରସାଇକେଲ ଗୁଡିକୁ ସେଗୁଡିକର ବୈଶିଷ୍ଟ୍ୟଗତ ଟ୍ୱିନ ଏକ୍‌ଜଷ୍ଟ ପରିଚୟ ବଜାୟ ରଖିବାରେ ସମର୍ଥ କରାଇଛି ଏବଂ ନିର୍ଗମନ ସର୍ତ୍ତ ପୂରଣ କରିବା ସହିତ ସମାନ ଶକ୍ତି ଏବଂ ଟର୍କ ବଜାୟ ରଖିଛି। ଏହି ଘୋଷଣା କରି କ୍ଲାସିକ ଲିଜେଣ୍ଡ୍‌ସର ସିଇଓ ଶ୍ରୀ ଆଶିଷ ସିଂ ଯୋଶୀ କହିଛନ୍ତି, ‘ଦାୟିତ୍ୱସଂପନ୍ନ ଭାବେ ବାଇକ ଚଳାଇବା ହେଉଛି ଆମର ଏବଂ ଆମ ସମୁଦାୟର ଅନ୍ୟତମ ମୂଳ ମୂଲ୍ୟବୋଧ ଏବଂ ଜାୱା ଓ ଫର୍ଟି ଟୁ ଯେଉଁ ସମୟରେ ପରିକଳ୍ପନା କରାଯାଇଥିଲା ସେତେବେଳଠାରୁ ବିଏସ୍୬ ସର୍ତ୍ତକୁ କଡାକଡି ଭାବେ ପରିପାଳନ କରିବାକୁ ପ୍ରସ୍ତୁତ ଥିଲେ। ଉଭୟ ମୋଟରସାଇକେଲକୁ ଅଧିକ ପରିବେଶ ଉପଯୋଗୀ କରିବା ନିମନ୍ତେ ଅଧୁନାତନ କରିବା ସତ୍ତ୍ୱେ ଏହା ନିଜ ଚରିତ୍ର ଏବଂ ଚଳଣାର ଆନନ୍ଦ ଅପରିବର୍ତିତ ରଖିବାର ଏହା ମୂଳ କାରଣ।‘କ୍ଲାସିକ ଲିଜେଣ୍ଡ୍ସ ଜାୱା ରେ୍ ମୋଟରସାଇକେଲ ଦାମ୍ ୫୦୦୦ ଟଙ୍କାରୁ ୯୯୨୮ ଟଙ୍କା ପର୍ଯ୍ୟ‘ ତାହାର ଜାୱା ଓ ଫର୍ଟି ଟୁ ମଡେଲଗୁଡିକରେ ବୃଦ୍ଧି ଘଟାଇଛି। କାଟାଲିଟିକ୍ କନଭର୍ଟରେ ବ୍ୟବହାର ହେଉଥିବା ମୂଲ୍ୟବାନ ଧାତୁଗୁଡିକର ଦ୍ରୁତ ମୂଲ୍ୟବୃଦ୍ଧି ଏବଂ ବିଭିନ୍ନ ରଙ୍ଗ ବର୍ଗରେ ମୂଲ୍ୟଗତ ସଂଗତି ଆଣିବା ମଧ୍ୟରେ ଏଗୁଡିକର ମୂଲ୍ୟବୃଦ୍ଧି ଘଟିଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray